

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୧ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 21 MARCH 2024

Vol.No. 35 ■ No.80 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଏକାଠି କି ଏକା ଲଢ଼ିବୁ ସ୍ଥିର ହୋଇନି: ଏକାକୀ ଲଢ଼ିଲେ ସରକାର ଗଢ଼ିବା ପାଇଁ ହିଁ ଲଢ଼ିବୁ: ଶାହ



ଭୁବନେଶ୍ୱର, ୨୦/୩ (ନି.ପ୍ର): ରାଜ୍ୟରେ ବିଜେଡି ଓ ବିଜେପି ମଧ୍ୟରେ ନିର୍ବାଚନୀ ମେଂଟ ହେବ କି ନାହିଁ ତାକୁ ନେଇ ସସପେନ୍ସ ହଟିବାର ନାଁ ଧରୁନି। ଉଭୟ ବିଜେପି ଓ ବିଜେଡିର ଶୀର୍ଷ ନେତୃତ୍ୱଙ୍କ ବୟାନ ଏହି ମେଂଟ ସସପେନ୍ସକୁ ଅଧିକ ରହସ୍ୟମୟ କରିବାରେ ଲାଗିଛି। ଏସବୁ ମଧ୍ୟରେ ଆଜି ବିଜେପିର ଚାଣକ୍ୟ ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ପୁଣିଥରେ ଏକ ବଡ଼ ବୟାନ ଆସିଛି। ଓଡ଼ିଶାରେ ଏକାଠି ଲଢ଼ିବୁ କିମ୍ବା ଏକା ଲଢ଼ିବୁ ତାହା ସ୍ଥିର ହୋଇନି। ମାତ୍ର ଏକାକୀ ଲଢ଼ିଲେ ରାଜ୍ୟରେ ସରକାର ଗଢ଼ିବା ପାଇଁ ହିଁ ଲଢ଼ିବୁ ବୋଲି ଶାହ କହିଛନ୍ତି। ଗତକାଲି ବିଜେଡି ନେତା ଭିକେ ପାଣ୍ଡିଆନ ଦୁଇ ଦଳର ଶୀର୍ଷ ନେତା ଏକାଠି ହେବାକୁ ଚାହାଁନ୍ତି ବୋଲି ବୟାନ ଦେଇଥିଲେ। ନୂଆଦିଲ୍ଲୀରେ ଏକ ଜାତୀୟ ଟିଭି ଚ୍ୟାନେଲର କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେପିର ଚାଣକ୍ୟ ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ କହିଛନ୍ତି ଯେ, "ଓଡ଼ିଶାରେ ମେଂଟ ହେବ କି ନାହିଁ ସେ ନେଇ କିଛି ଚୂଡ଼ାନ୍ତ ହୋଇନି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏନେଇ ନିଷ୍ପତ୍ତି ନେବେ। ତେବେ ଏହା ନିଶ୍ଚିତ ଯେ, ଓଡ଼ିଶାରେ ଆମର ସ୍ଥିତି ବହୁତ ଅଧିକ ସୁଦୃଢ଼ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଲୋକଙ୍କ ଭଲପାଇବା ଅଛି। ଦଳର କର୍ମକର୍ତ୍ତା ଉତ୍ସାହ ଓ ବିନମ୍ରତାର ସହ ଏହାକୁ ସ୍ୱୀକାର କରୁଛନ୍ତି ଓ ଅନୁଭବ ବି କରୁଛନ୍ତି। ତେଣୁ ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନ ଫଳାଫଳ ବହୁତ ଭଲ ହେବ। ନିର୍ବାଚନୀ ପଣ୍ଡିତମାନଙ୍କ ଗଣନାଠୁ ଢ଼େରଗୁଣ ଅଧିକ ସିଟ୍ ପାଇବୁ। ତେବେ ବିଜେଡି ସହ ମେଂଟକୁ ନେଇ ଶ୍ରୀ ଶାହ ଆହୁରି କହିଛନ୍ତି ଯେ, "କିଛି ବି ହୋଇପାରେ। ଆମେ ଏକାଠି ଲଢ଼ିବୁ କି ଏକାକୀ ଲଢ଼ିବୁ ତାହା ସ୍ଥିର ହୋଇଯାଉ। ଯଦି ମିଶିକି ଲଢ଼ିବୁ ବିଜୁବାବୁ ନେତା। ସ୍ୱାଭାବିକ ଭାବେ ଆମେ ସହଯୋଗୀ ଭଳି ଲଢ଼ିବୁ। ଯଦି ଏକାକୀ ଲଢ଼ିବୁ ତା'ହେଲେ ସରକାର ଗଠନ କରିବାକୁ ହିଁ ଲଢ଼ିବୁ। ଶ୍ରୀ ଶାହ ଆହୁରି ମଧ କହିଛନ୍ତି ଯେ, ମେଂଟ ସର୍ବଦା ଆବଶ୍ୟକତା ଆଧାରରେ ହୁଏନି। ବହୁତ ଦଳ ରାଷ୍ଟ୍ରୀୟ ସ୍ୱାର୍ଥରେ ପ୍ରସଙ୍ଗଭିତ୍ତିକ ସମର୍ଥନ ଦେଇଥାନ୍ତି। ▶▶ପୃଷ୍ଠା ୭

## ୪୦ ଟଙ୍କା ପାଇଁ ଦୋକାନୀଙ୍କୁ ହତ୍ୟା



ଭଦ୍ରକ, ୨୦/୩ (ନି.ପ୍ର): ୪୦ ଟଙ୍କା ମାଗିବାରୁ ଦୋକାନୀଙ୍କୁ ହତ୍ୟା। ଏଭଳି ଏକ ଘଟଣା ଘଟିଛି ଭଦ୍ରକ ଜିଲ୍ଲାରେ। ମୃତକଙ୍କ ନାଁ ବିଜୟ ପଣ୍ଡା। ସେ ଭଦ୍ରକ ଟାଉନ୍ ଥାନା ପଥରଆଡ଼ି ଛକରେ ତେଜରାତି ଦୋକାନ କରିଥିଲେ। ଆଜି ସକାଳେ ବିଜୟ ପଣ୍ଡାଙ୍କ ଦୋକାନକୁ ଆସିଥିଲେ ଚରମ୍ପା ଅଞ୍ଚଳର ଯୁବକ ରମେଶ ପରିଡ଼ା। ତାଙ୍କ ଦୋକାନରୁ ୧୮୦ ଟଙ୍କାର ଜିନିଷ କିଣିଥିଲେ ରମେଶ। ସେ ଫୋନ ପେ' ମାଧ୍ୟମରେ ୧୪୦ ଟଙ୍କା ଦେଇଥିଲେ। ବିଜୟ ପଣ୍ଡା ତାଙ୍କୁ ଆଉ ୪୦ ଟଙ୍କା ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ପରେ ରମେଶ ତାଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ। ଶେଷରେ ବିଜୟ ପଣ୍ଡାଙ୍କୁ ସେ ଜୋରରେ ଧକ୍କା ଦେଇଥିଲେ। ଫଳରେ ବିଜୟ ତଳେ ପଡ଼ି ଅଚେତ ହୋଇ ଯାଇଥିଲେ। ସ୍ଥାନୀୟ ଲୋକ ବିଜୟଙ୍କୁ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବିଜୟ ପଣ୍ଡାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସଂପର୍କରେ ବିଜୟଙ୍କ ପରିବାର ଲୋକ ଟାଉନ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରୁଛି।

## ଆଜିଠୁ ଖରା: ୮ ରୁ ୧୦ ଡିଗ୍ରୀ ବଢ଼ିବ ଦିନ ତାପମାତ୍ରା

ଭୁବନେଶ୍ୱର, ୨୦/୩ (ନି.ପ୍ର): ଦୁଇ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବାବେଳେ ଆସନ୍ତାକାଲିଠାରୁ ବଦଳିବ ପାଗ। ଆସନ୍ତାକାଲିଠାରୁ ୨୪ ତାରିଖ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରା ୮ରୁ ୧୦ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି। ଆଗାମୀ ୨୧ ରୁ ୨୪ ତାରିଖ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରା ୮ ରୁ ୧୦ ଡିଗ୍ରୀ ଯାଏଁ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଆଜି ରାଜ୍ୟର ୧୨ଟି ସହରର ସର୍ବାଧିକ



ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ 'ଢ' ରେ କରାଯାଇଥିବା ପୋଷ୍ଟ ଅନୁଯାୟୀ, ଆସନ୍ତା କାଲିଠାରୁ ରାଜ୍ୟରେ ପାଗ ଫିଟିବା ସମ୍ଭାବନା ରହିଛି। ୨୨ରୁ ରାଜ୍ୟରେ ପାଗ ଦିନ ତାପମାତ୍ରା ୨୨ଡିଗ୍ରୀ ବା ଏହା ତଳେ ରହିଥିଲା। ବର୍ଷା ପ୍ରଭାବରୁ ଏମିତି ହୋଇଥିଲା। ଢେଙ୍କାନାଳର ସର୍ବାଧିକ ଦିନ ତାପମାତ୍ରା ୧୮.୯ ଡିଗ୍ରୀ ରେକର୍ଡ କରାଯାଇଥିଲା। ବାଲେଶ୍ୱରରେ ସର୍ବାଧିକ ଦିନ ତାପମାତ୍ରା ୨୧ ଡିଗ୍ରୀ ରହିଥିବା ବେଳେ ଚାନ୍ଦବାଲିରେ ୨୧, କଟକରେ ୨୦, ▶▶ପୃଷ୍ଠା ୭

## ଝାରପଡ଼ା ଜେଲରେ କମିଶନରେଟ୍ ପୁଲିସର ରେଡ୍: ମିଳିଲା ଗଞ୍ଜେଇ, ଚିଲମ

ଭୁବନେଶ୍ୱର: ଭୁବନେଶ୍ୱର ଝାରପଡ଼ା ଜେଲରେ ଆଜି କମିଶନରେଟ୍ ପୁଲିସ ପକ୍ଷରୁ ରେଡ୍ କରାଯାଇଛି। ଜେଲରେ ଗାଙ୍ଗୱାର ପରେ ଡିସିପିଙ୍କ ନେତୃତ୍ୱରେ ରେଡ୍ ହୋଇଥିବା ସୂଚନା ମିଳିଛି। ଜେଲର ପ୍ରତ୍ୟେକ ସେଲରେ ଛାନଭିନ୍ କରିଛି ସ୍ପେଶାଲ ଟିମ୍। ଏହି ଚଢ଼ାଉରେ ଡିସିପିଙ୍କ ନେତୃତ୍ୱରେ ୬ ଜଣ ଏସିପି, ୫ ଜଣ ଆଇଆଇସି ସହିତ ଏକ ପ୍ଲାଟୁନ ଫୋର୍ସ ସାମିଲ ହୋଇଛନ୍ତି। ପ୍ରତ୍ୟେକ ୱାର୍ଡରେ ଯାଞ୍ଚ କରାଯାଇଛି। ଗତକାଲି ଝାରପଡ଼ା ଜେଲରେ ଗ୍ୟାଙ୍ଗୱାର ହୋଇଥିବା ସୂଚନା ମିଳିଥିଲା। ଚକରା ଓ ଶମ୍ଭୁ ଗ୍ୟାଙ୍ଗ ମଧ୍ୟରେ ତୀବ୍ର ଗଣ୍ଡଗୋଳରୁ ରକ୍ତପାତ ହୋଇଥିଲା। ଘଟଣାକୁ ନେଇ ଜେଲ କର୍ତ୍ତୃପକ୍ଷଙ୍କ ଏତଲା ପରେ ଲକ୍ଷ୍ମୀସାଗର ଥାନାରେ ମାମଲା ରୁଜୁ ହୋଇଛି। ଘଟଣାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛି ଜେଲ ବିଭାଗ। ରେଡ୍ ନେଇ ଡିସିପି କହିଛନ୍ତି, ଜେଲରୁ ବିଶେଷ କିଛି ଆପତ୍ତିଜନକ ସାମଗ୍ରୀ ମିଳିନାହିଁ। କମନ୍ ଏରିଆରୁ କିଛି ଗଂଜେଇ, ବିଡ଼ି, ସିଗାରେଟ ଓ ଲାଇଟର୍ ମିଳିଛି। କେମିତି ଏପରି ସାମଗ୍ରୀ ଜେଲ ଭିତରକୁ ନ ଆସିବ, ସେଥିପାଇଁ ଜେଲ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯାଇଛି। ଜେଲର ସୁରକ୍ଷା ଓ ଆଗାମୀ ଦିନରେ ନିର୍ବାଚନ ଆସୁଥିବାରୁ ଏପରି ରେଡ୍ କରାଯାଇଥିବା କହିଛନ୍ତି ଡିସିପି।

## ଭିଜିଲାନ୍ସ ହାତରେ ଧରାପଡ଼ିଲେ କନିଷ୍ଠ ଯନ୍ତ୍ରୀ

ଖୋର୍ଦ୍ଧା, ୨୦/୩ (ନି.ପ୍ର): ପଚାଶ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜଣେ କନିଷ୍ଠ ଯନ୍ତ୍ରୀ। ତାଙ୍କ ନାଁ ସଙ୍ଗୀତା ମହାପାତ୍ର। ସେ ଖୋର୍ଦ୍ଧା ବ୍ଲକରେ କନିଷ୍ଠ ଯନ୍ତ୍ରୀ ଅଛନ୍ତି। ଏକ ଉନ୍ନୟନମୂଳକ କାର୍ଯ୍ୟର ଫାଇନାଲ୍ ବିଲ୍ କରି ଦେବା ପାଇଁ ସେ ଜଣେ ଠିକାଦାରଙ୍କୁ ଲାଞ୍ଚ ମାଗିଥିଲେ। ସଂପୃକ୍ତ ଠିକାଦାର ଏନେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ପ୍ରକାରେ ଆଜି ଠିକାଦାର ଜଣଙ୍କ ୫୦ ହଜାର ଟଙ୍କା ନେଇ କନିଷ୍ଠ ଯନ୍ତ୍ରୀ



ସଙ୍ଗୀତା ମହାପାତ୍ରଙ୍କୁ ଦେଇଥିଲେ। ସେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଲାଞ୍ଚ ନେଇ ଧରାପଡ଼ିବା ପରେ କନିଷ୍ଠ ଯନ୍ତ୍ରୀ ସଙ୍ଗୀତା ମହାପାତ୍ରଙ୍କ ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି। ତା'ସହିତ ଭୁବନେଶ୍ୱର ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ କନିଷ୍ଠ ଯନ୍ତ୍ରୀ ସଙ୍ଗୀତା ମହାପାତ୍ର ଉକ୍ତ ଠିକାଦାରଙ୍କର ୧୮ ଲକ୍ଷ ଟଙ୍କାର ବିଲ୍ ପାସ୍ କରି ଦେବା ପାଇଁ ୨ ଲକ୍ଷ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ।

## ରବିବାର ସତ୍ତ୍ୱେ ମାର୍ଚ୍ଚ ୩୧ରେ ଖୋଲା ରହିବ ବ୍ୟାଙ୍କ୍

ନୂଆଦିଲ୍ଲୀ, ୨୦/୩ : ରବିବାର ସତ୍ତ୍ୱେ ଚଳିତ ମାସର ଶେଷ ତାରିଖ ଅର୍ଥାତ ମାର୍ଚ୍ଚ ୩୧ରେ ସବୁ ବ୍ୟାଙ୍କ ଖୋଲା ରହିବ। ଦେଶର ସବୁ ଏଜେନ୍ସି ବ୍ୟାଙ୍କ ରବିବାର ଦିନ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମୁଖ୍ୟ ଜେନେରାଲ ମ୍ୟାନେଜରଙ୍କ ନାଁରେ ଜାରି ହୋଇଥିବା ନୋଟିଫିକେସନରେ କୁହାଯାଇଛି ଯେ ଭାରତ ସରକାର ମାର୍ଚ୍ଚ ୩୧ରେ ବ୍ୟାଙ୍କଗୁଡ଼ିକ ଖୋଲା ରଖିବା ପାଇଁ ଅନୁରୋଧ କରିଥିଲେ। ସରକାରୀ ନେଣଦେଣ ସହ ଜଡ଼ିତ ଦେଶର ସବୁ ବ୍ୟାଙ୍କର ବ୍ରାଞ୍ଚକୁ ରବିବାର ସତ୍ତ୍ୱେ ଖୋଲା ରଖିବାକୁ ଅନୁରୋଧ ଆସିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷର




ଶେଷ ଦିନ ହେଉଛି ମାର୍ଚ୍ଚ ୩୧। ଆର୍ଥିକ ବର୍ଷର ଶେଷ ଦିନ ସରକାରୀ ନେଣଦେଣକୁ ସୂଚାରରୂପେ ତୁଲାଇବା ପାଇଁ ମାର୍ଚ୍ଚ ୩୧ରେ ସବୁ ବ୍ୟାଙ୍କର ବ୍ରାଞ୍ଚଗୁଡ଼ିକ ଖୋଲା ରହିବ। ସରକାରୀ କାରବାର ସହ ଜଡ଼ିତ ଥିବା ବ୍ରାଞ୍ଚଗୁଡ଼ିକୁ ମାର୍ଚ୍ଚ ୩୧ରେ ଖୋଲା ରଖିବା ପାଇଁ ଏଜେନ୍ସି ବ୍ୟାଙ୍କକୁ ପରାମର୍ଶ ଦିଆଯାଇଛି। ସେହିପରି ଉକ୍ତ ଦିନ ବ୍ୟାଙ୍କ ସେବା ଜାରି ରହିବ ବୋଲି ବ୍ୟାଙ୍କଗୁଡ଼ିକ ମଧ୍ୟ ପ୍ରଚାର ମାଧ୍ୟମରେ ସମସ୍ତଙ୍କୁ ଜଣାଇବେ ବୋଲି ନୋଟିଫିକେସନରେ କୁହାଯାଇଛି।

## ବିଜେଡିରେ ମିଶିଲେ ବିଧାୟକ ଅଧିରାଜ ପାଣିଗ୍ରାହୀ

ଭୁବନେଶ୍ୱର, ୨୦/୩ (ନି.ପ୍ର): ଗତକାଲି କଂଗ୍ରେସରୁ ଇସ୍ତଫା ଦେଇଥିବା ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଆଜି ବିଜେଡିରେ ମିଶିଛନ୍ତି। ଶ୍ରୀ ପାଣିଗ୍ରାହୀଙ୍କ ସହ ଖଡ଼ିଆଳ, ବୋଡ଼େନ ଓ ସିନାପାଲି ବ୍ଲକର ଅଧ୍ୟକ୍ଷଙ୍କ ସମେତ ୪୦ଜଣ ସରପଞ୍ଚ ଓ ୩୪ ଜଣ ସମିତି ସଭ୍ୟ ମଧ ବିଜେଡିରେ ସାମିଲ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ବିଜେଡିର ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ମଙ୍ଗରାଜ, ନୂଆପଡ଼ା ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷିକା ତଥା ବିଜୁ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ମୁଖପାତ୍ର ପ୍ରିୟବ୍ରତ ମାଝୀଙ୍କ ଉପସ୍ଥିତିରେ ଦଳରେ



ଯୋଗ ଦେଇଥିଲେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ। ଏକ ନୂଆ ଓଡ଼ିଶା ଗଠନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତଥା ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଏବଂ ତାଙ୍କ ▶▶ପୃଷ୍ଠା ୭

## କେଜ୍ରିୱାଲଙ୍କୁ ସମନ ମାମଲା: ଇଡିକୁ ୨ ସପ୍ତାହ ମଧ୍ୟରେ ଜବାବ ମାଗିଲେ କୋର୍ଟ

ନୂଆଦିଲ୍ଲୀ, ୨୦/୩ : ଦିଲ୍ଲୀର ତଥା କଥିତ ମଦ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୯ଥର ସମନ କରିଛି। କେବଳ ସେତିକି ନୁହେଁ ଦିଲ୍ଲୀ ଜଳ ବୋର୍ଡ ମାମଲାରେ ଥରେ ସମନ କରାଯାଇଛି। ଏହି ମାମଲାରେ ଏବେ ଦିଲ୍ଲୀ ହାଇକୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟଙ୍କୁ ଜବାବ ମାଗିଛନ୍ତି। ପ୍ରକୃତରେ ଇଡିର ସମନକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ଆମ ଆଦମୀ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ। ଏହାର ଶୁଣାଣି କରି ଆଜି କୋର୍ଟ ଇଡିକୁ ଦୁଇ ସପ୍ତାହ ମଧ୍ୟରେ ଏନେଇ ଜବାବ ଦାଖଲ



କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଉତ୍ତରରେ ନିଜର ପ୍ରତି ଉତ୍ତର ଦାଖଲ କରିବାକୁ ଅରବିନ୍ଦ କେଜ୍ରିୱାଲଙ୍କୁ ଏକ ସପ୍ତାହ ସମୟ ଦିଆଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅସନ୍ତା ୨୨ ଏପ୍ରିଲରେ ହେବ। ଆମ୍ ଆଦମୀ ପାର୍ଟିର କହିବା କଥା ହେଲା, ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଇଡି ଆଇନର ଅନେକ ଧାରାକୁ ହାଇ କୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ▶▶ପୃଷ୍ଠା ୭

## ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

ନୂଆଦିଲ୍ଲୀ, ୨୦/୩ : ୨୦୨୪ ସାଧାରଣ ନିର୍ବାଚନ ନେଇ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ନିକଟରେ ତାରିଖ ଘୋଷଣା ହେବା ପରେ ଆଜି ନାମାଙ୍କନ ଦାଖଲ, ପ୍ରତ୍ୟାହାର ଏବଂ ପ୍ରାର୍ଥୀପତ୍ର ଯାଞ୍ଚ ନେଇ ସମ୍ପୂର୍ଣ୍ଣ ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି ବିଜ୍ଞପ୍ତି ଅନୁଯାୟୀ, ଏପ୍ରିଲ ୧୯ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜିଠାରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଯାଇଛି। ମାର୍ଚ୍ଚ ୨୭ରେ ନାମାଙ୍କନପତ୍ର ଦାଖଲ କରିବାର ଶେଷ ତାରିଖ। ବିହାରରେ ହୋଲି ପାଳନର ସ୍ୱତନ୍ତ୍ରତା ଥିବାରୁ ଏଠାରେ ନାମାଙ୍କନ ଭରିବାର ଶେଷ ତାରିଖ ମାର୍ଚ୍ଚ ୨୮କୁ ଧାର୍ଯ୍ୟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବିହାରର ୪୦ଟି ସିଟ୍ ମଧ୍ୟରୁ ଚାରିଟିରେ ମତଦାନ ହେବ। ସେହିପରି ମାର୍ଚ୍ଚ ୨୮ରେ ନାମାଙ୍କନପତ୍ର ଯାଞ୍ଚ କରାଯିବାକୁ ଥିବାବେଳେ ବିହାର ପାଇଁ ଏହା ମାର୍ଚ୍ଚ ୩୦କୁ ଧାର୍ଯ୍ୟ କରାଯାଇଛି। ପ୍ରାର୍ଥୀ ପ୍ରତ୍ୟାହାରର ଶେଷ ତାରିଖ ମାର୍ଚ୍ଚ ୨୦ ଥିବାବେଳେ ବିହାର ପାଇଁ ଏପ୍ରିଲ୍ ୨। ପ୍ରଥମ ପର୍ଯ୍ୟାୟ



ଲୋକସଭା ନିର୍ବାଚନରେ ୧୭ଟି ରାଜ୍ୟ ଏବଂ ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୨ ସଂସଦୀୟ କ୍ଷେତ୍ର ପାଇଁ ଭୋଟ୍ ପଡିବ। ଯେଉଁ ରାଜ୍ୟଗୁଡ଼ିକରେ ପ୍ରଥମ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ, ସେଗୁଡ଼ିକ ହେଉଛି ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଛତିଶଗଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଜମ୍ମୁ କଶ୍ମୀର, ଲାକ୍ଷାଦ୍ୱୀପ ଏବଂ ପୁଡୁଚେରୀ। ୧୮ତମ ଲୋକସଭା ପାଇଁ ସାତଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୧୯ରେ ହେବାକୁ ଥିବାବେଳେ ଏପ୍ରିଲ ୨୬ରେ ଦ୍ୱିତୀୟ, ୭ ମେ'ରେ ତୃତୀୟ, ୧୩ ମେ'ରେ ଚତୁର୍ଥ, ୨୦ ମେ'ରେ ପଞ୍ଚମ, ୨୫ ମେ'ରେ ଷଷ୍ଠ ଏବଂ ଜୁନ୍ ୧ରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାନ ନିର୍ବାଚନ ହେବ। ଜୁନ ୪ରେ ଏକାଠି ସମସ୍ତ ସାତ ପର୍ଯ୍ୟାୟ ନିର୍ବାଚନର ଫଳାଫଳ ପ୍ରକାଶ ପାଇବ।

## ଭାରତ ତୃତୀୟ ସର୍ବାଧିକ ପ୍ରଦୂଷିତ ଦେଶ

ନୂଆଦିଲ୍ଲୀ, ୨୦/୩ : ମାନବ ସମାଜର ଅବହେଳା ଓ ଦିନକୁ ଦିନ ବଢୁଥିବା ମନୁଷ୍ୟକୃତ ପ୍ରଦୂଷଣ ଯୋଗୁଁ ଆମ ଅଜାଣତରେ ଆମ ପରିବେଶ ଖୁବ ଶୀଘ୍ର କ୍ଷୟ ହେବାରେ ଲାଗିଛି। ଆମେ ଅଣଦେଖା କରି ଆଗତ ଭୟାବହତାକୁ ଏଡାଇ ଦେଇ ପାରୁ, ସେ ନେଇ କିନ୍ତୁ କିଛି ଅନୁଷ୍ଠାନ ଆମକୁ ସର୍ବଦା ଚେତେଇ ଦେଉଛନ୍ତି। ସେମାନଙ୍କ ମଧ୍ୟରେ ରହିଛି ସ୍ୱିଡେନର ଏୟାର କ୍ୱାଲିଟି ଇଣ୍ଡେକ୍ସ। ଏହି ସଂସ୍ଥାର ବାର୍ଷିକ ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ ଭାରତର ବାୟୁର ଗୁଣାତ୍ମକ ମାନ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଗତ ବର୍ଷ ଏୟାର କ୍ୱାଲିଟି ଇଣ୍ଡେକ୍ସରେ ଭାରତ ଅଷ୍ଟମ ସ୍ଥାନରେ ଥିବା ବେଳେ ଚଳିତ ବର୍ଷ ଏହା ଖସି ଆସି ତୃତୀୟରେ ପହଂଚିଛି। ଏହି ରିପୋର୍ଟ କେବଳ ପରିବେଶବିତ୍ ଓ ସରକାର ନୁହେଁ ସାଧାରଣ ଲୋକଙ୍କୁ ମଧ୍ୟ ଚିନ୍ତାରେ ପକାଉଛି। ମୋଟ ୧୩୪ଟି ଦେଶ ମଧ୍ୟରେ ବାଂଲାଦେଶର ବାୟୁର ମାନ ସବୁଠାରୁ ଖରାପ ହୋଇଥିବାରୁ ସେ ଏକ ନମ୍ବର ସ୍ଥାନରେ ରହିଛି। ଏହା ପଛକୁ ରହିଛି ପାକିସ୍ତାନ। ବାର୍ଷିକ ପି.ଏମ ୨.୫ର ହାରାହାରି ସାନ୍ଦ୍ରତା ▶▶ପୃଷ୍ଠା ୭

# ଶୁଖିଲାପଡିଛି ମହାରାଣୀ ସାଗର: ରୁଗୁଡିପଡା, ସାଗରପଡା ଓ ତୁଳସୀନଗରରେ ଜଳସଂକଟ

ବଲାଙ୍ଗିର, ୨୦/୩ (ନି.ପ୍ର): ବଲାଙ୍ଗୀର ସହରରେ ରାଜୁଡା ଅମଳରୁ ଥିବା ବିଶାଳ ପୁଷ୍କରିଣୀ ମହାରାଣୀସାଗର ଚଳିତବର୍ଷ ଶୁଖିଲା ପଡିଛି । ବଲାଙ୍ଗୀର ପୌରପାଳିକା ପକ୍ଷରୁ ଏହାର ପୁନଃରୁଦ୍ଧାର କାମ କରାଯିବାକୁ ହିଡ କଟାଯାଇ ଜଳନିଷ୍କାସନ କରାଯାଇଛି । ତେବେ ଏହି ବିଶାଳ ପୁଷ୍କରିଣୀର ଜଳକୁ ସଂପୂର୍ଣ୍ଣ ଶୁଖାଇ ଦେବାରୁ ଆଖପାଖ ଅଂଚଳର ରୁଗୁଡିପଡା, ସାଗରପଡା, ତୁଳୀନଗର, ଇଚ୍ଛାପଡା ଅଂଚଳରେ ବ୍ୟାପକ ଜଳସଂକଟ ଦେଖାଦେଇଛି । ଏହି ଅଂଚଳର କୂଅଗୁଡିକର ମଧ୍ୟ ଜଳସ୍ତର କମିଯାଇଛି । ଅନେକ ସାଗର ତଳ ଅଂଚଳରେ କୂଅ ଶୁଖିଗଲାଣି । ସେପଟେ ଯେଉଁ ଗରୀବ ଲୋକମାନେ ଏହି ପୁଷ୍କରିଣୀରେ ଗାଧୋଇବା ପାଇଁ ନିର୍ଭର କରୁଥିଲେ ସେମାନେ ସମସ୍ତେ ଅସୁବିଧାରେ ରହିଛନ୍ତି । ଗତ ଦୁଇମାସ ହେଲା ମହାରାଣୀ ସାଗରର ଜଳନିଷ୍କାସନ ହୋଇଛି । କିନ୍ତୁ ପଙ୍କ ଗୁଡିକ ଶୁଖି ପାରୁ ନଥିବାରୁ ମେସିନ ଲଗାଇ କାମ କରାଯାଇ ପାରୁନାହିଁ । ସହରାଂଚଳ ବିକାଶ ଅମୃତ ୨.୦ ଯୋଜନାରେ ପ୍ରାୟ ୧୨କୋଟି ଟଙ୍କା ମଞ୍ଜୁର ହୋଇଛି । ସ୍ଥାନୀୟ ସ୍ୱୟଂସହାୟୀକା ଗୋଷ୍ଠୀମାନଙ୍କୁ ଏହିକାମ କରିବାକୁ ଦାୟିତ୍ୱ ଦିଆଯାଇଛି । ଏସଏଚଜି ମହିଳାମାନେ ଗତ ଏକମାସ ତଳେ କାର୍ଯ୍ୟାଦେଶ ପାଇଲେଣି । କିନ୍ତୁ କାମ ଆରମ୍ଭ କରିନାହାଁନ୍ତି। ଯାହା ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ସ୍ଥାନୀୟ ମହିଳାମାନେ କହିଛନ୍ତି ଯେ, ଗରୀବ ଶ୍ରେଣୀର ଲୋକମାନେ ଗାଧୋଇବାକୁ ଏହି ମହାରାଣୀ ସାଗର ପାଣି ଉପରେ ନିର୍ଭର କରିଆସୁଥିଲେ। ଯଦିଓ ଏହାର ପୁନଃରୁଦ୍ଧାର କରାଯାଉଛି ସେହି ସମୟରେ ସାଗରର କିଛି ଅଂଶରେ ଖୋଳି ଗାତ କରିଦେଲେ ସେଠାରେ ପାଣି ବାହାରି ଜମିଯାଆନ୍ତା । ଯାହାକି ଲୋକଙ୍କ ଗାଧୋଇବା କାମରେ ଲାଗିପାରନ୍ତା। କିନ୍ତୁ ପୌରପାଳିକା ତାହା କରାଉନାହିଁ । ସେଥିପାଇଁ ଲୋକଙ୍କର ନାହିଁ ନଥିବା ଅସୁବିଧା ହେଉଛି । ଲୋକଙ୍କର ଏହି ଦାବିକୁ ନେଇ ପୌରାଧକ୍ଷା ଲିକା ସାହୁଙ୍କୁ ପଚାରିବାରୁ ଲୋକଙ୍କ ସୁବିଧା କରାଇବାକୁ ନିର୍ବାହୀଅଧିକାରୀଙ୍କୁ କୁହାଯାଇଛି ବୋଲି କହିଛନ୍ତି । ସେପଟେ ପୌରପାଳିକାର ଯନ୍ତ୍ରୀ ଦାୟୀତ୍ୱରେ ଥିବା ଇଂ.ପ୍ରଶାନ୍ତ ନାଏକଙ୍କୁ ପଚାରିବାରୁ ପୋଖରୀର ପଙ୍କ ଓଦା ରହିଛି ତେଣୁ ମେସିନ ଲଗାଇ କାମ କରାଯାଇ ପାରୁନାହିଁ । ଇଚ୍ଛାପଡା ପଟେ କାମ ଆରମ୍ଭ ହୋଇଛି । ଖୁବ ଶୀଘ୍ର ଲୋକଙ୍କୁ ଦାବିକୁ ଗ୍ରହଣ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ପ୍ରକାଶ ଯେ,ବଲାଙ୍ଗୀର ସହରର ୧୨୫ ଏକର ପରିମିତ ମହାରାଣୀସାଗର ଅନେକବର୍ଷ ପର୍ଯ୍ୟନ୍ତ ଅବହେଳିତ ହୋଇପଡିରହିଥିଲା । ପୂର୍ବରୁ କ୍ଷୁଦ୍ରଜଳସେଚନ ବିଭାଗ କିଛମାତ୍ରାରେ କାମ କରାଇଥିଲା । କିନ୍ତୁ କେତେକ ଅଂଚଳ ୫୦ ଏକର ରୁ ଅଧିକ ଲୋକ ଙ୍କ ଜବରଦଖଲକୁ ଚାଲିଯାଇଥିବା ବେଳେ ଏବେ ପ୍ରାୟ ୭୫ଏକର ଜମିରେ ପୋଖରୀଟି ରହିଛି । ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ଥିବା କଳିକେଶନାରାୟଣ ସିଂଦେଓଙ୍କ ଉଦ୍ୟମରେ ରାଜ୍ୟସରକାର ୧୨କୋଟି ଟଙ୍କାର ଅନୁଦାନ ଦେଇ ସାଗର ର ପୁନଃରୁଦ୍ଧାର ପାଇଁ ପଦକ୍ଷେପ ନେଇଛନ୍ତି । ପୌରପାଳିକାର ତୁରନ୍ତ ଏନେଇ ପଦକ୍ଷେପ ନେଇ ଲୋକଙ୍କର ସୁବିଧା କରାଇବାକୁ ଜନସାଧାରଣରେ ଦାବି ହେଉଛି ।

# ତାଲପାଲିପଡା ରାମଜୀ ମନ୍ଦିରର ରତ୍ନମୁଦ ଅନୁଷ୍ଠିତ

ବଲାଙ୍ଗିର, ୨୦/୩ (ନି.ପ୍ର): ବଲାଙ୍ଗୀର ସହରର ୪ନମ୍ବରୱାର୍ଡର ତାଲପାଲିପଡାରେ ବହୁବର୍ଷ ଅବହେଳିତ ହୋଇପଡିରହିଥିବା ମନ୍ଦିରର ପୁନଃନିର୍ମାଣ ଚାଲିଛି । ସ୍ଥାନୀୟ ପଡାବାସୀଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ମନ୍ଦିରକାମ ଶେଷପର୍ଯ୍ୟାୟରେ ପହଂଚିଛି । ଆଜି ଏହାର ରତ୍ନମଦ ସ୍ଥାପିତ ହୋଇଛି । ସ୍ଥାନୀୟ ପଡାବାସୀଙ୍କ ଉଦ୍ୟମରେ ଆଜି ସୁନ୍ଦରାକାଣ୍ଡ ସହ ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ହୋମଯଜ୍ଞ କରାଯାଇ ମନ୍ଦିରର ପବିତ୍ରତାସ କରାଯାଇଛି । ଗତକାଲି ସଂଧ୍ୟାରେ ପଡାର ମହିଳାମାନେ କଳସ ଶୋଭାଯାତ୍ରା କରି ପଡାପରିକ୍ରମା କରିଥିଲେ । ନିକଟସ୍ଥ ପୋଖରୀରୁ ଶୁଦ୍ଧଜଳ କଳସୀରେ ଆଣି ମନ୍ଦିରରେ ରଖାଯାଇଥିଲା । ତାଲପାଲିପଡାର ଦେବାନନ୍ଦ ପଟେଲ ଓ ଜୟନ୍ତି ପଟେଲ କର୍ତା ଦାୟିତ୍ୱ ତୁଲାଇଥିଲେ । କଅଗାଁର ସୁଶାନ୍ତ ମିଶ୍ର ପୂଜକ ରହିଥିବା ବେଳେ ଦୀପକ ମିଶ୍ର ସୁନ୍ଦରାକାଣ୍ଡ ପାଠ କରିଥିଲେ। ଦୀପକଙ୍କ ସମଧୁରକଣ୍ଠରେ ଉପସ୍ଥିତ ଭକ୍ତ ବିଭୋର ହୋଇଯାଇଥିଲା । ରତ୍ନମୁଦ କାର୍ଯ୍ୟକ୍ରମରେ ବଲାଙ୍ଗୀର ରାଜପରିବାରର ସଦସ୍ୟ ତଥା ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂଦେଓ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ସେହିପରି ପୌରାଧକ୍ଷା ଲିକା ସାହୁ,ବିଜେଡିର ରାଜ୍ୟ ସଂପାଦକ ପ୍ରଦ୍ୟୁତ ମିଶ୍ର ମଧ୍ୟ ଯୋଗଦେଇଥିଲେ । ସେହିକ୍ରମରେ ତାଲପାଲିପଡା ବାସୀଙ୍କ ଅନୁରୋଧ କ୍ରମେ ଏହି ରାମଜୀମନ୍ଦିର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଉନ୍ନୟନପାଣ୍ଠିରୁ ୬ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇ କାମ ଚାଲିଛି । ପୌରପାଳିକା ପକ୍ଷରୁ ରାମଜୀ ସ୍ୱୟଂସହାୟିକା ଗୋଷ୍ଠୀ ଏହାର କାମ କରାଉଛନ୍ତି । ଆଜି ଏହାର ରତ୍ନମୁଦ ସ୍ଥାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ତାଲପାଲିପଡାର ସମସ୍ତ ସ୍ୱୟଂସହାୟିକା ଗୋଷ୍ଠୀ ଯୋଗଦେଇଥିଲେ । ରତ୍ନମୁଦ ପାଇଁ ସହରର ଶ୍ରଦ୍ଧାଳୁମାନେ ଧାନ,ଅଷ୍ଟଧାତୁ ଓ ସୁବର୍ଣ୍ଣାଦି ପ୍ରଦାନ କରିଥିଲେ । ହଜାର ହଜାର ଶ୍ରଦ୍ଧାଳୁ ମନ୍ଦିରଉପରକୁ ଚଢି ରତ୍ନମୁଦ ପକାଇଥିଲେ ।

# କେନ୍ଦୁଝରରେ ନବନିର୍ମାଣ କୃଷକ ସଂଗଠନର ସିଂହାସନ ଖାଲିକର ସମାବେଶ

କେନ୍ଦୁଝର , ୨୦/୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରେ ମଙ୍ଗଳବାର ଦିନ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସହରର କାଳୀ ପଡିଆ ଠାରେ ସିଂହାସନ ଖାଲି କର ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ଜିଲ୍ଲା ସଭାପତି ଲକ୍ଷ୍ମୀଧର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଇନ୍ଦ୍ରମଣି ବିଶ୍ୱଳ ସଭା ପରିଚାଳନା କରିଥିଲେ । ଏହି ସମାବେଶରେ ନବ ନିର୍ମାଣ କୃଷକ ସଂଗଠନ ର ରାଷ୍ଟ୍ରିୟ ଅଧ୍ୟକ୍ଷ ଅକ୍ଷୟ କୁମାର ଯତ୍ନେଙ୍କ ଦେଇ କହିଥିଲେ ଯେ ସ୍ୱାଧୀନତା ର ୭୭ ବର୍ଷ ଭିତରେ ଖଣି ପାଣିରେ ଭରପୁର ଥିବା ଆଦିବାସୀ ବହୁଳ ଅଂଚଳ କେନ୍ଦୁଝର ବିକାଶିତ ହେବା ପରିବର୍ତେ ଚାଷୀ ଓ ଆଦିବାସୀ ତଳକୁ ତଳକୁ ଖସିବା ଚାଲିଛନ୍ତି । ବିଗତ ୧୪ ବର୍ଷ ଧରି ନିର୍ମାଣ କୃଷକ ସଂଗଠନ ଚାଷୀକୁ ମାସିକ ପେନସନ ୫ ହଜାର ଟଙ୍କା , ଧାନ କ୍ୟୁଟାଂଲ ୩ ହଜାର ୪୦୦ ଟଙ୍କା , ଚାଷୀକୁ ସମ୍ମାନ , ଚାଷୀ ବାର୍ଦ୍ଧକ୍ୟ ଭତା ୩ ହଜାର ଟଙ୍କା କରିବା ପାଇଁ ଲଢେଇ ଜାରି ରଖିଛୁ । କିନ୍ତୁ ରାଜ୍ୟ ସରକାର ୨୫ ବର୍ଷ ମଧ୍ୟରେ ଚାଷୀଙ୍କୁ ଭୁବନେଶ୍ୱର ରେ ପୁରାଇ ଦେଉନଥିବା ର ଅଭିଯୋଗ କରିଥିଲେ । ସେଥିପାଇଁ ଗତ୨୦୨୨ ମସିହା ନଭେମ୍ବର ମାସ ଠାରୁ ନବ ନିର୍ମାଣ କୃଷକ ସଂଗଠନର ଚାଷୀମାନେ ଆମର ଦରକାର ଚାଷୀ ସରକାର – ର ନାରା ଦେଇଥିଲେ । ଚାଷୀମାନେ ଏକାଠି ହୋଇ ଆସନ୍ତା ନିର୍ବାଚନରେ ଚାଷୀ ସରକାର ନିର୍ମାଣ କରିବେ ବୋଲି ଶ୍ରୀକୁମାର ତାଙ୍କ ବକ୍ତବ୍ୟ ରେ କହିଥିଲେ । ଅନ୍ୟତମ ରାଜ୍ୟ ସହ -ସଂଯୋଜକ ଉମାକାନ୍ତ ଭାରତ ତାଙ୍କ ବକ୍ତବ୍ୟରେ କେନ୍ଦୁଝରର ଲୁହାର ପାହାଡ ଉପରେ ବସିଥିବା ଲୋକ ଦାରିଦ୍ରତା ଭିତରେ ସଢୁଛି । ଜମିକୁ ଜଳସେଚନ ନାହିଁ , ଶୀତଳଭଣ୍ଡାର , ନାହିଁ ,ଧାନ ମଣ୍ଡିରେ ୫ କିଲୋ କାଟ ଚାଲିଛି. ବେକାର ଯୁବକ ମାନଙ୍କୁ ନିଯୁକ୍ତି ନାହିଁ କିନ୍ତୁ ନବୀନ ପଟ୍ଟନାୟକ ଏକ ନମ୍ବର ମୁଖ୍ୟମନ୍ତ୍ରୀ ର ପୁସ୍କାର ପାଉଛନ୍ତି । ସମୟ ଆସିଛି ବ୍ୟବସ୍ଥା ପରିବର୍ତନ ପାଇଁ ଅପଣମାନେ ଚାଷୀ , ମହିଳା , ଯୁବକଙ୍କ କାନ୍ଧରେ କାନ୍ଧ ଦେଇ ଭୋଟ ମଇଦାନରେ ଯଦି ଲଢେଇ କରିପାରିବା ତେବେ ନିଶ୍ଚିତ ଚାଷୀ ସରକାର ସ୍ଥାପନ ହୋଇ ପାରିବ ବୋଲି ଭାରତ ମତ ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଯୁବ ସଭାପତି ସ୍ମୃତି ରଜଂନ ମହାପାତ୍ର ଆଦିବାସୀ ସଘଂର ସଭାପତି ଚନ୍ଦ୍ର ମୋହନ ନାଏକ , ସାଧାରଣ ସଂପାଦକ ଜୀବନ ସିଂ ମୁନ୍ଦିଆ , ପାଟଣା ନିର୍ବାଚନ ମଣ୍ଡଳୀ ର ବିଧାୟକ ପାର୍ଥ ଦୀପକ ନାଏକ , ଜିଲା କାର୍ଯ୍ୟକାରୀ ସଭାପତି ଖଗେଶ୍ୱର ମହାନ୍ତଙ୍କ ସହ ଶ୍ୟାମ ସୁନ୍ଦର ମହାନ୍ତ ଦୁର୍ଯୋଧନ ମହାନ୍ତ , ପୁର୍ଣ୍ଣଚନ୍ଦ୍ର ସାହୁ , ମହିଳା ସଭାପତି ବିଳାସ ମହାନ୍ତ ଆଂଚଳିକ ସମସ୍ୟା ଉପରେ ମତ ପ୍ରକାଶ କରିଥିଲେ । ଏହି ସମାବେଶରେ ନେତୃତ୍ୱ ମାନଙ୍କ ମଧ୍ୟରେ ରାଜ କିଶୋର ମହାନ୍ତ ,କୁଷଧ୍ୱଜ ନାଏକ, ମାଧୁରୀ ମହାନ୍ତ , ବାବୁଲି ମହାନ୍ତ ,ସୁମିତ୍ରା ମାରେଣ୍ଡି , ଉମାକାନ୍ତ ମହାନ୍ତ , ପ୍ରିୟ ରଜଂନ ମହାନ୍ତ , ବିରେନ୍ଦ୍ର ମହାନ୍ତ , ଦିବାକର ପାତ୍ର, କରୁଣାକର ମହାନ୍ତ ପ୍ରଭୁତି ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେବା ସହ ସମାବେଶକୁ ସଫଳ କରିବାରେ ପ୍ରମୁଖ ଭୁମିକା ନିଭାଇଥିଲେ ।

# ବ୍ୟଙ୍ଗ କବି ଅର୍ପିତ ସେଠୀ ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା, ୨୦/୩ (ନି.ପ୍ର): କେନ୍ଦ୍ରାପଡାର ଜଣାଶୁଣା ବ୍ୟଙ୍ଗ କବି ଅର୍ପିତ ଚରଣ ସେଠୀ ସମ୍ବର୍ଦ୍ଧିତ ହୋଇଥିବା ଜଣାପଡିଛି । କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭବନ ପରିସରରେ ବ୍ୟଙ୍ଗ ପତ୍ରିକା ରସଗୁଲା ର ନବମ ବାର୍ଷିକ ଉତ୍ସବରେ ଓଡିଶାର ବିଶିଷ୍ଟ ବ୍ୟଙ୍ଗକବି ଡ଼ଃ ଧର୍ମଛାଡ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସଭାରେ ଶ୍ରୀ ସେଠୀଙ୍କୁ ହାସ୍ୟ ରସିକମଣି ଉପାଧିରରେ ସମ୍ବର୍ଦ୍ଧିତ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ବ୍ୟଙ୍ଗତାରକା ଜ୍ଞାନ ହୋତା, ବ୍ୟଙ୍ଗକବି ଶ୍ରୀମାନ ସତ୍ୟାନାଶ, କବି ବାବାଜୀ ଚରଣ ଲେଙ୍କା, ପତିତ ପାବନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କାଳବୈଶାଖୀ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ, ତ୍ୱରିତ ସେବା ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଖୋର୍ଦ୍ଧା , ୨୦/୩ (ନି.ପ୍ର): ଜିଲ୍ଲାରେ ସମ୍ଭାବ୍ୟ କାଳବୈଶାଖୀ ମୁକାବିଲା ପାଇଁ ମଙ୍ଗଳବାର ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଅରେଞ୍ଜ ୱାର୍ଣ୍ଣିଂ ଜାରି ହେବା ପରେ ଜିଲ୍ଲାରେ ସଂପୃକ୍ତ ବିଭାଗଗୁଡ଼ିକୁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କେତେକ ଜାଗାରେ ଘଡ଼ଘଡ଼ି ସହ ବର୍ଷା, ବଜ୍ରପାତ ଏବଂ ସ୍ଥଳବିଶେଷରେ ଘଂଟା ପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବୋହିବା ଆଶଙ୍କା ଥିବାରୁ ଏହାର ମୁକାବିଲା ପାଇଁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି । ଏପରିକି ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଜିଲ୍ଲାରେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ରହିବା ନେଇ ପୂର୍ବାନୁମାନ କରାଯାଇଛି । ଆବଶ୍ୟକ ସ୍ଥଳେ ତ୍ୱରିତ ସେବା ପ୍ରଦାନ ପାଇଁ ଅଗ୍ନିଶମ, ବିଦ୍ୟୁତ, ଆମ୍ବୁଲାନ୍ସ, ଡାକ୍ତରୀସେବା ଏବଂ ଟେଲିଫୋନ ସେବା ପ୍ରଦାନକାରୀ ବିଭାଗ ଗୁଡ଼ିକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି । ସେହିପରି କ୍ଷତିଗ୍ରସ୍ତ ବ୍ୟକ୍ତିମାନଙ୍କୁ ଆବଶ୍ୟକୀୟ ସହାୟତା ଓ ଖାଦ୍ୟସାମଗ୍ରୀ ଯୋଗାଇ ଦିଆଯିବ । ଲୋକମାନଙ୍କୁ ସଚେତନ କରିବା ପାଇଁ ପଦକ୍ଷେପ ନେବାକୁ ବିଡ଼ିଓ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବି ଏମ୍ .ସି.ର ଡେପୁଟି କମିଶନର, ଜରୁରୀ ବିଭାଗ ଙ୍କୁ ବସ୍ତି ବାସିନ୍ଦାଙ୍କ ଥଇଥାନ କରିବାକୁ ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି । ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ, ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ରନାଥ ମୁର୍ମୁ, ଜରୁରୀକାଳୀନ ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଟିପିଏନଓଡିଏଲ କେନ୍ଦୁଝର ପକ୍ଷରୁ ଉପଭୋକ୍ତା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଘଟଗାଁ, ୨୦/୩ (ନି.ପ୍ର): ଆଜି ଟିପିଏନଓଡିଏଲ କେନ୍ଦୁଝର ଡିଭିଜନ ପକ୍ଷରୁ ଏକ ବିଦ୍ୟୁତ ଉପଭୋକ୍ତା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଡିଭିଜନ ସଭା ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର, ବାଂଶପାଳ, ତୁରୁମୁଙ୍ଗା ଆଦି ଅଂଚଳର ଏକୋଇଶି ଜଣ ଉପଭୋକ୍ତାଙ୍କୁ ଆଣ୍ଡ୍ରୋଏଡ଼ ମୋବାଇଲ ଫୋନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଭୋକ୍ତା ଗଣ ନିୟମିତ ଭାବେ ବିଦ୍ୟୁତ ବିଲ ଡିଜିଟାଲ ପେମେଂଟ ମାଧ୍ୟମରେ ପୈଠ କରି ରିହାତି ପାଇବା ସହିତ ଅନ୍ୟ ଉପଭୋକ୍ତାଙ୍କ ପାଇଁ ପ୍ରେରଣାଦାୟୀ ହୋଇ ପାରିଛନ୍ତି । ସହସ୍ରାଧିକ ଡିଜିଟାଲ ପେମେଂଟ ଗ୍ରାହକ ମାନଙ୍କ ମଧ୍ୟରୁ ଏକ ଲଟେରୀ ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ଏକୋଇଶି ଜଣଙ୍କୁ ମନୋନୀତ କରାଯାଇଥିଲା । ଆଗାମୀ ପର୍ଯ୍ୟାୟ ରେ ପୁଣି ନୂତନ ଉପଭୋକ୍ତା ମନୋନୀତ ହୋଇ ସମ୍ବର୍ଦ୍ଧିତ ହେବେ । ଏହି ଅବସରରେ ସୁପରିଟେଣ୍ଡିଂ ଇଞ୍ଜିନିଅର କେନ୍ଦୁଝର ସର୍କଲ ଇଂ. ରଶ୍ମୀକାନ୍ତ ବେହେରା, ଏଜିଏମ ବାଲେଶ୍ୱର କର୍ପୋରେଟ କାର୍ଯ୍ୟାଳୟ ଇଂ. ସଂଜୀବ କୁମାର ଜେନା, କେନ୍ଦୁଝର ବିଦ୍ୟୁତ ଡିଭିଜନ କାର୍ଯ୍ୟନିର୍ବାହୀ ଇଂ. ମୀନକେତନ ସାମଲ, ଏସଡ଼ିଓ (୧) କେନ୍ଦୁଝର ଇଂ. ଜିତେନ୍ଦ୍ର ବେହେରା, ଏସଡ଼ିଓ ଇଲେକ୍ଟ୍ରିକଲ ତୁରୁମୁଙ୍ଗା ଇଂ. ଜନ୍ମେଜୟ ବେହେରା, ଏସଡ଼ିଓ ଇଲେକ୍ଟ୍ରିକଲ ନଂ ୨ କେନ୍ଦୁଝର ଇଂ. ସନ୍ତୋଷ କୁମାର ପରିଡା, ବିଦ୍ୟୁତ ଗ୍ରାହକ ମାନେ ସଚେତନ ହୋଇ ଉତମ ମାନର ସେବା ପାଇବାର ହକଦାର ହେବା ଉଚିତ ବୋଲି ମତ ପ୍ରକାଶ କରିଥିଲେ । ଗ୍ରାହକସେବା ସମ୍ପର୍କ ଅଧିକାରିଣୀ ସୁଶ୍ରୀ ମାସୁମା ନାଜ, ଗ୍ରାହକ ସେବା ଆଡମିନ ସୁଶ୍ରୀ ଲୋପାମୁଦ୍ରା ଲେଙ୍କା ଉପସ୍ଥିତ ରହି ସମ୍ବର୍ଦ୍ଧନା ଉତ୍ସବ ପରିଚାଳନା କରିଥିଲେ ।

# ବ୍ରହ୍ମବରଦା-ବନ୍ଧଡିହ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ

ଧର୍ମଶାଳା, ୨୦/୩ (ନି.ପ୍ର): ଗ୍ରାମାଂଚଳର ଉନ୍ନତି କରଣ ନିମନ୍ତେ ବହୁ ଯୋଜନା କରି କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି । ଅନ୍ୟ ପକ୍ଷେ ରୂପାନ୍ତରିକରଣରେ ମଠ ମନ୍ଦିରର ବିକାଶ କାର୍ଯ୍ୟ କରାଯାଉଥିବା ବେଳେ ଗ୍ରାମାଚଂଚଳ ମୁଖ୍ୟ ରାସ୍ତା ପ୍ରତି କାହାରି ଆନ୍ତରିକତା ନ ଥିବା ପରି ମନେ ହେଉଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ବ୍ରହ୍ମବରଦା-ବନ୍ଧଡିହ ମୁଖ୍ୟ ରାସ୍ତା କ୍ଷେତ୍ରରେ । ଦୀର୍ଘ ଦିନ ହେବ ସ୍ଥାୟୀ ମରାମତି ଅଭାବରୁ ସ୍ଥାନୀୟ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଦୀର୍ଘ ଦିନ ପୂର୍ବରେ ବ୍ରହ୍ମବରଦାଠାରୁ ବନ୍ଧଡିହ ୪ କିମି ରାସ୍ତା ମରାମତି ପାଇଁ ପିଚୁ ରାସ୍ତା ନିର୍ମାଣ କରାଯାଇଥିଲା । ହେଲେ ଏହାର ସ୍ଥାୟୀ ରକ୍ଷଣାବେକ୍ଷଣ ଅଭାବରୁ ଏହା ଶୋଚନୀୟ ହୋଇପଡିଛି । ବହୁ ସ୍ଥାନରେ ଖାଲଖମା ସହ ପିଚୁ ଉଠି ଟାଇଛି । ଫଳରେ ସ୍ଥାନୀୟ ୧୦ ଗୋଟି ପଂଚାୟତର ଏହା ମୁଖ୍ୟ ରାସ୍ତା ହୋଇଥିବା ବେଳେ ଯାତାୟତ କରୁଥିବା ଶହଶହ ପଥଚାରୀ,ସାଇକେଲ ଓ ମଟରସାଇକେଲ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି । ଏନେଇ ବହୁ ଦାବି ପରେ ୨୦୨୩ ଆର୍ଥିକ ବର୍ଷରେ ପ୍ରଥମାଖଣ୍ଡି-ବନ୍ଧଡିହ ରାସ୍ତାର ଉନ୍ନତିକରଣ ନିମନ୍ତେ ଟେଣ୍ଡର ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ପ୍ରଥମାଖଣ୍ଡିଠାରୁ ଅର୍ଥଙ୍ଗା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ସରିଯାଇଥିବା ବେଳେ ବ୍ରହ୍ମବରଦାଠାରୁ ବନ୍ଧଡିହ ରାସ୍ତା ସମ୍ପ୍ରସାରଣ ଓ ମରାମତି ପାଇଁ କାମ ଆରମ୍ଭ ହୋଇ ନ ଥିବା ଜଣାପଡିଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଚଳିତ ସାଧାରଣ ନିର୍ବାଚନରେ ଉଚିତ ଜବାବ ଦିଆଯିବା ସହ ନିକଟ ଭବିଷ୍ୟତରେ ଏକ ଜନ ଆନ୍ଦୋଳନ କରାଯିବ ବୋଲି ଅଂଚଳବାସୀ ଚେତାବନୀ ଦେଇଛନ୍ତି ।

# ପତ୍ନୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ସ୍ୱାମୀ ଅଦାଲତ ଚାଲାଣ

କୋରେଇ, ୨୦/୩ (ନି.ପ୍ର): ପତ୍ନୀ ଜୀବିତ ଥାଉ ଥାଉ ଅନ୍ୟ ଜଣେ ମହିଳାଙ୍କୁ ଆଣି ପତ୍ନୀର ମାନ୍ୟତା ଦେଇ ଘରେ ରଖିବା ଓ ପ୍ରଥମ ପତ୍ନୀ ବିରୋଧ କରିବାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଅଦାଲତ ଚାଲାଣ କରିଛି । ସୂଚନାନୁସାରେ ପାଣିକୋଇଲି ଥାନା ଅନ୍ତର୍ଗତ ବଡ଼ବିରୁହାଁ ଗ୍ରାମର ଭରତ ମଳିକଙ୍କ ପୁଅ ନବଘନ ୧୨ ବର୍ଷ ପୂର୍ବେ ସୁଷମାଙ୍କୁ ବିବାହ କରିଥିଲା । ଉଭୟଙ୍କର ତିନୋଟି ଝିଅ ଓ ଗୋଟିଏ ପୁଅ ଥିବା ବେଳେ ନବଘନ ପ୍ରତିଦିନ ମଦ ପିଇ ସୁଷମାଙ୍କୁ ମାରଧର କରିବା ସହିତ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଉଥାଏ । ନିର୍ଯ୍ୟାତନା ଅସହ୍ୟ ହେବାରୁ ସୁଷମା ନବଘନ ନାମରେ ଗତ ଡ଼ିସେମ୍ବର ୯ ତାରିଖ ଦିନ ପାଣିକୋଇଲି ଥାନାରେ ଅଭିଯୋଗ କରିବା ସହିତ ନିଜ ବାପଘରେ ରହି ଆସୁଥିଲା । ତେବେ ସୁଷମା ବାପଘରେ ରହିବା ପରେ ନବଘନ ରୁକ୍ମିଣୀ ଜେନା ନାମ୍ନୀ ମହିଳାଙ୍କୁ ଆଣି ନିଜ ଘରେ ପତ୍ନୀର ମାନ୍ୟତା ଦେଇ ରଖିଥିଲା । ଉକ୍ତ ଘଟଣା ସୁଷମା ଜାଣିବା ପରେ ସୋମବାର ଦିନ ନିଜ ଶାଶୁଘର ବଡ଼ବିରୁହାଁ ଗ୍ରାମକୁ ଆସି ସଉତୁଣୀ ରୁକ୍ମିଣୀକୁ ବିରୋଧ କରିଥିଲେ । ଫଳରେ ଦୁଇ ସଉତୁଣୀଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିଥିଲା । ତେବେ ନବଘନ ଉକ୍ତ ଘଟଣାରେ ପୂର୍ବ ରାଗ ରଖି ସୁଷମାଙ୍କୁ ପ୍ରବଳ ମାଡ଼ ମାରିବା ସହିତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା । ତେବେ ଗ୍ରାମବାସୀ ମାନେ ପହଂଚି ସୁଷମାଙ୍କୁ ନବଘନର କବଳରୁ ରକ୍ଷା କରିଥିଲେ । ପରେ ସୁଷମା କୋରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦରେ ଚିକିତ୍ସିତ ହେବା ସହିତ ଥାନାରେ ଅଭିଯୋଗ କରିଥିଲେ । ଏ ନେଇ ପୁଲିସ ଏକ ମାମଲା ୧୪୫/୨୪ ରଜୁ କରିବା ସହିତ ଅଭିଯୁକ୍ତ ସ୍ୱାମୀ ନବଘନକୁ ଗିରଫ କରି ମଙ୍ଗଳବାର ଅଦାଲତ ଚାଲାଣ କରିଛି ।

# ଏକ ବହୁବିଭାଗୀୟ ଆଭିମୁଖ୍ୟ ଶୀର୍ଷକ ଏକ ଦିନିକିଆ ଜାତୀୟ ସେମିନାର

ଜୟପୁର, ୨୦/୩ (ନି.ପ୍ର): ଭାରତର ବିକଶିତ ପରିଦୃଶ୍ୟରେ ପରିସଂଖ୍ୟାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବିଚାର ବିମର୍ଶ କରିବା ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗ ଅନୁଲୁଳୟରେ 'ଉଦୀୟମାନ ଭାରତରେ ପରିସଂଖ୍ୟାନର ଭୂମିକା ଅ ୨୦୪୭: ଏକ ବହୁବିଭାଗୀୟ ଆଭିମୁଖ୍ୟ' ଶୀର୍ଷକ ଏକ ଦିନିକିଆ ଜାତୀୟ ସେମିନାର ଆୟୋଜିତ ହୋଇଯାଇଛି । ୨୦୨୪ ମାର୍ଚ୍ଚ ୧୮ ତାରିଖରେ କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବିଶିଷ୍ଟ ବ୍ୟକ୍ତି ଓ ବିଦ୍ୱାନମାନେ ଏକତ୍ରିତ ହୋଇ ଏହି ବିଷୟର ଆଲୋଚନା କରିଥିଲେ । ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମର ଉଦ୍ ଘାଟନ ଓ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଜିଷ୍ଟ୍ରାର ଆଇ/ସି ପ୍ରଫେସର ଏନ୍ ସି ପଣ୍ଡା ଯୋଗ ଦେଇଥିଲେ । କୋଲକାତାର ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ପ୍ରଫେସର ଏସ୍.ବି.ବାଗଚୀ; କୋଲକାତାର ଆଶୁତୋଷ କଲେଜର ପୂର୍ବତନ ମୁଖ୍ୟ ଡ. ତପତୀ ବାଗଚୀ; ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ତିରୁପତି ରାଓ ପାଡ଼ି; ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ରଞ୍ଜିତା ପାଣ୍ଡେ ଓ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରିୟରଞ୍ଜନ ଦାଶ ପ୍ରମୁଖ ମଂଚାସୀନ ରହି ବକ୍ତବ୍ୟ ରଖିଥିଲେ । ପ୍ରଫେସର ତ୍ରିପାଠୀ ଭାରତୀୟ ଜ୍ଞାନ ଢାଂଚାରେ ପରିସଂଖ୍ୟାନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ଭାରତୀୟ ଶିକ୍ଷା ଓ ବିକାଶରେ ଯୋଗଦାନ କରିବାକୁ ବିଭାଗକୁ ଅନୁରୋଧ କରିଥିଲେ । ପ୍ରଫେସର ପଣ୍ଡା ଭାରତୀୟ ପରିସଂଖ୍ୟାନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିବା ବେଳେ ପ୍ରଫେସର ବାଗଚୀ ଭାରତର ପରିସଂଖ୍ୟାନର ଇତିହାସ ଓ ଶିକ୍ଷାଗତ ଦିଗ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ । ପ୍ରଫେସର ପାଡି ବିଭିନ୍ନ କ୍ଷେତ୍ରରେ ପରିସଂଖ୍ୟାନର ବିବିଧ ପ୍ରୟୋଗ ଏବଂ ଗୁରୁତ୍ୱ ଉପରେ ଆଲୋକପାତ କରିଥିବା ବେଳେ ପ୍ରଫେସର ପାଣ୍ଡେ ପରିସଂଖ୍ୟାନ ଏବଂ ସମ୍ଭାବ୍ୟତାର ଧାରଣାକୁ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଥିଲେ । ପ୍ରଫେସର ପ୍ରିୟରଂଜନ ଦାଶ ସ୍ୱାଧୀନତା ପୂର୍ବରୁ ଆରମ୍ଭ କରି ସମସାମୟିକ ଯୁଗ ପର୍ଯ୍ୟନ୍ତ ଭାରତରେ ପରିସଂଖ୍ୟାନର ଐତିହାସିକ ଗତିପଥ ଉପରେ ଆଲୋକପାତ କରିବା ସହ ଦେଶର ଆବିର୍ଭାବରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ । ପରିସଂଖ୍ୟାନ ବିଭାଗ ର ମୁଖ୍ୟ ଡ. ଗୁରଜିତ ସିଂ ୱାଲିଆ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧ୍ୟାପକ, ପଣ୍ଡିତ ଓ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହ ଚିନ୍ତାଧାରା ଓ ଜ୍ଞାନର ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣେଇଛନ୍ତି ।

# ସରକାରୀ ବାସଭବନରୁ ଯୁବକ ନିଖୋଜ : ଥାନାରେ ମାମଲା

ଧର୍ମଶାଳା, ୨୦/୩ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ସରକାରୀ ବାସଭବନରୁ ଜଣେ ଯୁବକ ନିଖୋଜ ହେବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ଯାଜପୁର ସଦର ଥାନା ଅନ୍ତର୍ଗତ ଜୟପୁର ଗ୍ରାମର ଅରୁଣ କୁମାର ନାୟକ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗର କିରାଣୀ ଭାବେ କାର୍ଯ୍ୟରତ ଅଛନ୍ତି । ତେବେ ରହୁଥିବା ସରକାରୀ ବାସଗୃହରୁ ତାଙ୍କର ୨୯ ବର୍ଷୀୟ ପୁଅ ବିଶ୍ୱ ରଂଜନ ସେମାବାର ଦିନ କୁଆଡେ ଚାଲି ଯାଇଛନ୍ତି । ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଘରେ ପୁଅ ନ ଥିବାରୁ ପରିବାର ଲୋକେ ଚିନ୍ତାରେ ପଡିଛନ୍ତି । ସରକାରୀ ବାସଭବନରୁ ଏଭଳି ଘଟଣା ଘଟିବା ପରେ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ତୁଳସୀକ୍ଷେତ୍ର ପରିକ୍ରମା ଓ ବଳଦେବ ଜ୍ୟୋତିଯାତ୍ରାର ଶୁଭାରମ୍ଭ

କେନ୍ଦ୍ରାପଡ଼ା, ୨୦/୩ (ନି.ପ୍ର): ପୁରାଣ ଓ ଇତିହାସ ପ୍ରସିଦ୍ଧ ଶ୍ରୀ ଶ୍ରୀ ସିଦ୍ଧବଳଦେବଜୀଉ ମହାପ୍ରଭୁଙ୍କ ଅଲୌକିକ ମହିମାର ପ୍ରଚାର ପ୍ରସାର ପାଇଁ ପ୍ରଥମ ଥର 'ତୁଳସୀ କ୍ଷେତ୍ର ପରିକ୍ରମା ଓ ବଳଦେବ ଜ୍ୟୋତି ଯାତ୍ରା ' ଉତ୍ସବ ପାଳନ ପାଇଁ ଦିବ୍ୟ ଜୀବନ ସଂଘ କେନ୍ଦ୍ରାପଡ଼ାର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଶ୍ରୀ ଶ୍ରୀ ସିଦ୍ଧବଳଦେବ ଜୀଉଙ୍କ ମନ୍ଦିରରୁ ଏହି ପରିକ୍ରମା ଆରମ୍ଭ ହୋଇ ସମଗ୍ର ଜିଲ୍ଲାର ୯ଟି ବ୍ଲକରେ ପ୍ରତିଷ୍ଠିତ ଲୀଳାକ୍ଷେତ୍ର ପରିଭ୍ରମଣ କରିବା ପାଇଁ ଏକ ନକ୍ସା ପ୍ରସ୍ତୁତ ପୂର୍ବକ ଏକ ନିବେଦନ ପତ୍ର ଲେଖା ଯାଇଥିଲା । ଡ. ବାସୁଦେବ ଦାସ, ପ୍ରଫେସର ଡ. ସୁରେନ୍ଦ୍ରନାଥ ଆଚାର୍ଯ୍ୟ, ପ୍ରଫେସର ଡ. ଭଗବାନ ପତ୍ରୀ, ପ୍ରାଧ୍ୟାପକ ପ୍ରଭାତ ରଞ୍ଜନ ଲେଙ୍କା, ପ୍ରକୃତି ବନ୍ଧୁ ଗାୟକ ଗଗନ ବିହାରୀ ସିଂହ, ଗାୟତ୍ରୀ ମହାନ୍ତି, ସ୍ନେହଲତା ପ୍ରଧାନ, ଶରତ କୁମାର ରାଉତ, ଦିବ୍ୟଜୀବନ ସଙ୍ଘର ଉପାଧ୍ୟକ୍ଷ ଡ. କାଳୀପ୍ରସନ୍ନ ଶତପଥୀ, ବଳଦେବ ସେନାର ସଭାପତି ପପୁନ୍ କୁମାର ସ୍ୱାଇଁ, ରଜନୀକାନ୍ତ ଦାସ, ନିରଞ୍ଜନ ମେକାପ, ପ୍ରଭାସ ଦାସ, ସ୍ୱପ୍ନାଂଶୁ ଦାସ, ରୀତାଞ୍ଜଳି ନାଥ, ଶ୍ରୀଧର ମହାନ୍ତି, କ୍ଷୀରୋଦ ନାଥ, ଦେବେନ୍ଦ୍ର ସାମନ୍ତ, ସନ୍ତୋଷ କୁମାର ପଣ୍ଡା, ମନୋରଞ୍ଜନ ତ୍ରିପାଠୀ, ଦିବ୍ୟଜୀବନ ସଙ୍ଘର ସମ୍ପାଦକ ଅଧ୍ୟାପକ ଶରତ ଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପରିଶେଷରେ ବ୍ରହ୍ମଚାରୀ ନୃସିଂହ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗୀତା: କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ର ପ୍ରଥମ

କେନ୍ଦ୍ରାପଡ଼ା, ୨୦/୩ (ନି.ପ୍ର): ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗୀତାରେ କେନ୍ଦ୍ରାପଡ଼ାସ୍ଥିତ ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଏନ୍.କେ. କୁନାଲ୍ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ମହିଳା ଓ ଶିଶୁବିକାଶ ବିଭାଗ ଏବଂ ଓଡିଶା ରାଜ୍ୟ ଶିଶୁକଲ୍ୟାଣ ପରିଷଦର ମିଳିତ ସହଯୋଗରେ ହୋଟେଲ ନିୟୁ ମାରିୟନରେ ଆୟୋଜିତ ଏହି ପୁରସ୍କାର ବିତରଣ ଉତ୍ସବରେ ଓଡିଶା ରାଜ୍ୟ ଶିଶୁସୁରକ୍ଷା ଆୟୋଗର ପୂର୍ବତନ ଅଧ୍ୟକ୍ଷା କସ୍ତୁରୀ ମହାପାତ୍ର, ମେମ୍ବର ସେକ୍ରେଟାରୀ ଓ.ଏସ୍.ସି.ସି.ଡବ୍ଲୁ କ୍ୟୁମାର ସୁଲତାନା ବେଗମ୍, ଆଇ.ସି.ଡି.ଏସ୍. ନିର୍ଦ୍ଦେଶକ ମନୀଷା ବାନାର୍ଜୀ, ମହିଳା କମିଶନର ଅଧ୍ୟକ୍ଷା ମିନତୀ ବେହେରା, ମହିଳା ଓ ଶିଶୁ ସୁରକ୍ଷା ଆୟୋଗର ଉପଦେଷ୍ଟା ସୁମିତ୍ରା ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଚିତ୍ରଶିଳ୍ପୀ ଭାବେ ଏନ୍.କେ. କୁନାଲ୍‌ଙ୍କୁ ପୁରସ୍କୃତ କରିଥିଲେ । ଏହି ପ୍ରତିଯୋଗୀତାରେ ଓଡିଶାର ୩୦ଟି ଜିଲ୍ଲାର ଛାତ୍ରଛାତ୍ରୀଙ୍କର ଅଙ୍କିତ ଚିତ୍ରକୁ ବି.କେ. ଆର୍ଟ କଲେଜର ଅଧ୍ୟାପକମାନଙ୍କ ଦ୍ୱାରା ଚୟନ କରାଯାଇଥିଲା । ପୂର୍ବରୁ ସେ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗୀତାରେ ଭାଗନେଇ ବହୁବାର କୃତିତ୍ୱ ଅର୍ଜନ କରିଛନ୍ତି ।

# ଚିଙ୍ଗୁଡ଼ି ଡାଲମା

**ଆବଶ୍ୟକୀୟ ସାମଗ୍ରୀ:**
ହରଡ଼ ଡାଲି, ଛୋଟ ଚିଙ୍ଗୁଡ଼ି, ବୋଇତାଳୁ (ବୋଇତି କଖାରୁ), କଞ୍ଚା କଦଳୀ, ଆଳୁ, ଫୁଲ କୋବି, ଟମାଟୋ, ପିଆଜ, ରସୁଣ, ଅଦା, ପଞ୍ଚ ଫୁଟଣ, ଶୁଖିଲା ଲଙ୍କା, ଅଳେଇଚ, ଡାଲଚିନି, ତେଜ ପତ୍ର, ଗୋଟା ଜିରା, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ତେଲ, ଧଣିଆ ପତ୍ର, ଲୁଣ।



**ପ୍ରସ୍ତୁତି ପ୍ରଣାଳୀ:**
ଚିଙ୍ଗୁଡ଼ିରୁ ଚୋପା ଛଡ଼ାଇ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ପରେ ଏଥିରେ ଲୁଣ ଓ ହଳଦୀ ଦେଇ ଗୋଳେଇ ଦିଅନ୍ତୁ ଏବଂ ଏହାକୁ କିଛି ସମୟ ସେମିତି ଛାଡ଼ି ଦିଅନ୍ତୁ। ତା'ଭିତରେ ଡାଲମା ପାଇଁ ଆବଶ୍ୟକ ପରିବା କାଟି ଦିଅନ୍ତୁ। ପରିବା କଟା ସରିବା ପରେ ଚିଙ୍ଗୁଡ଼ିକୁ କଡ଼େଇରେ ଭାଜି ଦିଅନ୍ତୁ। ଏ କାମ ସରିବା ପରେ ପ୍ରେସର କୁକରରେ ଆବଶ୍ୟକ ଅନୁସାରେ ପାଣି ଦେଇ ସେଥିରେ ଡାଲି, କଟା ଫୁଲ କୋବି, ବୋଇତି କଖାରୁ, ଆଳୁ, ଟମାଟୋ, କଞ୍ଚା କଦଳୀ, ଲୁଣ ଓ ହଳଦୀ ଦେଇ ଗ୍ୟାସ୍ ଚୁଲିରେ ବସାନ୍ତୁ। ତିନୋଟି ସିଟି ମାରିଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏବେ ପିଆଜ, ଅଦା, ରସୁଣ, ଶୁଖିଲା ଲଙ୍କା, ଡାଲଚିନି ଆଉ ଅଳେଇଚକୁ ବାଟି ପେଷ୍ଟ ବନାନ୍ତୁ। ଏହା ପରେ କଡ଼େଇକୁ ଚୁଲିରେ ବସାନ୍ତୁ। ଏଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇ ଆସିଲେ ତେଜ ପତ୍ର ଓ ଫୁଟଣ ପକାନ୍ତୁ। ଏହା ପରେ ମସଲା ପେଷ୍ଟ ପକାଇ କଷନ୍ତୁ। ଅଳ୍ପ ସମୟ ପରେ ଏଥିରେ ଛୋଟ ଛୋଟ କରି କଟାଯାଇଥିବା ଟମାଟୋ ଖଣ୍ଡଗୁଡ଼ିକୁ ପକାନ୍ତୁ। ଅଳ୍ପ କଷି ସାରିଲା ପରେ ଭଜା ଚିଙ୍ଗୁଡ଼ିକୁ ସେଥିରେ ପକାନ୍ତୁ ଓ ଦୁଇରୁ ତିନି ମିନିଟ୍ କଷନ୍ତୁ। ପରେ କୁକରରେ ଥିବା ଡାଲି ଓ ପରିବା ସିଝାକୁ କଡ଼େଇ ପକାଇ ୧୦ ମିନିଟ୍ ଫୁଟାନ୍ତୁ। ଶେଷରେ ଧନିଆ ପତ୍ର ଓ ଜିରା-ଲଙ୍କା ଗୁଣ୍ଡ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିଙ୍ଗୁଡ଼ି ଡାଲମା।

# ରକ୍ତଚାପ ନିୟନ୍ତ୍ରଣ କରିବା ପାଇଁ ଖା'ନ୍ତୁ ଏହି ସବୁ ଖାଦ୍ୟ

ପୁଷ୍ଟିକର ଖାଦ୍ୟ ଏବଂ ଉତ୍ତମ ଜୀବନଶୈଳୀ ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣ କରିହେବ। ରକ୍ତଚାପକୁ ନିୟନ୍ତ୍ରଣ କରିବା ପାଇଁ ପୋଟାସିଅମର ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ। ଏଥିରେ ଥିବା ମାଇକ୍ରୋନ୍ୟୁଟ୍ରିଏଣ୍ଟ ଶରୀରରେ ସୋଡିୟମର ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ରକ୍ତ କଣିକା ଉପରେ ମଧ ଏହାର ସକରାତ୍ମକ ପ୍ରଭାବ ପଡିଥାଏ, ଯେଉଁ କାରଣରୁ ରକ୍ତଚାପକୁ ନିୟନ୍ତ୍ରଣ କରାଯାଇପାରିବ । ପୋଟାସିୟମ୍ ଯୁକ୍ତ ଖାଦ୍ୟ ଚିନ୍ତା ଏବଂ ଚାପରୁ ମୁକ୍ତି ଦେଇଥାଏ । ଆମର ରକ୍ତଚାପ ଉପରେ ଆମ ଖାଦ୍ୟର ସିଧାସଳଖ ପ୍ରଭାବ ପଡିଥାଏ । ତେବେ ଯଦି ଆପଣ ମଧ ହାଇ ବ୍ଲଡ ପ୍ରେସରର ଶିକାର ହୋଇଥା'ନ୍ତି ତେବେ ନିଜ ଦୈନନ୍ଦିନ ଖାଦ୍ୟ ପଦାର୍ଥରେ ପୋଟାସିଆମ୍‌ରେ ଭରପୁର ଥିବା ଖାଦ୍ୟକୁ ସାମିଲ କରନ୍ତୁ। ତେବେ ଆସନ୍ତୁ ଜାଣିବା କେଉଁ କେଉଁ ପୋଟାସିଅମ ଯୁକ୍ତ ଖାଦ୍ୟକୁ ଡାଏଟ୍‌ରେ ସାମିଲ କରିବା ଉଚିତ।

କଦଳୀ: କଦଳୀ ହେଉଛି ଏକ ସାଧାରଣ ଫଳ, ଯାହାକୁ ଆପଣ ବର୍ଷସାରା ସହଜରେ ପାଇପାରିବେ। ଏହା ପୋଟାସିୟମର ଏକ ଉତ୍ତମ ଉତ୍ସ। କଦଳୀ ହଜମ ଶକ୍ତିକୁ ବଢ଼ାଇଥାଏ। ଏଥିରେ ଭିଟାମିନ୍ ସି ରହିଛି । ଏହା ଏକ ସୁସ୍ଥ ଖାଦ୍ୟ, ଯାହା ଆପଣଙ୍କୁ ଭୋକ ସହିତ ମୁକାବିଲା କରିବାରେ ସାହାଯ୍ୟ କରିଥାଏ। କଦଳୀରେ ଫାଇବର ମଧ ରହିଥାଏ ଯାହା ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗିବାକୁ ଦିଏ ନାହିଁ। ଏଥିରେ ପୋଟାସିଅମର ମାତ୍ରା ମଧ ଭରପୁର ରହିଛି, ଯାହାକୁ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ରହେ।







ପତ୍ର ଯୁକ୍ତ ଖାଦ୍ୟ ତଥା ଶାଗ: ଶାଗ ତଥା ପତ୍ରଯୁକ୍ତ ଆହାର ଦୈନନ୍ଦିନ ଖାଦ୍ୟର ଏକ ଅତ୍ୟାବଶ୍ୟକ ଅଂଶ ହେବା ଉଚିତ। ନିଜ ଆହରକୁ ପର୍ଯ୍ୟାପ୍ତ ପୋଷକ ତତ୍ତ୍ୱରେ ସାମିଲ କରିବା ପାଇଁ ନିୟମିତ ରୂପେ ପତ୍ରଯୁକ୍ତ ଖାଦ୍ୟ ତଥା ଶାଗ ଖାଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି। ଶାଗ ତଥା ପତ୍ରଯୁକ୍ତ ଖାଦ୍ୟରେ ପୋଟାସିଅମ ଭରପୁରା ମାତ୍ରାରେ ରହିଛି। ବିଶେଷକରି ପାଳଙ୍ଗକୁ ଡାଏଟରେ ସାମିଲ କରିବା ଉଚିତ ବୋଲି ଅନେକ ବିଶେଷଜ୍ଞ ପରାମର୍ଶ ଦେଇଥାନ୍ତି।

ଦହି: ଦହି କ୍ୟାଲସିୟମ ଏବଂ ପୋଟାସିୟମର ଏକ ଉତ୍ତମ ଉତ୍ସ । ଏହା ଆପଣଙ୍କ ଅନ୍ତନଳୀକୁ ସୁସ୍ଥ ରଖିଥାଏ। ଉଚ୍ଚ ରକ୍ତଚାପ ଥିବା ଲୋକଙ୍କ ପାଇଁ ଦହି ଏକ ଭଲ ଖାଦ୍ୟ। ବଜାରରେ ମିଳୁଥିବା ଦହି ତଥା ମିଠା ଦହି ଅପେକ୍ଷା ଘରେ ପ୍ରସ୍ତୁତ କରି ଦହି ଖାଇବା ଉଚିତ।

# ଏହି ୫ଟି ଜିନିଷ ଥିବା ଲୋକ ସୌଭାଗ୍ୟଶାଳୀ ଧନୀ : ଚାଣକ୍ୟ

***କର୍ମ ହେଉଛି ଭଗବାନ, ଏହା କେବଳ ଏକ କଥା ନୁହେଁ ବରଂ ଏକ ସତ୍ୟ । ମଣିଷ ତାଙ୍କ ଚରିତ୍ର ଦ୍ୱାରା ନୁହେଁ ବରଂ ନିଜ କର୍ମ ଦ୍ୱାରା ମହାନ ହୋଇଯାଏ। ମଣିଷର କାର୍ଯ୍ୟ ତାଙ୍କ ଅବସ୍ଥା ଓ ଦିଗ ନିର୍ଣ୍ଣୟ କରେ। ଭଲ ଏବଂ ମନ୍ଦ କାର୍ଯ୍ୟର ଫଳ କେବଳ ବର୍ତ୍ତମାନ ନୁହେଁ ବରଂ ପରବର୍ତ୍ତୀ ଜୀବନରେ ମଧ ମିଳିଥାଏ। ଆଚାର୍ଯ୍ୟ ଚାଣକ୍ୟ ସେହି ଜିନିଷଗୁଡିକ ବିଷୟରେ ଉଲ୍ଲେଖ କରିଛନ୍ତି ଯାହା ସାଧାରଣ ପରିଶ୍ରମ ଦ୍ୱାରା କଦାପି ହାସଲ ହୋଇପାରିବ ନାହିଁ। ଯିଏ ଏହାକୁ ହାସଲ କରେ, ସେ କଠୋର ପରିଶ୍ରମ ଦେଇ ଗତି କରେ। ଚାଣକ୍ୟ କହିଛନ୍ତି ଯେ ଯେଉଁମାନଙ୍କର ଏହି ୫ଟି ଜିନିଷ ଅଛି ସେମାନଙ୍କୁ ଭାଗ୍ୟରେ ଧନୀ କୁହାଯାଏ। ଆସନ୍ତୁ ଜାଣିବା ଏହା କ'ଣ...***



ଜୀବନରେ ଏକ ବୁଦ୍ଧିମାନ ଓ ଗୁଣାବାନ ଜୀବନସାଥୀଙ୍କ ସୁଖ ସମସ୍ତଙ୍କ ଭାଗ୍ୟରେ ନଥାଏ। ପୂର୍ବ ଜନ୍ମରେ ବ୍ୟକ୍ତିର ଭଲ କାର୍ଯ୍ୟ ଆଧାରରେ ଏହି ସୁଖ ପ୍ରାପ୍ତ ହୁଏ। ଯେଉଁମାନଙ୍କର ଏକ ଭଲ ଜୀବନ ସାଥୀ ଅଛନ୍ତି ସେମାନଙ୍କୁ ଭାଗ୍ୟଶାଳୀ କୁହାଯାଏ। ଚାଣକ୍ୟ କହିଛନ୍ତି ଯେ ଯେଉଁମାନେ ମହିଳାଙ୍କୁ ସମ୍ମାନ କରନ୍ତି, ଯେଉଁମାନେ ତାଙ୍କୁ ପ୍ରତ୍ୟେକ ସୁଖ ଓ ଦୁଃଖରେ ସାଥିରେ ରୁହନ୍ତି ସେମାନେ ପ୍ରତ୍ୟେକ ଜନ୍ମରେ ଭଲ ଫଳ ପାଆନ୍ତି। ଟଙ୍କା ବିନା ଜୀବନ କଷ୍ଟସାଧ, ତେଣୁ ସମସ୍ତଙ୍କ ପାଖରେ ଟଙ୍କା ରହିବା ଉଚିତ୍। କିଛି ଲୋକଙ୍କ ପାଖରେ କମ୍ ଅଛି ତ ଆଉ କିଛି ଲୋକଙ୍କ ପାଖରେ ଅଧିକ ଅଛି, କିନ୍ତୁ ପ୍ରତ୍ୟେକ ବ୍ୟକ୍ତିଙ୍କର ଅର୍ଥ ସଠିକ ଭାବରେ ବ୍ୟବହାର କରିବାର କଳା ନାହିଁ। ଅର୍ଥକୁ ସଠିକ ଭାବରେ ବ୍ୟବହାର କରିବାର ଗୁଣ କେବଳ ସେହିମାନଙ୍କ ପାଇଁ ଉପଲବ୍ଧ, ଯେଉଁମାନେ ଏହାର ମୂଲ୍ୟ ବୁଝନ୍ତି, ଯେଉଁମାନେ ଲକ୍ଷ୍ମୀଙ୍କୁ କେବେ ଅସମ୍ମାନ କରିନାହାଁନ୍ତି। ଯଦି ତୁମର ଟଙ୍କା ସଠିକ ଭାବରେ ପରିଚାଳନା କରିବା ପାଇଁ ତୁମର ଜ୍ଞାନ ନାହିଁ, ତେବେ ତୁମକୁ ସାରା ଜୀବନ ଲକ୍ଷ୍ମୀଙ୍କ ଆଶିର୍ବାଦ ପାଇଁ ସଂଘର୍ଷ କରିବାକୁ ପଡ଼ିବ। ଚାଣକ୍ୟ କହିଛନ୍ତି ଯେ ଯେଉଁମାନେ ଭଲ ଖାଦ୍ୟ ସହିତ ହଜମ କରିବାର ଶକ୍ତି ପାଇଛନ୍ତି ସେମାନଙ୍କୁ ବହୁତ ଭାଗ୍ୟବାନ କୁହାଯାଏ। ଆପଣ ଯେତେ ଭଲ ଖାଦ୍ୟ ଖାଆନ୍ତୁ ନା କାହିଁକି, ଯଦି ଆପଣ ଏହାକୁ ହଜମ କରିବାରେ ସକ୍ଷମ ନୁହଁନ୍ତି, ତେବେ ଶରୀର ନଷ୍ଟ ହେବାକୁ ଲାଗିବ, ରୋଗ ଆପଣଙ୍କୁ ଘେରି ରୁହେ। ଏକ ଆନ୍ତରିକ ହୃଦୟରେ କରାଯାଇଥିବା ଦାନ ମଧ ଗରିବ ଲୋକଙ୍କୁ ଧନୀ କରେ। ଚାଣକ୍ୟ କହିଛନ୍ତି ଯେ ଯେଉଁମାନଙ୍କର ଦାନ କରିବାର ଭାବ ଥାଏ ସେମାନେ ଜୀବନରେ ସର୍ବଦା ଅଗ୍ରଗତି କରନ୍ତି। ସେମାନେ ପ୍ରତ୍ୟେକ ପଦକ୍ଷେପରେ ଶୁଭଫଳ ପାଆନ୍ତି।

# ଖରାରେ ବୁଲି ଟ୍ୟାନ୍ ହୋଇ ଯାଇଥିଲେ ମୁହଁରେ ଲଗାନ୍ତୁ ଆଲୋବେରା: ପୁଣି ଥରେ ଚମକିଯିବ ତ୍ୱଚା



ଆମେ ନିଜର ତ୍ୱଚା ଓ କେଶକୁ ସୁସ୍ଥ ରଖିବାକୁ ବିଭିନ୍ନ ପ୍ରକାରର ରସାୟନିକ ପଦାର୍ଥ ବ୍ୟବହାର କରିଥାନ୍ତି। ହେଲେ ଏପରି କିଛି ପ୍ରାକୃତିକ ଜିନିଷ ଅଛି, ଯାହାକୁ ବ୍ୟବହାର କରି ଆମେ ଅତୁଟ ସୌନ୍ଦର୍ଯ୍ୟ ପାଇପାରିବା। ଆଲୋବେରାକୁ ଆପଣ ଯଦି ଯାଦୁକରୀ ଉଦ୍ଭିଦ ବୋଲି କହିବେ ତାହାଲେ ବି ଭୁଲ୍ ହେବ ନାହିଁ। କାହିଁକି ନା, ଏହି ଗୋଟାଏ ଜିନିଷ ଅନେକ କାମରେ ଆସିଥାଏ। ଆଲୋବେରାକୁ ଆପଣ ତ୍ୱଚା, କେଶ ସହ ଶରୀରରେ ହୋଇଥିବା ଖଣ୍ଡିଆ ସ୍ଥାନରେ ବି ବ୍ୟବହାର କରିପାରିବେ। ଛୋଟ ଧରଣର ଖଣ୍ଡିଆ କିମ୍ବା ପୋଡ଼ା ସ୍ଥାନରେ ଆଲୋବେରା ଲଗାଇ ଉପଶମ ପାଇହେବ। ଯଦି ଆପଣ ଗୋଟାଏ ଗଛରୁ ଅନେକ ପ୍ରକାରର ସୁବିଧା ପାଇବା ପାଇଁ ଇଚ୍ଛୁକ ତେବେ ଆଲୋବେରା ନିଜ ଘର ଛାତରେ କିମ୍ବା ବାଡ଼ିରେ ନିଶ୍ଚୟ ଲଗାନ୍ତୁ। ଚିନ୍ତା କରନ୍ତୁ ନାହିଁ, ଯଦି ଆପଣଙ୍କ ଘରେ ଆଲୋବେରା ଗଛ ଉପଲବ୍ଧ ନାହିଁ ତେବେ ବଜାରରୁ ମିଳୁଥିବା ଆଲୋବେରା ଜେଲ୍ କିଣି ଆଣିପାରିବେ। ଆଲୋବେରାକୁ ଆପଣ ଜୁସ୍ କରି ପିଇପାରିବେ। ଏହାକୁ ପିଇବା ଦ୍ୱାରା ଆପଣଙ୍କ ଶରୀରରେ ଆର୍ଦ୍ରତା ଠିକ୍ ଭାବେ ବଜାୟ ରହିବା ସହ କୋଷ୍ଠକାଠିନ୍ୟ ଓ ପେଟ ଜନିତ ଅନେକ ରୋଗ ଭଲ ହୋଇଯିବ। ଆଲୋବେରା ଜେଲ୍‌ରେ ପାଟି କୁଳି କରନ୍ତୁ। ଏହା ମାଉଥ୍ ୱାସ୍‌ର କାମ ଦେବ। ଖରାରେ ବୁଲି ତ୍ୱଚା ଟ୍ୟାନ୍ ହୋଇ ଯାଇଥିଲେ ମୁହଁରେ ଦୈନିକ ଆଲୋବେରା ଘସନ୍ତୁ। ଦେଖିବେ କିଛି ଦିନ ଭିତରେ ମୁହଁ ଉଜ୍ଜ୍ୱଳ ଦିଶିବ। ଥ୍ରେଡିଂ କିମ୍ବା ୱାକ୍‌ସିଂ ପରେ ଆଲୋବେରାକୁ ସେହି ସ୍ଥାନରେ ଲଗାନ୍ତୁ। ତ୍ୱଚା ଆଉ ଜଳିବ ନାହିଁ। ଏହାକୁ କେଶ ମୂଳରେ ଲଗାଇଲେ କେଶ ସବଳ ହେବା ସହ ଝଡ଼ିବା ମଧ କମ୍ ହୋଇଥାଏ। ମେକ୍‌ଅପ୍ ଛଡ଼ାଇବା ପାଇଁ ମଧ ଆପଣ ଆଲୋବେରା ବ୍ୟବହାର କରିପାରିବେ।

# ରହସ୍ୟମୟୀ ଗାଁ: ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ ସମସ୍ତେ ଅନ୍ଧ

**ବିଚିତ୍ର ଏ ବିଶ୍ୱ ବ୍ରହ୍ମାଣ୍ଡ ,ବିଚିତ୍ର ତାର ପରିକଳ୍ପନା । ଏଠାରେ ଲୁଚି ରହିଛି ଅନେକ ରହସ୍ୟମୟ ତଥ୍ୟ ଏବଂ ଘଟଣା । ଯାହା ବିଷୟରେ ଜାଣିଲେ ବୈଜ୍ଞାନିକମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ, ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ । ତେବେ ସେହିପରି ଏକ ଗାଁ ରହିଛି । ଯାହାକି ସମ୍ପୂର୍ଣ୍ଣ ରହସ୍ୟମୟ । ସେହି ଗାଁ ବିଷୟରେ ଏବଂ ସେଠାରେ ଥିବା ରହସ୍ୟ ବିଷୟରେ ଜାଣିବା ପାଇଁ ବୈଜ୍ଞାନିକମାନେ ଅନେକ ପ୍ରୟାସ କରିଛନ୍ତି । କିନ୍ତୁ ସବୁପରେ ମଧ ସେ ଏହି ଗାଁ ବିଷୟରେ କିଛି ବି ତଥ୍ୟ ପାଇ ନାହାନ୍ତି । ତେବେ ଆମେ ଆଜି ଆପଣମାନଙ୍କୁ ସେହି ଗାଁ ବିଷୟରେ ଜଣାଇବାକୁ ଯାଉଛୁ ଯାହା ଜାଣିଲେ ଆପଣମାନେ ମଧ ବିଶ୍ୱାସ କରି ପାରିବେ ନାହିଁ । ବର୍ତ୍ତମାନ ଆସନ୍ତୁ ଜାଣିବା ସେହି ରହସ୍ୟମୟୀ ଗାଁ ବିଷୟରେ...**







ମେକ୍ସିକୋରେ ଏକ ଗାଁ ଅଛି ଯାହା ଦୁନିଆର ରହସ୍ୟମୟ ସ୍ଥାନ ମଧରେ ଅନ୍ତର୍ଭୁକ୍ତ । ଏହି ଗାଁରେ ପିଲାମାନେ ଜନ୍ମ ହେବାପରେ ଏପରି କିଛି ଘଟେ ଯାହାକୁ ଶୁଣିଲେ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ । ତେବେ ଏଠାରେ ପିଲାମାନେ ଜନ୍ମ ହୁଅନ୍ତି, ହେଲେ ଜନ୍ମର କିଛି ଦିନପରେ ସେମାନେ ଅନ୍ଧ ହୋଇଯାଆନ୍ତି । ଖାଲି ମଣିଷ ନୁହେଁ ପଶୁ ବି ଅନ୍ଧ ପାଲଟି ଯାଆନ୍ତି । ଯେଉଁଥିପାଇଁ ମେକ୍ସିକୋର ଏହି ଗାଁକୁ ଅନ୍ଧ ଗାଁ ମଧ କୁହାଯାଏ । ଯାହାର ପ୍ରକୃତ ନାମ ହେଉଛି ଟିଲଟେପେକ । ତେବେ ଏହି ଅଦ୍ଭୁତ କାରଣରୁ ଏହି ଗାଁ ସାରା ବିଶ୍ୱରେ ପ୍ରସିଦ୍ଧ ହୋଇଛି । ଯାହା ବିଷୟରେ ଶୁଣିଲେ କେହି ବି ସହଜରେ ବିଶ୍ୱାସ କରନ୍ତି ନାହିଁ । ଟିଲଟେପକ୍ ଗାଁ ଦୁନିଆର ସବୁଠାରୁ ରହସ୍ୟମୟ ଗାଁ ମଧରୁ ଅନ୍ୟତମ । କାରଣ ଏହି ଗାଁରେ କେବଳ ଅନ୍ଧମାନେ ହିଁ ବସବାସ କରନ୍ତି । କୁହାଯାଏ ଜାପୋଟେକ୍ ଜନଜାତି ମେକ୍ସିକୋର ଟିଲଟେପାକରେ ରୁହନ୍ତି । ଯେତେବେଳେ ସେଠାରେ ପିଲାମାନେ ଜନ୍ମ ହୁଅନ୍ତି ସେମାନଙ୍କର ଆଖି ସଂପୂର୍ଣ୍ଣ ଭଲ ଥାଏ। କିନ୍ତୁ ସମୟ ଗଡିବା ସହିତ ସେମାନଙ୍କର ଆଖି ନଷ୍ଟ ହୋଇଯାଏ । ଏହା କେବଳ ମଣିଷ ନୁହେଁ ପଶୁମାନଙ୍କ ସହ ମଧ ହୋଇଥାଏ । ସେପଟେ ଏହି ଗାଁରେ ବାସ କରୁଥିବା ଜନଜାତିର ଲୋକମାନେ ସେଠାରେ ଥିବା ଏକ ଅଭିଶାପିତ ବୃକ୍ଷକୁ ସେମାନଙ୍କର ଅନ୍ଧ ହେବାର କାରଣ ବୋଲି କୁହନ୍ତି । ସେମାନେ କହିଛନ୍ତି ଲାଭାଜୁଏଲା ନାମକ ଏକ ଗଛ ଅଛି । ଯାହାକୁ ଦେଖିବାପରେ ମଣିଷ ଠାରୁ ପଶୁ ଏବଂ ପକ୍ଷୀ ସମସ୍ତେ ଅନ୍ଧ ହୋଇଯାଆନ୍ତି । ତେବେ ଏହି ଗଛ ଗାଁରେ ବର୍ଷ ବର୍ଷ ଧରି ରହି ଆସିଛି । ସେପଟେ ଏହାକୁ କିଛି ଲୋକ ବିଶ୍ୱାସ କରୁଥିବା ବେଳେ ଅନେକ ଏହାକୁ ଅନ୍ଧବିଶ୍ୱାସ ବୋଲି କୁହନ୍ତି । ବିଶେଷଜ୍ଞମାନଙ୍କ କହିବା ଅନୁସାରେ ଏହି ଗାଁରେ ବିଷାକ୍ତ ମାଛି ମଧ ଦେଖିବାକୁ ମିଳୁଛି । ଏହି ମାଛି କାମୁଡିବା ଦ୍ୱାରା ଲୋକମାନେ ଅନ୍ଧ ହେଇଯାଉଛନ୍ତି। ଏହା ଗାଁ ବିଷୟରେ ଜାଣିବାପରେ ମେକ୍ସିକୋ ସରକାର ଗ୍ରାମବାସୀଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିଥିଲେ । ହେଲେ ସରକାର ମଧ କିଛି ସଫଳତା ପାଇଲେ ନାହିଁ । ପରବର୍ତ୍ତୀ ସମୟରେ ସରକାର ଏଜି ଜନଜାତିଙ୍କୁ ଅନ୍ୟତ୍ର ରହିବାକୁ କହିଥିଲେ । ହେଲେ ସେଠାର ଜଳବାୟୁ ସେମାନଙ୍କ ପାଇଁ ଅନୁକୂଳ ନଥିଲା । ଫଳରେ ସେହି ଲୋକମାନେ ସରକାର ଦେଇଥିବା ସ୍ଥାନରେ ରହି ପାରିଲେ ନାହିଁ । ଯାହାଫଳରେ ସେମାନେ ପୁନର୍ବାର ଟିଲଟେପକ୍ ଗାଁରେ ରହିବାକୁ ଲାଗିଲେ । ତେବେ ଆଜି ବି ସେ ସ୍ଥାନରେ ଲୋକେ ଅନ୍ଧ ହୋଇ ଜୀବନ ବିତାଉଛନ୍ତି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୧ ମାର୍ଚ୍ଚ ୨୦୨୪, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପୁତିନ୍‌ଙ୍କ ପଞ୍ଚମ ପାଳି

ସମାଲୋଚକମାନେ ଦୃଢ଼ ସ୍ୱରରେ ଦାବି କରୁଛନ୍ତି ଯେ ଅନ୍ୟାୟ, ଅନୀତି କରି ରୁଷିଆର ରାଷ୍ଟ୍ରପତି ନିର୍ବାଚନରେ ଭ୍ଲାଦିମିର ପୁତିନ୍ ବିଜୟ ଲାଭ କରିଛନ୍ତି, କିନ୍ତୁ ବର୍ତ୍ତମାନ ସମୟର ରାଜନୀତିରେ ନୀତି ଓ ନ୍ୟାୟ ବୋଲି କିଛି ଅଛି ! ବୀରଭୋଗ୍ୟ ବସୁନ୍ଧରା- ଏଇ ବାକ୍ୟଟି କାଳେ କାଳେ ସତ ହୋଇନାହିଁ କି ? ସେ ଯାହାହେଉ, ପୁତିନ୍ କିନ୍ତୁ ବିଜୟୀ ହୋଇଛନ୍ତି, ନିଜର ପ୍ରତିଦ୍ୱନ୍ଦୀମାନଙ୍କୁ କାହିଁ କେତେ ପଛରେ ପକାଇ, ପ୍ରାୟ ସମସ୍ତଙ୍କୁ ଧୂଳି ଚଟାଇ ତାଙ୍କ ସପକ୍ଷରେ ମିଳିଥିବା ୮୭.୮ ପ୍ରତିଶତ ଭୋଟ୍ ବଳରେ। ଅବଶ୍ୟ ଏଇ ନିର୍ବାଚନ ତାଙ୍କ ପାଇଁ ଏକ ବଡ଼ ଧରଣର ବିଜୟ ଆଣିବ ବୋଲି ଆରମ୍ଭରୁ ହିଁ ଆଶା କରାଯାଉଥିଲା । ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ କମ୍ୟୁନିଷ୍ଟ ଦଳର ନିକୋଲେ ଖାରିତୋନୋଭ୍ ପାଇଛନ୍ତି ମାତ୍ର ୪.୩୧ ପ୍ରତିଶତ ଭୋଟ୍ ଏଇ ନିର୍ବାଚନରେ। ଗୋଟିଏ ବାକ୍ୟରେ କହିଲେ, ଏଇ ୩-ଦିନିଆ ନିର୍ବାଚନ କାର୍ଯ୍ୟକ୍ରମକୁ ରୁଷିଆର ୟୁକ୍ରେନ୍‌ରେ 'ବିଶେଷ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ' ଉପରେ ଏକ ଗଣଭୋଟ୍ କରାଯିବା ଦୃଷ୍ଟିରେ ଦେଖା ଯାଉଥିଲା । ସମ୍ପ୍ରତି ପୂର୍ବତନ କେଜିବି ଅଫିସର ପୁତିନ୍ ଯେତେବେଳେ ପଞ୍ଚମ ଥର ପାଇଁ ରାଷ୍ଟ୍ରପତି ପଦରେ ନିର୍ବାଚନ ଜିତି ଅଧିଷ୍ଠିତ ହେବାକୁ ଯାଉଛନ୍ତି, ସେ ଜୋଶେଫ୍ ଷ୍ଟାଲିନ୍‌ଙ୍କୁ ଅତିକ୍ରମ କରି ସାରିଛନ୍ତି ଏବଂ କେବଳ ଯାହା ରୁଷିଆର ଦୀର୍ଘକାଳୀନ ଶାସକ ମହାନ୍ କାଥେରିନ୍‌ଙ୍କଠାରୁ ଦୀର୍ଘ ସମୟର ଶାସକ ଭାବରେ ପଛରେ ରହିଛନ୍ତି । ପରନ୍ତୁ, ସୂଚାଇ ଦିଆଯାଇପାରେ ଯେ ବିରୋଧୀ ରାଜନେତା ଏବଂ ସେମାନଙ୍କର ପ୍ରାର୍ଥୀତ୍ୱକୁ ନିର୍ବାଚନ ପୂର୍ବରୁ ଖାରଜ କରି ଦିଆଯାଇଥିଲା। ମତଦାନ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥଲା ୟୁକ୍ରେନ୍‌ର ଚାରିଗୋଟି ପ୍ରଦେଶରେ, ଯାହାକୁ ରୁଷିଆ ଏହାର ପଡ଼ୋଶୀ ସହିତ ଯୁଦ୍ଧ ସମୟରେ ନିଜ ରାଷ୍ଟ୍ରରେ ମିଶାଇଛି । ସେହିସବୁ ଅଞ୍ଚଳରୁ ମିଳିଥିବା ରିପୋର୍ଟ ଅନୁସାରେ ଲୋକମାନଙ୍କୁ ରୁଷୀୟ ସେନାବାହିନୀ ଜୋର ଜବରଦସ୍ତ ଭୋଟ୍ ଦିଆଇ ଥିଲେ। ତଥାପି, ନିର୍ବାଚନ ଚାଲିଥିବା ବେଳେ ୟୁକ୍ରେନୀୟ ଡ୍ରେନ୍‌ଗୁଡ଼ିକ ରୁଷିଆର ସୀମା ଉପରେ ଆକ୍ରମଣ କରି ଚାଲିଥିଲେ, ଯାହା ଦର୍ଶାଇ ଥିଲା ଯେ ମସ୍କୋ ଏବେ ସୁଦ୍ଧା କିଭ୍ ଏବଂ ଏହାର ପାଶ୍ଚାତ୍ୟ ମିତ୍ରଶକ୍ତିମାନଙ୍କ ତରଫରୁ ବିପଦର ସମ୍ମୁଖୀନ । ଏହାର ମୋଟାମୋଟି ଅର୍ଥ ହେଉଛି, ପଞ୍ଚମ ଥର ପାଇଁ ଦେଶର ନେତା ନିର୍ବାଚିତ ହେବା ସତ୍ତ୍ୱେ ସାମ୍ପ୍ରତିକ ସମୟରେ ଜନସାଧାରଣ ତାଙ୍କ ବିରୋଧରେ ଅସନ୍ତୁଷ୍ଟ ଅଛନ୍ତି। କେତେକ ଭୋଟର ତ ବ୍ୟାଲଟ୍ ବକ୍ସରେ ପ୍ରତିବାଦ ସ୍ୱରୂପ ରଙ୍ଗ ଢାଳିଥିଲେ। ପୁଣି ଶହ ଶହ ସଂଖ୍ୟକ ରୁଷ ନାଗରିକ ବିରୋଧୀ ଦଳର ନେତା ଆଲେକ୍ସେଇ ନାଭାଲନିଙ୍କ ସ୍ମାରକୀ ନିକଟରେ ପ୍ରତିବାଦ ଜାହିର କରିଥିଲେ, ଯିଏକି ଫେବ୍ରୁଆରୀ ମାସରେ ଆର୍କଟିକ୍ କାରାଗାରରେ ପ୍ରାଣତ୍ୟାଗ କରିଥିଲେ। ତେବେ, ଏହା ଅନସ୍ୱୀକାର୍ଯ୍ୟ ଯେ ଶ୍ରୀଯୁକ୍ତ ପୁତିନ୍ ୟୁକ୍ରେନ୍ ଯୁଦ୍ଧକୁ ତାଙ୍କ ସମାଲୋଚକମାନେ ଯେପରି ଆଶା କରିଥିଲେ, ତା'ଠାରୁ ଢେର୍ ଉତ୍ତମ ରୂପେ ଉଭୟ ଦେଶ ଭିତରେ ଏବଂ ଆନ୍ତର୍ଜାତିକ ସ୍ତରରେ ପରିଚାଳନା କରି ଚାଲିଛନ୍ତି, ବିଶେଷକରି ଏଇ ଯୁଦ୍ଧର ପ୍ରଥମ କେତେ ମାସ ପରେ, ଯେତେବେଳେ କି ରୁଷିଆର ସେନାବାହିନୀ ଅନେକଗୁଡ଼ିଏ କ୍ଷତିର ସମ୍ମୁଖୀନ ହୋଇଥିଲା। କେବଳ ଏତିକି ନୁହେଁ, ଏହି ଦେଶ ବିରୁଦ୍ଧରେ ପାଶ୍ଚାତ୍ୟ ଦେଶମାନଙ୍କ ଆର୍ଥିକ କଟକଣା ଲାଗୁ ହେଲା, ଯାହା ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ଭବିଷ୍ୟବାଣୀଠାରୁ ମଧ୍ୟ ଢେର୍ ଅଧିକ ପରିମାଣରେ ରୁଷିଆର ଅର୍ଥନୀତିକୁ ସଂକୁଚିତ କରି ଦେଲା । ତା' ସତ୍ତ୍ୱେ ପୁତିନ୍ ଦୃଢ଼ ଭାବରେ ତା'ର ମୁକାବିଲା କରି ଚାଲିଲେ; ଦେଶରେ ମିଳୁଥିବା ପାଶ୍ଚାତ୍ୟ ବ୍ରାଣ୍ଡର ଜିନିଷଗୁଡ଼ିକ ଭଳି ସମାନ ଧରଣର ସ୍ୱଦେଶୀ ଜିନିଷମାନ ତିଆରି କରି ସାଧାରଣ ଲୋକମାନଙ୍କ ଉପରେ ତା'ର ପ୍ରଭାବକୁ ହ୍ରାସ କଲେ। ଆଉ ବର୍ତ୍ତମାନର ପରିସ୍ଥିତି ହେଉଛି- ପାଶ୍ଚାତ୍ୟ ରାଷ୍ଟ୍ରମାନେ, ନିର୍ଦ୍ଦିଷ୍ଟ ଭାବରେ ଯୁକ୍ତରାଷ୍ଟ୍ର ଆମେରିକା ନିଜର ଆଭ୍ୟନ୍ତରୀଣ ରାଜନୀତିରେ ମତ ଭେଦକୁ ପରିଲକ୍ଷିତ କରୁଛି ଏଇ ପ୍ରସଙ୍ଗରେ ଯେ ୟୁକ୍ରେନ୍‌କୁ ଅସ୍ତ୍ରଶସ୍ତ୍ର ଏବଂ ଅର୍ଥ ପ୍ରଦାନ ଜାରି ରଖିବ ନା ଯୁଦ୍ଧ ବିରତି ପାଇଁ କିଭ୍ ଉପରେ ଚାପ ପକାଇବ, ଯାହା ୟୁକ୍ରେନ୍‌କୁ ଏହାର ସୀମା ହରାଇବା ଦିଗରେ ପଥ କଢ଼ାଇ ନେବ। ପୁତିନ୍‌ଙ୍କୁ ବର୍ତ୍ତମାନ ଯୁଦ୍ଧ ହେଉ କି ଶାନ୍ତି ଦୃଷ୍ଟିରୁ ପାଶ୍ଚାତ୍ୟ ଶକ୍ତି-ବିରୋଧୀ ହିରୋ ଭାବରେ ସମଗ୍ର ବିଶ୍ୱରେ ବିବେଚନା କରାଯାଉଛି । ଏବେ ତାଙ୍କ ସମ୍ମୁଖରେ ଯେଉଁ କାମ କରିବାକୁ ରହିଛି, ତା' ମଧ୍ୟରେ ପ୍ରମୁଖ କାର୍ଯ୍ୟ ଭାବରେ ରହିଛି ଯୁଦ୍ଧଜନିତ କ୍ଷୟକ୍ଷତି ଏବଂ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ଆର୍ଥିକ କଟକଣା ପରେ ବି ନିଜ ରାଷ୍ଟ୍ରର ଅର୍ଥନୀତିକୁ ସୁଦୃଢ଼ କରି ଭୂ-ରାଜନୀତିକ ସମୀକରଣରେ ପରିବର୍ତ୍ତନ ଆଣିବା । ଭାରତ ପାଇଁ ପୁତିନ୍‌ଙ୍କ ପୁନଃନିର୍ବାଚିତ ହେବା ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କରେ ସ୍ଥିରତାକୁ ସୁନିଶ୍ଚିତ କରିଛି । ଏହି ରୁଷୀୟ ନେତା ଭାରତର ସ୍ୱାଧୀନ ଇତିହାସର ପ୍ରାୟ ଏକ ତୃତୀୟାଂଶ ସମୟ ସାଙ୍ଗରେ ରହି ଆସିଛନ୍ତି ଏବଂ ଏବେ ବି ଏଥିରେ କିଛି ବିସଙ୍ଗତି ଦେଖାଯାଇ ନାହିଁ । ତେବେ ଯୁକ୍ତରାଷ୍ଟ୍ର ଆମେରିକାର ଗଣତନ୍ତ୍ର ସହିତ ପୁତିନ୍ ଯେତେବେଳେ କିଛି ଆକ୍ରମଣାତ୍ମକ ମନୋଭାବ ଆପଣାଇବେ, ସମ୍ଭବତଃ ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ତାଙ୍କର ଶ୍ରଦ୍ଧା କାରଣରୁ, ତାହା ଭାରତ ପାଇଁ ହୁଏତ ଚିନ୍ତାର କାରଣ ହୋଇପାରେ। କିନ୍ତୁ ସେଥିପାଇଁ ମଧ୍ୟ ପୁତିନ୍‌ଙ୍କ କଥାର କିଛି ଆଧାର ରହିଛି- 'ଯେ କୌଣସି ଶକ୍ତି ଆମକୁ ଧମକାଇବାକୁ ଉଦ୍ୟମ କରୁ ନା କାହିଁକି, ଆମକୁ ଚପାଇ ରଖିବାକୁ ଆଗେଇ ଆସୁ ନା କାହିଁକି- ଇତିହାସ ସାକ୍ଷୀ, କେହି ହେଲେ ଏପରି କରି ସଫଳ ହୋଇ ନାହାନ୍ତି।'



# ମାସ ଫଗୁଣ, ଋତୁ ବସନ୍ତ

### ପ୍ରେମାନନ୍ଦ ପାଣିଗ୍ରାହୀ

ଜୀବନ ଯମୁନାର ପରିବର୍ତ୍ତନ ପରି ଋତୁବି ପରିବର୍ତ୍ତନ ହୁଏ। କେବେ ଖରା, କେବେ ଶୀତ । ସବୁ ଋତୁ କିଛି ନା କିଛି ପୁଲକ ଖେଳାନ୍ତି ମାଟି, ପାଣି, ପବନ, ଦେହ ଆଉ ମନରେ। କାହାର ଆଗମନରେ ଫାଟିଯାଏ ପୃଥିବୀର ଦେହ ତ ପୁଣି କାହାର ଆଗମନ ମଣିଷର ପଞ୍ଜରାକୁ ଥରେଇ ଦିଏ। କିନ୍ତୁ ବସନ୍ତ ଏମିତି ଏକ ଋତୁ ଯେଉଁ ଋତୁରେ ଆକାଶରେ ମେଘ ନଭାସିଲେ ବି ମଧୁ ବର୍ଷା ହୁଏ। ସେ ବର୍ଷାରେ ଭିଜେ ମାଟି, ଭିଜେ ମନ। ମଣିଷ ସମେତ ଉଦ୍ଭିଦ ଓ ପ୍ରାଣୀ ଜଗତ ପାଇଁ ରୋମାଞ୍ଚକର ଏ ଋତୁ । ଚାରିଆଡେ ଫୁଲ, ଫଳ ଭରି ଯାଇ ପ୍ରକୃତିରାଣୀ ଶୋଭାମୟ ଦିଶେ ।

ବର୍ଷର ବାର ମାସ ମଧ୍ୟରୁ ଫାଲଗୁନ ଅନ୍ୟତମ । ବୈଶାଖ ରୁ ମାସାରମ୍ଭ ହେଉଥିଲେ ମଧ ଫାଲଗୁନ ମାସର ସ୍ଥାନ ଉତ୍କଳୀୟ ଗଣନାନୁସାରେ ଏକାଦଶ । ରାଷ୍ଟ୍ରୀୟ ପଞ୍ଜାଙ୍ଗ ଅନୁସାରେ ଚୈତ୍ର ମାସରୁ ପ୍ରଥମ ମାସ ଗଣନା କରାଗଲେ ଫାଲଗୁନ ମାସର ସ୍ଥାନ ଦ୍ୱାଦଶ । ଚାନ୍ଦ୍ର ଓ ସୌର ଗଣନା ପଦ୍ଧତି ଜ୍ୟୋତିଷ ଶାସ୍ତ୍ରରେ ବହୁକାଳରୁ ପ୍ରଚଳିତ। ଆଦିମ କାଳରୁ ଭାରତର ନରନାରୀ ଚନ୍ଦ୍ରକୁ ଦେଖି ମାସ ଗଣନା କରୁଥିଲେ। ସଂସ୍କୃତରେ ଚନ୍ଦ୍ରକୁ "ମସ" କୁହାଯାଏ। ଚନ୍ଦ୍ରକୁ ଦେଖି ଯେଉଁ ଅବଧିଟିକୁ ଗଣାଯାଏ ତାକୁ ମାସ କୁହାଯାଏ। ହିନ୍ଦୁ ଚାନ୍ଦ୍ର ମାସ ନକ୍ଷତ୍ର କୁ କେନ୍ଦ୍ର କରି ଗଣାଯାଏ । ସମୁଦାୟ ସତେଇଶ ନକ୍ଷତ୍ର ମଧ୍ୟରୁ ଫାଲଗୁନ ମାସରେ ଫାଲଗୁନୀ ନକ୍ଷତ୍ର ଅବସ୍ଥାନ କରିଥାନ୍ତି। ଫାଲଗୁନୀ ନକ୍ଷତ୍ର ଉତ୍ତରା ଫାଲଗୁନି ଓ ପୂର୍ବ ଫାଲଗୁନୀ ଦୁଇ ନାମ ବିଶିଷ୍ଟ। ପ୍ରତ୍ୟେକ ଦୁଇ ଦୁଇଟି ତାରା ସହ ସଂଯୁକ୍ତ ହୋଇ ଆକାଶରେ ଅବସ୍ଥାନ କରି ଥାଆନ୍ତି। ମୁଖ୍ୟତଃ ସୂର୍ଯ୍ୟଙ୍କର ଉତ୍ତରାୟଣ ଓ ଦକ୍ଷିଣାୟନ ଗତି ଋତୁ ପରିବର୍ତ୍ତନର ନିୟାମକ। ଯେତେବେଳେ ସୂର୍ଯ୍ୟ ମକର ରାଶିରୁ ମିଥୁନ ରାଶିକୁ ଗମନ କରନ୍ତି ସେତେବେଳେ ଏହି ଅବଧିକୁ ଉତ୍ତରାୟଣ କହନ୍ତି। ଫାଲଗୁନ ମାସ ସୂର୍ଯ୍ୟଙ୍କର ଉତ୍ତରାୟଣ ସମୟ। ଉତ୍ତରାୟଣକୁ ଦେବତାମାନଙ୍କର ଦିନ ବୋଲି ଗ୍ରହଣ କରାଯାଇଥାଏ। କାରଣ ଉତ୍ତରାୟଣରେ ନିନାଦିତ ହୁଏ ଆଦ୍ୟ ବସନ୍ତର ପ୍ରଥମ କଳତାନ । ସୌରଗଣନା ଅନୁସାରେ ଫାଲ୍‌ଗୁନ ମାସର ନାମ କୁମ୍ଭ ମାସ । ଫଗୁଣ ମାସକୁ ସୁବର୍ଣ୍ଣ ମାସ ମଧ୍ୟ କୁହାଯାଇଥାଏ । ଫଗୁଣ ଶିବ ଓ ଦୋଳ ଗୋବିନ୍ଦଙ୍କ ମାସ। ଫଗୁ ଆଉ ଲଉଡି ଖେଳର ମାସ ।

କଥାରେ ଅଛି -ମାଘ ଫାଡେ,ଫଗୁଣ ଯୋଡେ,ଚଇତ ପୋଡେ । ଏଇ ଫଗୁଣ ଭୋଗ ,ବିଳାସର ମାସ । ଫଗୁଣର ପୁଲକରେ ପୁଲକିତ ହୋଇଉଠେ ପରିବେଶ । ବସନ୍ତର ଥିରିଥିରି ପବନରେ ଅଳସ ଭାଙ୍ଗୁଥିବା ଫୁଲ ହସୁଥାଏ ମୁରୁକି ମୁରୁକି। ରଙ୍ଗ ବେରଙ୍ଗର ଫୁଲର ସମ୍ଭାରରେ ଧରା ହୋଇଉଠେ ରଙ୍ଗମୟ। ସୌନ୍ଦର୍ଯ୍ୟ ଓ ଅନୁରାଗର ପ୍ରତୀକ ଫୁଲ ବସନ୍ତ ଋତୁରେ ଆକର୍ଷଣ କରେ ପ୍ରଜାପତିକୁ ଆଉ ଭାବୁକର କଳ୍ପନା ପ୍ରବଣତାକୁ। ସବୁଜ ବନାନୀ ର ମାୟା,ନାନା ରଙ୍ଗ ଫୁଲର ସୁବାସ ,ବଉଳର ମହକ,ମଳୟର ମୃଦୁ ସ୍ପର୍ଶ,କୋକିଳର କାକଳି ମୋହଗ୍ରସ୍ତ କରିଛି ପ୍ରକୃତିପ୍ରେମୀକୁ,ଭାବୁକକୁ,କବିକୁ। ବସନ୍ତ ଋତୁକୁ କବିମାନେ ନିଜ ନିଜ ଚିନ୍ତା ଚେତନାରେ ସ୍ୱତନ୍ତ୍ର ସ୍ଥାନ ଦେଇଛନ୍ତି। ନବଯୌବନା ପ୍ରକୃତିର ସନ୍ଦର୍ଶନରେ କବି ଲେଖିଛି ରାଶିରାଶି କବିତା । ଇଂରେଜ କବିଙ୍କ ଠାରୁ ଆରମ୍ଭ କରି ଓଡ଼ିଆ କବିଙ୍କ ପର୍ଯ୍ୟନ୍ତ ସମସ୍ତେ ବସନ୍ତର ଯଶଗାନ କରିଆସିଛନ୍ତି। କାଳିଦାସଙ୍କ ଋତୁସଂହାରରେ ବସନ୍ତର ପ୍ରଶସ୍ତି ଅଦିତୀୟ। ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟକବିତାରେ ବସନ୍ତର ବର୍ଣ୍ଣିଳ ବର୍ଣ୍ଣନା ରହିଛି। ଆଧୁନିକ ଯୁଗର କବିଙ୍କ କବିତାରେ ବସନ୍ତର ଚିତ୍ରପଟ୍ଟ ବଦଳି ଯାଇଥିଲେବି ପ୍ରେମ,ବାସନା,ବିଷାଦ ଭରିରହିଛି ।ପ୍ରକୃତିରାଣୀର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ ରକ୍ତିମ ପଳାସ। ସତେଯେମିତି ଧରଣୀରାଣୀ ନାଲି ପାଟ ଓଢଣୀ ମଥାରେ ଟାଣିବା ଭଳି ମନେହୁଏ। ଏହି ପଳାସର ବାସ୍ନା ନଥିଲେ କଣ ହେବ ତାର ସୌନ୍ଦର୍ଯ୍ୟ ପ୍ରେମିକା ଓ ପ୍ରେମିକଙ୍କ ମନକୁ ମୋହିନେଇଥାଏ। ପ୍ରେମ ପୁରୁଷ ଶ୍ରୀକୃଷ୍ଣଙ୍କ ଭାଷାରେ ଋତୁ ମାନଙ୍କ ମଧ୍ୟରେ ମୁଁ କୁସୁମାକର ଅର୍ଥାତ ବସନ୍ତ ଋତୁ ଉନ୍ମେଷ ଓ ଉଲ୍ଲାସକାରୀ ମାସ । ବସନ୍ତର ଉଲ୍ଲସିତ ବାତାବରଣରେ ଦିଅଁ ବି ମତୁଆଲା ହୁଅନ୍ତି। ଫଗୁ ଓ ଫଗୁଣର ମହୋତ୍ସବରେ ସାମିଲ ହେବାକୁ ଦେଉଳ ଛାଡି ଭଗବାନ ଦୋଳ ବିମାନରେ ମେଲଣ ପଡିଆରେ ବିଜେ ହୁଅନ୍ତି । ଅବିର,ରଙ୍ଗ,ଧୂପର ବାସ୍ନାରେ ମହକି ଉଠେ ପରିବେଶ ।

ମାଘଶୁକ୍ଳ ପଞ୍ଚମୀ ତିଥିରୁ ଓଡିଆ ଜାତିର ବଡ ଠାକୁର ରୂପେ ପୂଜ୍ୟ ଶ୍ରୀ ଜଗନ୍ନାଥ ନିଜର ଶୀତ ବସ୍ତ୍ରକୁ ଏଡାଇ ଗୈରିକ ବର୍ଣ୍ଣର ବସ୍ତ୍ରରେ ନିଜକୁ ଆଭୂଷଣ କରନ୍ତି। ଗୈରିକ ବର୍ଣ୍ଣ ବସନ୍ତ ଋତୁର ବର୍ଣ୍ଣ ଓ ବ୍ରହ୍ମଚାରୀର ଭୂଷଣ। ଭୋଗ ବିଳାସର ଋତୁ ବସନ୍ତର ଆଗମନରେ ପ୍ରଭୁ ନିଜେ ସେସବୁ ତ୍ୟାଗକରି ବ୍ରହ୍ମଚାରୀ ବେଶରେ କାଳାତିପାତ କରିବାକୁ ତଥା ସଂଯମୀ ହେବାକୁ ଭକ୍ତଗଣଙ୍କୁ ଆହ୍ୱାନ ଦେଇଥାନ୍ତି।


ଭୁଷଳ,ଭୁବନ,ଢେଙ୍କାନାଳ

ମୋ-୯୪୩୭୭୨୯୩୮୪




# ପୁତିନଙ୍କ ତୃତୀୟ ବିଶ୍ୱଯୁଦ୍ଧ ଧମକ

### ସୌମେନ୍ଦ୍ର ଜେନା

ରଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ୧୬ ମାର୍ଚ୍ଚରେ ଘୋଷିତ ରାଷ୍ଟ୍ରପତି ନିର୍ବାଚନରେ ପୁନର୍ବାର ୬ବର୍ଷ ପାଇଁ ବିଜୟୀ ହୋଇଛନ୍ତି। ତାଙ୍କର ଏହି ବିଜୟ ପରେ ସେ ଷ୍ଟାଲିନଙ୍କ ଅଧିକ ଦିନ ଶାସନରେ ରହିବା ରେକର୍ଡକୁ ଭଙ୍ଗ କରିଛନ୍ତି। ୭୧ବର୍ଷୀୟ ପୁତିନଙ୍କୁ ୮୭.୮ ପ୍ରତିଶତ ଭୋଟ ମିଳିବା ପରେ ଏହା ସୋଭିଏତ୍ ପରବର୍ତ୍ତୀ ଶାସନକାଳରେ ସର୍ବାଧିକ ମତ ବୋଲି କୁହାଯାଉଛି। ଏହି ଜନସମର୍ଥନକୁ ଆଧାର କରି ପୁତିନ ଆଗାମୀ ଦିନରେ ଅଧିକ କଠୋର ନିଷ୍ପତ୍ତି ନେବାର ସୂଚନା ମିଳିଲାଣି । ତାଙ୍କ ନିକଟତମ ପ୍ରାର୍ଥୀ କମ୍ୟୁନିଷ୍ଟ ପାର୍ଟିର ନିକୋଲାଇ ଖାରିତନୋଭଙ୍କୁ ୪ ପ୍ରତିଶତରୁ କମ୍ ଭୋଟ ମିଳିଛି। ନୂତନ ପ୍ରାର୍ଥୀ ଭ୍ଲାଦିସ୍ଲାଭ ଡାଭାନକୋଭ ତୃତୀୟ ସ୍ଥାନରେ ଏବଂ ରାଷ୍ଟ୍ରବାଦୀ ଲିଓନିଡ ସ୍କଟସ୍କି ଚତୁର୍ଥ ସ୍ଥାନରେ ରହିଛନ୍ତି। ପୁତିନ ନିର୍ବାଚନରେ ବିଜୟୀ ହେବାପରେ ଆଗାମୀ ଦିନରେ ତୃତୀୟ ବିଶ୍ୱଯୁଦ୍ଧ ସଂକେତ ଦେଇଛନ୍ତି । ରଷିଆ ତୃତୀୟ ବିଶ୍ୱଯୁଦ୍ଧର ଲକ୍ଷ୍ୟସ୍ଥଳରୁ ଅଳ୍ପ ଦୂରରେ ରହିଥିବା କଥା ପୁତିନ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ରଷିଆ ଏବଂ ନାଟୋ ମେଣ୍ଟର ସଦସ୍ୟଭୁକ୍ତ ରାଷ୍ଟ୍ରଙ୍କ ସହ ଯୁଦ୍ଧ ହେବାର ସମ୍ଭାବନାକୁ ସେ ଏଡାଇ ଦେଇନାହାନ୍ତି । ଏପରିକି ଆବଶ୍ୟକ ପଡିଲେ ରଷିଆ ପରମାଣୁ ଅସ୍ତ୍ରକୁ ପ୍ରୟୋଗ କରିବାକୁ ପଛାଇବ ନାହିଁ ବୋଲି ମଧ୍ୟ ଚେତାବନୀ ଶୁଣାଇଛନ୍ତି । ରଷିଆର ୧୧.୪୨କୋଟି ମତଦାତା (୭୨.୮୪ ପ୍ରତିଶତ) ନିର୍ବାଚନ ପାଇଁ ତିନିଦିନରେ ଭୋଟ ଦେଇଥିଲେ । ତିନି ପର୍ଯ୍ୟାୟର ମତଦାନ ୧୬ମାର୍ଚ୍ଚ ଦିନ ଶେଷ ହୋଇଥିଲା। ବିଗତ ୨୦୦ବର୍ଷର ରଷିଆ ଇତିହାସରେ ପୁତିନ ସର୍ବାଧିକକାଳ ଶାସନରେ ଥିବା ବ୍ୟକ୍ତି ହେବେ । ସେ ଏବେ ପଞ୍ଚମଥର ପାଇଁ ରାଷ୍ଟ୍ରପତି ହୋଇଛନ୍ତି। ୧୯୯୯ରୁ ଆଜି ଯାଏଁ ସେ ରଷିଆର କ୍ଷମତା କେନ୍ଦ୍ରରେ ରହିଆସିଛନ୍ତି । ୧୯୯୯ରେ ସେ କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ପରେ ନିଜ ପ୍ରଧାନମନ୍ତ୍ରୀଙ୍କୁ ବୁଝାଇ ଦୁଇଥର ରାଷ୍ଟ୍ରପତି ହେବା ବ୍ୟବସ୍ଥାର ସଂଶୋଧନ କରାଇଥିଲେ । ୨୦୧୨ରେ ସେ ପୁଣିଥରେ ରାଷ୍ଟ୍ରପତି ଦାୟିତ୍ୱ ନେଇଥିଲେ। ନିୟମ ଅନୁଯାୟୀ ଦୁଇଥର ରାଷ୍ଟ୍ରପତି ଭାବେ ବାରବର୍ଷ ପାଇଁ ୨୦୨୪ ଯାଏଁ ସେ ରାଷ୍ଟ୍ରପତି ରହିବାର ବ୍ୟବସ୍ଥା ରହିଥିଲା । କିନ୍ତୁ ୨୦୨୦ରେ ରଷିଆର ସମ୍ବିଧାନକୁ ସଂଶୋଧନ କରି ନିଜ ପାଇଁ ସେ ବାଟ ଫିଟାଇଥିଲେ । ୧୯୯୯ରେ ବୋରିସ ୟେଲତ୍‌ସିନ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଦେବାଠାରୁ ପୁତିନ ଆଜିଯାଏଁ କ୍ଷମତାର କେନ୍ଦ୍ରରେ ରହିଆସିଛନ୍ତି ।

ପୁତିନଙ୍କ ବିଜୟକୁ ଲକ୍ଷ୍ୟ କରିପାରିଥିବା ଇସ୍ତୋନିଆର ପ୍ରଧାନମନ୍ତ୍ରୀ କାଜା କଲ୍ଲାସ କହିଛନ୍ତି ଯେ ନାଟୋ ସହ ଯୁଦ୍ଧ କରିବାକୁ ପୁତିନଙ୍କ ମନରେ ଭୟ ରହିଛି । ଇସ୍ତୋନିଆ ରଷିଆର ପଡୋଶୀ ରାଷ୍ଟ୍ର ହୋଇଥିବାରୁ ପୁତିନଙ୍କ ବିଜୟ ପରେ ୟୁକ୍ରେନ ଯୁଦ୍ଧ ଭୟଙ୍କର ହେବ ଏବଂ କୌଣସି ୟୁରୋପୀୟ ରାଷ୍ଟ୍ର ଯୁଦ୍ଧରୁ ଦୂରରେ ରହିପାରିବେ ନାହିଁ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି । ପୁତିନଙ୍କ ଯୁଦ୍ଧ ଧମକକୁ ନାଟୋ ରାଷ୍ଟ୍ରସମୂହ ଗୁରୁତ୍ୱର ସହ ଗ୍ରହଣକରି ୟୁକ୍ରେନକୁ ଅଧିକ ସମର୍ଥନ କରିବା ଆବଶ୍ୟକ ବୋଲି କହିଛନ୍ତି । ଏଠାରେ ଉଲ୍ଲେଖନୀୟ ଯେ ରଷିଆର ଇତିହାସରେ 'କ୍ୟାଥେରାଇନ ଦି ଗ୍ରେଟ' ୧୭୬୨ରୁ ୧୭୯୬ ପର୍ଯ୍ୟନ୍ତ ୩୪ବର୍ଷ କାଳ ରଷିଆର ଶାସନରେ ରହିଥିଲେ । ପରେ କମ୍ୟୁନିଷ୍ଟ ପାର୍ଟିର ସାଧାରଣ ସଂପାଦକ ଯୋଶେଫ ଷ୍ଟାଲିନ୍ ୧୯୨୨ରୁ ୧୯୫୨ ଯାଏଁ କ୍ରମାଗତ ୩୦ବର୍ଷ ଧରି ରଷିଆର ଶାସନରେ ଅଧିକକାଳ ରହିବାରେ ଦ୍ୱିତୀୟ ଶାସକ ଥିଲେ । ସମ୍ବିଧାନ ବ୍ୟବସ୍ଥାନୁସାରେ ପୁତିନ ଆଗାମୀ ୧୨ବର୍ଷ ବା କ୍ରମାଗତ ଦୁଇଥର ୨୦୩୬ ଯାଏଁ ରଷିଆର ରାଷ୍ଟ୍ରପତି ରହିପାରିବେ ।

ପୁତିନଙ୍କ ବିଜୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଚୀନ ରାଷ୍ଟ୍ରପତି ଶୁଭେଚ୍ଛା ଜଣାଇଥିଲେ ମଧ୍ୟ ପାଶ୍ଚାତ୍ୟ ରାଷ୍ଟ୍ର ମୋଦିଙ୍କ ଶୁଭେଚ୍ଛାକୁ ସମାଲୋଚନା କରିଛନ୍ତି । ପୁତିନ ବିରୋଧୀ ଲୋକଙ୍କୁ ଭୋଟ ଦେବାରୁ ବଞ୍ଚିତ କରିବା, ବିରୋଧୀଙ୍କୁ ଗିରଫ କରିବା ପରି କାର୍ଯ୍ୟ କରି ଗଣତନ୍ତ୍ରର ହତ୍ୟା କରୁଥିବା ଅଭିଯୋଗ କରିଛନ୍ତି । ତେବେ ରଷିଆ ମୁକ୍ତ ଗଣତନ୍ତ୍ର ହେଲେ ତଥାକଥିତ ଗଣତନ୍ତ୍ରବାଦୀ ଷଡଯନ୍ତ୍ରକାରୀ ରାଷ୍ଟ୍ରସମୂହଙ୍କୁ ରଷିଆ ମଧ୍ୟରେ ବିଭାଜନର ମଞ୍ଜିବୁଣିବାକୁ ଅଧିକ ସମୟ ଲାଗିବ ନାହିଁ, ଏକଥା ପୁତିନଙ୍କୁ ଜଣାଅଛି । ନାଟୋ ଏବଂ ଆମେରିକାର ଗୃଧ୍ର ଦୃଷ୍ଟିରୁ ରଷିଆକୁ ରକ୍ଷାକରିବା ପୁତିନଙ୍କ ବଡ ଲକ୍ଷ୍ୟ ରହିଛି । କାରଣ ଯେଉଁ ପେରେସ୍ତ୍ରୋଇକା ପାଇଁ ସୋଭିଏତର ବିଭାଜନ ହେଲା ତାକୁ ଆଉଥରେ ଦୋହରାଇ ରଷିଆକୁ ଦୁର୍ବଳ ହେବାକୁ ପୁତିନ ଦେବେ ନାହିଁ ବରଂ ଆଗାମୀ ଦିନରେ ସୋଭିଏତକାଳୀନ ରାଷ୍ଟ୍ରଗୁଡିକର ଏକତ୍ରୀକରଣ ଉପରେ ସେ ଜୋରଦେବେ ବୋଲି ପୂର୍ବରୁ କହିସାରିଛନ୍ତି ।

ପୁତିନ ରଷିଆର ଗୁଇନ୍ଦା ସଂସ୍ଥା କେଜିବିରେ ୧୬ବର୍ଷ ଚାକିରୀ କଲାପରେ ୧୯୯୧ରେ ଇସ୍ତଫା ଦେଇ ରାଜନୀତିକୁ ଆସିଥିଲେ। ୧୯୯୯-୨୦୦୦ରେ ସେ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହି ୨୦୦୦ରୁ ୨୦୦୮ ଯାଏଁ ରାଷ୍ଟ୍ରପତି ରହିଥିଲେ । ୨୦୦୮ରୁ ୨୦୧୨ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ରହି ୨୦୧୨ରୁ ୨୦୨୪ ପର୍ଯ୍ୟନ୍ତ କ୍ରମାଗତ ଦୁଇଥର ରାଷ୍ଟ୍ରପତି ରହିଥିଲେ। ସୋଭିଏତ୍ ରଷିଆର ପତନ ପରେ ସେଣ୍ଟ ପିଟର୍ସବର୍ଗର ଭିନ୍ନ ଭିନ୍ନ ପ୍ରଶାସନିକ ଦାୟିତ୍ୱରେ ରହି ପୁତିନ ସହରର ମେୟର ଆନାଟୋଲି ସବ୍‌ଚକଙ୍କ ନିକଟତର ହେବା ପରେ ରାଜନୀତିରେ ତାଙ୍କର ଉତ୍‌ଥାନ ହୋଇଥିଲା। ଅତୀତର ଲେନିନଗ୍ରାଡ ଏବଂ ବର୍ତ୍ତମାନର ସେଣ୍ଟ ପିଟର୍ସବର୍ଗଠାରେ ପୁତିନଙ୍କ ଜନ୍ମ ହୋଇଥିଲା। ତାଙ୍କ ମାତା କାରଖାନାରେ କାର୍ଯ୍ୟ କରୁଥିଲାବେଳେ ତାଙ୍କ ପିତା ରଷିଆର ନୌସେନାରେ କାର୍ଯ୍ୟ କରିଥିଲେ । ୧୯୭୫ରେ ସେଣ୍ଟ ପିଟର୍ସବର୍ଗର ବିଶ୍ୱବିଦ୍ୟାଳୟରୁ ଆଇନରେ ଡିଗ୍ରୀ ଲାଭ କରିବା ପରେ ସେ କେଜିବିରେ ଯୋଗ ଦେଇଥିଲେ । ୧୯୮୪ରେ ଅଧିକ ଅଧ୍ୟୟନ ପାଇଁ ତାଙ୍କୁ ମସ୍କୋର ୟୁରି ଆଣ୍ଡ୍ରୋପୋଭ ରେଡ୍ ବ୍ୟାନର ଇନ୍‌ଷ୍ଟିଚ୍ୟୁଟକୁ ପଠାଯାଇଥିଲା । ସେଠାରେ ଶିକ୍ଷାପ୍ରାପ୍ତି ପରେ ତାଙ୍କୁ ପୂର୍ବ ଜର୍ମାନୀର ଡ୍ରେସଡେନଠାରେ ଥିବା ରଷୀୟ କାର୍ଯ୍ୟାଳୟଠାରେ ଜଣେ ଅନୁବାଦକ ଭାବେ ନିଯୁକ୍ତି ମିଳିଥିଲେ ହେଁ ତାଙ୍କର ମୁଖ୍ୟକାର୍ଯ୍ୟ କେଜିବି ପାଇଁ ଗୋଇନ୍ଦାଗିରି କରିବା ରହିଥିଲା । ପୂର୍ବ ଓ ପଶ୍ଚିମ ଜର୍ମାନୀର ମିଶ୍ରଣ ପାଇଁ ସେତେବେଳେ ବ୍ୟାପକ ଆନ୍ଦୋଳନ ଜାରିଥିଲା । ଡ୍ରେସଡେନଠାରେ ଥିବା ରଷିଆ ସାଂସ୍କୃତିକ କେନ୍ଦ୍ର ଏବଂ କେଜିବି ଭିଲ୍ଲା ସମ୍ମୁଖରେ ଆନ୍ଦୋଳନ ଚାଲୁ ରହିଥିଲା । ଆନ୍ଦୋଳନକାରୀମାନେ ପୁତିନଙ୍କ କାର୍ଯ୍ୟାଳୟ ଉପରେ ଆକ୍ରମଣ କରି ସମସ୍ତ କାଗଜପତ୍ର ପୋଡିଦେବାକୁ ଉଦ୍ୟମ କରିଥିଲାବେଳେ ପୁତିନ କେଜିବି ଏବଂ ଷ୍ଟାସୀ ଏଜେଣ୍ଟମାନଙ୍କୁ ରକ୍ଷାକରିବା ସହ ସେ ସବୁକୁ ମସ୍କୋକୁ ପଠାଇବାରେ ସମର୍ଥ ହୋଇଥିଲେ । ୧୯୯୧ରେ ମିଖାଇଲ ଗୋର୍ବାଚେଭଙ୍କ ବିରୁଦ୍ଧରେ ରଷିଆର ସେନା ବିଦ୍ରୋହ କରିବା ପରେ ସେ କେଜିବି ଚାକିରୀରୁ ଇସ୍ତଫା ପ୍ରଦାନ କରି ରାଜନୀତିକୁ ଆସିଥିଲେ । ୧୯୯୪ରେ ସେଣ୍ଟପିଟର୍ସବର୍ଗର ଡେପୁଟି ଚେଆରମ୍ୟାନ ଭାବେ ତାଙ୍କୁ ନିଯୁକ୍ତି ମିଳିଥିଲା । ମଇ ୧୯୯୫ରେ 'ଆୱାର ହୋମ୍ ରଷିଆ' ରାଜନୈତିକ ଦଳର ସେଣ୍ଟପିଟର୍ସବର୍ଗର ଶାଖାକୁ ସେ ସୁଦୃଢ କରି ଜୁନ ୧୯୯୭ ପର୍ଯ୍ୟନ୍ତ ଶାଖାର ନେତା ରହିଥିଲେ । ୧୯୯୯ରେ ରଷିଆର ତତ୍‌କାଳୀନ ରାଷ୍ଟ୍ରପତି ବୋରିସ୍ ୟେଲତ୍‌ସିନ ତାଙ୍କୁ ପ୍ରଧାନମନ୍ତ୍ରୀ ଦାୟିତ୍ୱ ପ୍ରଦାନ କରିଥିଲେ । ଗୋଟିଏ ବର୍ଷ ମଧ୍ୟରେ ୟେଲତ୍‌ସିନ୍ ଦାୟିତ୍ୱରୁ ଇସ୍ତଫା ଦେଲାପରେ ପୁତିନ ରାଷ୍ଟ୍ରପତି ହୋଇଥିଲେ। ସେ ସମୟରେ ରଷିଆର ଶାସନଗତ ଅସ୍ଥିରତାକୁ ନିୟନ୍ତ୍ରଣ କରିବା ସହ ଦେଶରେ ଶାସନକୁ ସେ ସୁଦୃଢ କରିଥିଲେ ।

ପୁତିନଙ୍କ ପ୍ରଥମ କାର୍ଯ୍ୟକାଳ ମଧ୍ୟରେ ରଷିଆର ଅର୍ଥନୀତିରେ ଅନେକ ଉନ୍ନତି ପରିଲକ୍ଷିତ ହୋଇଥିଲା । କ୍ରମାଗତ ଆଠବର୍ଷ ଧରି ଆର୍ଥିକ ବିକାଶ କାଏମ୍ ରହିବା ଯୋଗୁ ତୈଳ ଓ ଗ୍ୟାସର ଦର ପାଞ୍ଚଗୁଣା ବୃଦ୍ଧି ହୋଇଥିଲା । ରଷିଆର ଅର୍ଥନୀତି ତୈଳ ଓ ଗ୍ୟାସର ରପ୍ତାନୀ ଉପରେ ନିର୍ଭର କରୁଥିବା ହେତୁ କମ୍ୟୁନିଷ୍ଟ ଶାସନ ସମୟର କ୍ଷତିକୁ ଭରଣାକରିବା ସହ ଅର୍ଥନୀତିକୁ ଠିକଣା ରାସ୍ତାକୁ ଆଣିବାରେ ପୁତିନ ସକ୍ଷମ ହୋଇଥିଲେ । ଫଳରେ ରଷିଆ ଦେଶ ବିଭାଜନ ପରବର୍ତ୍ତୀ ସମୟର ଆର୍ଥିକ ମାନ୍ଦାବସ୍ଥା ଓ ସଙ୍କଟରୁ ମୁକୁଳିଲା । ବିଦେଶୀ ପୁଞ୍ଜିନିବେଶକାରୀମାନେ ରଷିଆ ପ୍ରତି ଆକର୍ଷିତ ହେଲେ। ଗଣମାଧ୍ୟମକୁ ନିୟନ୍ତ୍ରଣ କରିବା ଏବଂ ବିରୋଧୀଙ୍କୁ ଦମନ କରିବା ପରି ପୁତିନଙ୍କ ନୀତିକୁ ଦେଶ ଓ ବିଦେଶରେ ସମାଲୋଚନା କରାଯାଉଥିଲେ ମଧ୍ୟ ସେ ଏହା ମାଧ୍ୟମରେ ରଷିଆକୁ ପୁନର୍ବାର ବିଖଣ୍ଡିତ ହେବାରୁ ରକ୍ଷା କରିଛନ୍ତି । ମାର୍ଚ୍ଚ ୨୦୦୪ରେ ପୁତିନ ୨ୟ ଥର ପାଇଁ ରାଷ୍ଟ୍ରପତିଭାବେ ନିର୍ବାଚିତ ହୋଇଥିଲେ । ୨୦୦୭ ନିର୍ବାଚନରେ ପୁତିନଙ୍କ ୟୁନାଇଟେଡ୍ ରଷିଆ ପାର୍ଟି ୬୪.୨୦ ପ୍ରତିଶତ ଭୋଟ ପାଇଲା। କିନ୍ତୁ କ୍ରମାଗତ ଦୁଇଥର ପାଇଁ ଜଣେ ରାଷ୍ଟ୍ରପତି ହେବାର ନିୟମ ଥିବା ହେତୁ ସେ ୩ୟ ଥର ପାଇଁ ରାଷ୍ଟ୍ରପତି ହୋଇପାରିନଥିଲେ । ତେଣୁ ପ୍ରଥମ ଉପପ୍ରଧାନମନ୍ତ୍ରୀ ଥିବା ଦିମିତ୍ରୀ ମେଡଭେଡେଭଙ୍କୁ ରାଷ୍ଟ୍ରପତି ଦାୟିତ୍ୱ ନେଇଥିଲେ । ପୁତିନ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହି ନିଜ ରାଜନୈତିକ ପ୍ରଭୁତ୍ୱକୁ ବୃଦ୍ଧି କରିଥିଲେ। ସେପ୍ଟେମ୍ବର ୨୦୧୧ରେ ରାଷ୍ଟ୍ରପତି ମେଡଭେଡେଭ ପୁତିନଙ୍କୁ ନିଜ ଦଳର ରାଷ୍ଟ୍ରପତି ପ୍ରାର୍ଥୀଭାବେ ମନୋନୀତ କରିଥିଲେ। ୨୦୧୨ରେ ପୁତିନ ନିର୍ବାଚିତ ହେଲାପରେ ୨୦୧୮ରେ ମଧ୍ୟ ୭୬ପ୍ରତିଶତ ଭୋଟ ପାଇ ପୁନର୍ବାର ରାଷ୍ଟ୍ରପତି ଭାବେ ବିଜୟୀ ହୋଇଥିଲେ । ୨୦୨୦ରେ ସମ୍ବିଧାନର ସଂଶୋଧନ ଆଣି ସେ ନିଜ କାର୍ଯ୍ୟକାଳ ବୃଦ୍ଧିପାଇଁ ମାର୍ଗ ପ୍ରଶସ୍ତ କରିଥିଲେ ।

ପୁତିନ ରଷିଆର ରାଷ୍ଟ୍ରପତି ହେବା ପରେ କିଛି କମ୍ ସମସ୍ୟାର ସମ୍ମୁଖୀନ ହୋଇ ନାହାନ୍ତି । ଦ୍ୱିତୀୟ ଚେଚେନ ଯୁଦ୍ଧ, ୨୦୧୪ରେ କ୍ରିମିଆର ରଷିଆ ସହ ମିଶ୍ରଣ, ସିରିଆରେ ସାମରିକ ହସ୍ତକ୍ଷେପ ପରି ସମସ୍ୟାକୁ ସେ ସାମ୍ନା କରିଥିଲେ । ୨୦୨୨ରେ ୟୁକ୍ରେନ ନାଟୋରେ ସାମିଲ ହୋଇ ରଷିଆ ପାଇଁ ସୁରକ୍ଷା ସଙ୍କଟ ଆଣିବାକୁ ଯାଉଥିବା ଦେଖି ସେ ୟୁକ୍ରେନ ଉପରେ ଆକ୍ରମଣ କରିଥିଲେ, ଯାହାକି ଆଜି ପର୍ଯ୍ୟନ୍ତ ଜାରି ରହିଛି ।

ପୁତିନଙ୍କ ବିରୋଧରେ ଆଲେକ୍ସେଇ ନାଭାଲନୀ ନାମକ ଦୁର୍ନୀତି ବିରୋଧୀ ଅଭିଯାନକାରୀ ସ୍ୱର ଉତ୍ତୋଳନ କରିଥିଲେ । ପୁତିନଙ୍କ ଶାସନ ଚୋର ଓ ଖଣ୍ଟମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି ବୋଲି ସେ ଅଭିଯୋଗ କରିଥିଲେ ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)





### ସ୍ୱଚ୍ଛତା

**ସିଦ୍ଧେଶ୍ୱର ତ୍ରିପାଠୀ**

ସେମାନେ ବଡ଼ଲୋକ
କାମ ଦିଅନ୍ତି ଖାଇବାକୁ ଦିଅନ୍ତି
ଆଉ ଟଙ୍କାବି
ତାଙ୍କ ଯୋଗୁଁ ଅନେକଙ୍କ ଚୁଲି ଜଳେ
ଅନେକ ପରିବାର ଚଳେ ।

ତେଣୁ,ସେ ଯାହା କହିବେ
ମାନିଯିବୁରେ ଧନ
ଆମ୍ବ ଗଛରେ
ଆମ୍ବଡା ଫଳିଛି କହିଲେ
ହଁ ମାରିଦବୁ ।

ସେ ମାଡ଼ ଦେବେ ଗାଳି ଦେବେ
ତୋ ବୋପା ମାଆ ଭାଇ ଭଉଣୀ
ଚଉଦ ପୁରୁଷ ଉଧାର କରିଦେବେ
ଭାବ ଆଉ ଭାଷାରେ
ତୁ ନୀରବ ରହିବୁ ।

ସେ ତୋତେ ଅବାଟରେ ଚାଲିବାକୁ
କହିବେ ତୁ ଚାଲିବୁ
ସେ ଦୋଷ କରିବେ ତୁ ଦୋଷୀ
ହେବୁ
ସବୁ ଜାଣିବି ତୁ ପାଟି ଫିଟେଇବୁନି
ମନେ ରଖିଥିବୁ
ସେପରା ଆମ ମାଲିକ ।

କୁଣ୍ଡିଲୋ ଖୋର୍ଦ୍ଧା

### ଜୀବନ ବୃତ୍ତ

**ନରେଶ କୁମାର ସାହୁ**



ତୁମ ପ୍ରତି ଥିବା ମୋ ଅଭିମାନ
ଦେଇ
ଆଜି ବସନ୍ତ ପଶିଆସିଲା
ଆସୁ ଆସୁ କହିଲା
ତୁମ ଶୀତଳ ସ୍ପର୍ଶ
ମୁରୁକି ହସ ଓ
ତୁମ ମଧୁର ଆଲିଙ୍ଗନ ର ସ୍ମୃତି
ଗୀତି।

ବଉଳର ବାସ୍ନା
ମାଟିର ତୃଷ୍ଣା
ଉଷୁମ ପବନ ଓ
ଖରା ଭରା ବଦଳ
ସମସ୍ତଙ୍କ ମୁହଁରେ ଗୋଟେ କଥା
ତୁମେ ଆଉ ମୁଁ !

ଏ ତମେ ଜାଣିଚ
କାଲି ରାତିର ଜହ୍ନ
ଆମ ଜୀବନ ପରି ଗୋଲ ଥିଲା
ଠିକ୍ ଯେମିତି ତୁମ ରାସ୍ତା
ମୋଠି ଅଟକି ଯାଏ
ଆଉ ମୁଁ ତୁମଠି !

ଜୀବନ ବୃତ୍ତ ର ପରିସୀମା
ପ୍ରେମ ଓ ବିଶ୍ୱାସ ର ଗୁଣଫଳ
ବ୍ୟାସ ଆଉ ବ୍ୟାସାର୍ଦ୍ଧ ନିର୍ଣ୍ଣୟ
ନିଜ ଉପରେ ନିର୍ଭର କରେ
ଆସ ହସି ହସି ଆଙ୍କିବା
ବୃତ୍ତ ଭିତରେ ଅନେକ ବୃତ୍ତ ।

(ପ୍ରତିଷ୍ଠାତା ଅ ପତ୍ରିକା)
କଳାହାଣ୍ଡି

### ନୀରବତା

**ରଶ୍ମୀ ସାମଲ**

କେବେ ନୀରବତା ଭାରି ଭଲ ଲାଗେ ତ
ଆଉ କେବେ ଭାରି ଅଡୁଆ ତଡୁଆ,
ବୁଢ଼ିଆଣି ସୁତାର ଜାଲରେ ବାନ୍ଧି ହୋଇଥିବା
ଆଶାର ଶବ୍ଦ ସବୁ ଛିଡି ଯାଇ
କ୍ଷଣିକ ପବନରେ ଉଡି ଚାଲେ ଦୂରକୁ ଦୂରକୁ
ଆଉ ପାଏନାହିଁ ମନର ହାତ କାତ।
ସମ୍ପର୍କରେ ଯେବେ ମିଳୁଥିଲା ଆତ୍ମତୃପ୍ତି
ତାହା ଏବେ ଆତୁରେ ଅନାଏ
କାହିଁ କେଉଁଠୁ ଆସିଲା ସେ ନୀରବତା
ନିମିଷକେ ପାଲଟିଲା
ମୁକୁଳା ବେଳା ଭୂମିରେ ମରୁଭୂମି
ଭାବୁଛି ପୂର୍ଣ୍ଣିମାର ସେହି ଜହ୍ନକୁ ଚାହିଁ
ଆଞ୍ଜୁଳାଏ ଶୂନ୍ୟ ଭାବନାକୁ ସବୁ ମନେ ପକାଇ
ଖୋଜୁଛି ଶାମୁକା ଭିତରର ମୁକ୍ତାକୁ ମୁଁହି
କାଲେ କେଜାଣି ମିଳିଯିବ ସେହି ନିରାବତାର କାହାଣୀ।
ସେ ଦିନ ଆଗକୁ ବଢିଥିବା ସାହସ ଯେବେ
ହୋଇଗଲା ଲହୁଲୁହାଣ
ମନେ ପଡ଼ିଯାଏ ବିଗତ ଦିନର ରଙ୍ଗ ଖେଳ
କ୍ଳାନ୍ତ ମନ ମଧ୍ୟେ ଘୁରିବୁଲେ ଅବଶୋଷ
ମିଛ ଆଶାର ବୃତ୍ତାନ୍ତ ଆସି
ପାଖେ ହୁଏ ଗୁଡେଇ ତୁଡେଇ
ଅଟକିଯାଏ ନୀରବତାର ଛବି ହୋଇ।
ଯେବେ ପାଖ ଝାଉଁ ବଣରୁ ଲଦିହୋଇ ଆସେ
କିଛି ସେହି ପୁରୁଣା ସ୍ୱର
ସାଇତିଥିବା ନିରୋଳା ସମୟର
ଅୟରାମ୍ଭ ଓ ତାର ଇତିବୃତ୍ତି
ଲୁଚିବା ଓ ଲୁଚାଇଥିବା ସମୟର ଚୁକ୍ତି
ଠିକ ସମୟରେ ବାଟ ଭାଙ୍ଗି ଅନାଏ ସେ ନୀରବତା।
ପାରିବିନି ଆଉ ନୀରବତା ସହ
ପାଦକୁ ପାଦ ମିଶାଇ ଚାଲି
ମାଡ଼ିଆସୁଥିବା ସନ୍ଧ୍ୟା ଘୋଟିଆସୁଥିବା ଅନ୍ଧାର
କମାଇଦେଲା ସମ୍ପର୍କର ଆୟୁଷ
ସତରେ କଣ ଏଥିରେ ସେହି ଈଶ୍ୱରଙ୍କ ହାତ ଥିଲା।
ଜଳ ଜଳ ଅନାଇଛି ସେହି ଚିକ ଚିକ କରୁଥିବା
ମୁକୁଳା ବେଳା ଭୂମିର କୁନି କୁନି ବାଲି ଦାନା ସବୁ
କାଲେ ଆସି ପୁଣି ତୋଳିନେବ
ଭାଙ୍ଗିଦେବ ସେ ନୀରବତାର ପାଚିରିକୁ
ଜୁଆରିଆ ସମୁଦ୍ରର ସେହି ଆର୍ଦ୍ର ନାଦରେ
ମୋଡି ହୋଇ ଆସୁଥିବା ଢେଉରେ
ଫେରିବ କି ସେ ବନ୍ଧନ
ତଥାପି ଲୁଚିଛି ମନ ମଧ୍ୟେ ସେ ଅପେକ୍ଷା
ନିରାବତାରେ ଥିବା କୁଟିଳ ହସକୁ ଫିଙ୍ଗି
ଭରିଦେବ ଅମୃତ, ଭରିଦେବ ଅମୃତ।

ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫







ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୧୦



ଡ.ସିନ୍ଧୁ ସେନ୍

ମାତାମହଙ୍କ କଥାକୁ ଆଉଥରେ ଭଲରୂପେ ଭାବିଲି । ତାଙ୍କ ପ୍ରସ୍ତାବ ମନ୍ଦ ନୁହେଁ। ହେଲେ ସେ ଯେମିତି ସହଜରେ କହିଦେଲେ, ତାକୁ କାମରେ କରି ଦେଖାଇବା ମୋ ପାଇଁ ସହଜ କି ନୁହେଁ, ସେ ଚିନ୍ତାରେ ମୋ ମନ ବିଚଳିତ ହେଉଥିଲା । କେମିତି କ'ଣ କଲେ ମାତାମହଙ୍କ ଆଶାପୂରଣ କରିବି ପୁଣି ବଡ଼ଭାଇ କୁବେରଙ୍କର ମଧ ଶ୍ରଦ୍ଧାଭାଜନ ହୋଇପାରିବି । ଭାଇ କୁବେର ଏବେ ଲଙ୍କାର ରାଜା । ବଡ଼ଭାଇ ହିସାବରେ ରାଜ୍ୟର ପ୍ରଥମ ଅଧିକାର ତାଙ୍କର । ଆଉ ମୁଁ ଯଦି ରାକ୍ଷସ ମାନଙ୍କ ପାଇଁ ତାଙ୍କ ଠାରୁ ରାଜ୍ୟ ମାଗିବସିବି ସେ କ'ଣ ଏମିତି ଦୁର୍ବଳ ଯେ, ମୋ ହାତରେ ରାଜ୍ୟ ଟେକିଦେବେ । ତାଙ୍କ ଦେହର ରକ୍ତରେ ମଧ ଉତ୍ତାପ ରହିଛି । ସେ ନିଶ୍ଚୟ ପ୍ରତିବାଦ କରିବେ । ବରଂ ମୋ ମନରେ ମନ୍ଦ ଉଦ୍ଦେଶ୍ୟ ଅଛି ବୋଲି ଭାବି ମୋତେ ଶତ୍ରୁ ଦୃଷ୍ଟିରେ ଦେଖିବେ । ସେଥିରେ ତାଙ୍କ ମନରେ ମୋ ପ୍ରତି ସ୍ନେହ, ଶ୍ରଦ୍ଧା ଜାତ ହେବା ପରିବର୍ତ୍ତେ ବରଂ ଘୃଣା ଆସିବ । କାରଣ ମୁଁ ତ ମୋ ନିଜ ଆଡୁ ତାଙ୍କ ସହ ପ୍ରଥମେ ଶତ୍ରୁତା ଆରମ୍ଭ କଲି । ତାଙ୍କର ତ କିଛି ଉଦ୍ଦେଶ୍ୟ ନଥିଲା । ସେ ତ ଲଙ୍କା ରାଜ୍ୟରେ ସୁଖରେ ପ୍ରଜାପାଳନ କରୁଥିଲେ । ମାତାମହଙ୍କ ପାଇଁ ମୋତେ ତେଣୁ ଭ୍ରାତୃଦ୍ରୋହୀ ହେବାକୁ ପଡ଼ିବ । ତାଛଡ଼ା କୁବେର ଭାଇ ଯଦି ମୋତେ ଲଙ୍କା ନ ଦିଅନ୍ତି ତେବେ ମୋତେ କ'ଣ ତାଙ୍କ ସାଥିରେ ଯୁଦ୍ଧ କରିବାକୁ ପଡ଼ିବ । ନା ନା ଯୁଦ୍ଧ ମୁଁ ଚାହେଁନା । ଆମକୁ ଆଶ୍ରମରେ ବାପା ଶିଖାଇଥିଲେ ସଦାସର୍ବଦା ଶାନ୍ତିକାମୀ ହୁଅ । ଶାନ୍ତିରେ ଅନ୍ୟର ହୃଦୟ ଜୟ କର । ହିଂସାରେ ନୁହେଁ । ଅହିଂସାରେ ରାଜ୍ୟ ଜୟ କର। ଏ ସବୁ ଶାସ୍ତ୍ରବିରୋଧୀ ତାଛଡ଼ା ମାତାମହ କହୁଥିଲେ, ଲଙ୍କେଶ କୁବେର ଦେବତା ମାନଙ୍କ ବଳରେ ବଳୀୟାନ୍ । ଦେବତାଙ୍କ ଆଶୀର୍ବାଦରୁ ନାନା ଦିବ୍ୟାସ୍ତ୍ରର ଅଧିକାରୀ । ତାଙ୍କ ମୁଣ୍ଡ ଉପରେ ରହିଛି ଅନେକଙ୍କର ଆଶୀର୍ବାଦ । ଦେବତା ଋଷି ବ୍ରାହ୍ମଣ ମାନଙ୍କ ଠାରୁ ଆରମ୍ଭ କରି ନିଜେ ପିତା ତାଙ୍କ ଉପରେ ଅନୁରକ୍ତ । ଏତେ ଆଶୀର୍ବାଦର ବଳୟ ଭେଦି କୁବେର ଭାଇଙ୍କୁ ପରାଜୟ କରିବା ମୋ ପାଇଁ ସମ୍ଭବ ନୁହେଁ । ମାତାମହ କିନ୍ତୁ ମୋ ଯୁକ୍ତିକୁ ଆଦୌ ବୁଝିବା ଅବସ୍ଥାରେ ନଥିଲେ । ସେ କେବଳ ଏତିକି ଜାଣିଥିଲେ ଋଷି ବ୍ରାହ୍ମଣ ଆଉ ଦେବତା ତାଙ୍କର ଶତ୍ରୁ । ସେମାନଙ୍କ ପାଇଁ ଆଜି ତାଙ୍କ ରାଜ୍ୟ ହରାଇବାକୁ ପଡ଼ିଚି । ରାଜ୍ୟ ଫେରିବା ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ ।

ମାତାମହ ମୋ ମନ ଭିତରେ ବିଭିନ୍ନ କଥା ଛଳରେ ଋଷି, ଦେବତା ମାନଙ୍କ ପ୍ରତି ବିଷୋଦ୍‌ଗାର କରି ଚାଲିଥାନ୍ତି । ତାଙ୍କର ଧାରଣା ମୁଁ ହିଁ କେବଳ ତାଙ୍କର ଆଶା, ସ୍ୱପ୍ନ ପୂରଣ କରିପାରିବି, ମାତାମହ କହୁଥାନ୍ତି "ରାବଣ, ତୁମେ ହିଁ ମୋର ଅତି ପ୍ରିୟ ନାତି । କେବଳ ମୋ ନାତି ନୁହଁ, ସମଗ୍ର ରାକ୍ଷସ କୁଳର ତୁମେ ହିଁ ଆଶା, ସ୍ୱପ୍ନ, ଭରସା । ତୁମେ ଆମ ରାକ୍ଷସ କୁଳର ନେତା, ସମସ୍ତଙ୍କର ମଉଡ଼ମଣି । ତୁମେ ଚାହିଁଲେ ଅନେକ ଅସମ୍ଭବକୁ ସମ୍ଭବ କରିପାରିବ । ରାକ୍ଷସବଂଶ ତୁମରି ନେତୃତ୍ୱକୁ ଚାହିଁ ବସିଛନ୍ତି । ତୁମେ ସେମାନଙ୍କୁ ନିରାଶ କରନି । ବରଂ ନେତୃତ୍ୱ ନିଅ । ଆଗାମୀ ଭବିଷ୍ୟତରେ ତୁମର କେବଳ ଲଙ୍କା ନୁହେଁ ସାରା ଜଗତକୁ ଜୟ କରିବାର ଅଛି, ଦେବତା ମାନଙ୍କୁ ସାମ୍‌ନା କରିବାକୁ କେହି ବି ଆଗେଇ ଆସୁନାହାନ୍ତି । ତୁମେ ଜାଣ ରାବଣ, ସାଗର ମନ୍ଥନ ବେଳେ ଅସୁର ମାନଙ୍କ ପ୍ରତି କିଭଳି ଅବିଚାର କରାଯାଇଥିଲ, ପକ୍ଷପାତ କରାଯାଇଥିଲା । ସେଦିନ ଜାଣିଶୁଣି ଅମୃତ ସବୁ ଦେବତା ମାନଙ୍କ ମୁହଁରେ ଢାଳି ଦେଇ ରାକ୍ଷସ ମାନଙ୍କୁ ବିଷପାନ କରିବାକୁ ଦିଆଯାଇଥିଲା । ତାହା କ'ଣ ଅନ୍ୟାୟ ନଥିଲା । ଆଉ ଏବେ ଯଦି ରାକ୍ଷସକୁଳ ଦେବତା ମାନଙ୍କ ଉପରେ ଯୁଦ୍ଧ କରିବାକୁ ଆଗେଇ ଆସନ୍ତି, ତେବେ ଭୁଲ୍ ରହିଲା କେଉଁଠି ? ବରଂ ସେମାନଙ୍କୁ ଆମର ଶକ୍ତି ଦେଖାଇ ଚେତାଇ ଦେବାକୁ ପଡ଼ିବ, ଯେମିତି କି, ଭବିଷ୍ୟତରେ ଦେବତା ଏପରି କାମ ରକିବା ପାଇଁ ସାହସ କରିବେନି ।

ବାସ୍ତବରେ ମାତାମହ ତ କିଛି ଭୁଲ୍ କହୁନାହାନ୍ତି । ଯୁଗେଯୁଗେ ବଞ୍ଚିବା ପାଇଁ ସଂଘର୍ଷ ହେଉଛି । ମଣିଷର ଜନ୍ମ ତ ଏଇ ସଂଘର୍ଷରୁ ବିନା ସଂଘର୍ଷରେ କେହି କ'ଣ ତିଷ୍ଠି ପାରିଛି ଏ ଜଗତରେ । ସଂଘର୍ଷ ପାଇଁ ଜୀବନ ବୃଥା । ସଂଘର୍ଷ ତେଣୁ ଚିରକାଳର । ଖାଦ୍ୟ ପାଇଁ, ବାସ ପାଇଁ, ଜୀବନଧାରଣ ପାଇଁ ଅହରହ ସଂଗ୍ରାମ ଚାଲିଛି ।

ମୋତେ ତେଣୁ ସଂଘର୍ଷ କରିବାକୁ ପଡ଼ିବ । କୁବେର ଭାଇଙ୍କୁ ଜୟ କରିବାକୁ ହେଲେ ତାଙ୍କଠାରୁ ଅଧିକ ବଳଶାଳୀ ହେବାକୁ ପଡ଼ିବ । ସେ ଦେବତାମାନଙ୍କ ବଳରେ ବଳୀୟାନ୍ । ତାଙ୍କ ପାଖରେ ଅଛି ପୁଣି ଅନେକ ଦିବ୍ୟାସ୍ତ୍ର । ମୋତ ତେଣୁ ସେହି ଦିବ୍ୟାସ୍ତ୍ରର ଅଧିକାରୀ ହେବାକୁ ପଡ଼ିବ । ଆଉ ମାତାମହଙ୍କ କଥା ଅନୁସାରେ ତପସ୍ୟା ହିଁ ତାର ଉପଯୁକ୍ତ ପନ୍ଥା । ତପସ୍ୟା ବଳରେ ଦିବ୍ୟାସ୍ତ୍ର ଜିଣିବାକୁ ପଡ଼ିବ । କାହାରି ନା କାହାରି ହୃଦୟ ଜୟ କରିବାକୁ ହେଲେ ତପସ୍ୟା ହିଁ ଏକମାତ୍ର ମହୌଷଧି । ଯହିଁରୁ କରୁଣା, ଅନୁକମ୍ପା, ଦୟା, କ୍ଷମା ଆଦି ଲାଭ କରିବାକୁ ପଡ଼େ । ମାତାମହଙ୍କ ମୋ ଉପରେ ଅଖଣ୍ଡ ବିଶ୍ୱାସ । ନାତି ହିସାବରେ ତାଙ୍କ ସ୍ୱପ୍ନ ପୂରଣ କରିବା କ'ଣ ମୋର କର୍ତ୍ତବ୍ୟ ନଥିଲା । ମାତାମହଙ୍କ କହିବା ଅନୁସାରେ ମୁଁ କ'ଣ ଲଙ୍କାର ରାଜା ହୋଇପାରିବିନି । ମୁଁ କ'ଣ ରାକ୍ଷସ କୁଳର ମର୍ଯ୍ୟାଦା ରଖି ପାରିବିନି । ନିଶ୍ଚୟ ପାରିବି । ରାକ୍ଷସ କୁଳକୁ ଉଜ୍ଜ୍ୱଳ କରିବି । ଜଗତକୁ ଦେଖାଇଦେବି ଏ ରାବଣ କ'ଣ କ'ର ନ କରିପାରେ ମୋ ଦେହର ଉଭୟ ବ୍ରାହ୍ମଣ ଓ ରାକ୍ଷସୀର ରକ୍ତ ପ୍ରବାହିତ । ମୋ ଠାରେ ରହିଛି ଯଥେଷ୍ଟ ବାହୁବଳ ମହାନ୍ ଶକ୍ତିରେ ଶକ୍ତିମାନ ମୁଁ । ତେଣୁ କାହିଁକି ପଛଘୁଞ୍ଚା ଦେବି । ବରଂ ମାତାମହଙ୍କ କଥାକୁ ଅକ୍ଷରେ ଅକ୍ଷରେ ପାଳନ କରି ତାଙ୍କ ପ୍ରତିଶ୍ରୁତି ପୂରଣ କରିବି । ତପସ୍ୟା କରି ଦିବ୍ୟାସ୍ତ୍ରର ଅଧିକାରୀ ହେବି । ଆଉ ତାପରେ କୁବେର ଭାଇଙ୍କ ଠାରୁ ଲଙ୍କା ଛଡ଼ାଇ ଆଣି ହେବି ଲଙ୍କାର ଅଧିଶ୍ୱର ।

ଏବେ କିନ୍ତୁ ମୋ ଅନ୍ତିମ ସମୟରେ ସେ ଅତୀତର ସ୍ମୃତିରାଜି ମୋ ମନକୁ ବାରମ୍ବାର ଉଦ୍‌ବେଳିତ କରୁଛି । ଭାବୁଛି ଆଜି ମୋ ଜୀବନରେ ଯାହାସବୁ ଘଟିଗଲା ମୋ ଚରିତ୍ରରେ ଯେଭଳି କଳଙ୍କ ବୋଲି ଦିଆଗଲା, ସେଥିପାଇଁ ମୁଁ କ'ଣ ନିଜେ ଏକୁଟିଆ ଦାୟୀ ? ସେଦିନ ଯଦି ମାତାମହ ମୋତେ ଅସତ୍ ପଥକୁ ଟାଣି ନେଇ ନଥାନ୍ତେ, ତେବେ ମୁଁ କାହିଁକି କାହାରି ବିରୁଦ୍ଧାଚରଣ କରିଥାନ୍ତି ।

ଏମିତି ସମଗ୍ର ରାକ୍ଷସ ଜାତିର ଅଧିକାର ଛଡ଼ାଇ ନିଆଯାଇଛି । ତେଣୁ ତାକୁ ଫେରାଇ ଆଣିବାରେ ସେ ମୋର ବାହୁବଳର ସାହାଯ୍ୟ ଚାହୁଁଛନ୍ତି । ତାହା ବି ତ କିଛି ଭୁଲ୍ ନିଷ୍ପତ୍ତି ନୁହେଁ । ମୋ ଦ୍ୱାରା ଯଦି ଏତିକି କାମ ହୋଇପାରିଲା । ତେବେ ମୋର ତ ଗର୍ବ ଅନୁଭବ କରିବା କଥା ? କାରଣ ଯାହା ଅନ୍ୟମାନେ କରିବାକୁ ସମର୍ଥ ହୋଇପାରୁ ନାହାନ୍ତି ମୁଁ ତାହା କରିପାରିବି ବୋଲି ମାତାମହଙ୍କ ଦୃଢ଼ ବିଶ୍ୱାସ । ମୁଁ ତାଙ୍କର ନାତି ହିସାବରେ ସେତିକି କରିବାରେ କାର୍ପଣ୍ୟ କରିବି କାହିଁକି । ବରଂ ମୋର ତ ଖୁସି ହେବାର କଥା । କାରଣ ତାଙ୍କ ନିକଟରେ ଏତେସଂଖ୍ୟକ ରାକ୍ଷସ ଥାଉଥାଉ ସେ ମୋ ଉପରେ ଭରସା କରୁଛନ୍ତି କାହିଁକି ? ହୁଏତ ମୋ ଠାରେ ସେମିତି କିଛି ଶକ୍ତି ଥିବାର ସେ ଉପଲବ୍ଧ କରିପାରିଛନ୍ତି ବୋଧହୁଏ । ତେଣୁ, ଗୋଟିଏ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ମାତାମହଙ୍କ କଥା ଅମାନ୍ୟ କରିବା ଉଚିତ୍ ହେବନି ।

ମାତାମହ ମୋତେ ବୁଝାଉଥିଲେ । ଦେଖ ରାବଣ, ଯେଉଁ ଲଙ୍କା ଶହଶହ ବର୍ଷ ଧରି ରାକ୍ଷସ ମାନଙ୍କ ଅଧୀନରେ ଥିଲା, ତାକୁ ମୋତେ କଳେବଳେ ନିଜ ଅଧୀନକୁ ଆଣିବାକୁ ପଡ଼ିବ ଆଉ ତାପରେ ତୁମେ ହିଁ ହେବ ଲଙ୍କାର ରାଜା । ଆଉ ଆମେସବୁ ରାକ୍ଷସକୁଳ ତୁମରି ପ୍ରଜା ହୋଇ ତୁମ ଅଧୀନରେ ରହିବୁ । ଆମେ ଯେଉଁମାନେ ଦେଶ ଛାଡ଼ି ପଳାୟନ କରିଥିଲୁ ପୁଣି ଆମେ ଆମ ପୂର୍ବ ରାଜ୍ୟକୁ ଫେରିଯିବୁ । ତେଣୁ ଆମର ଇପ୍‌ସିତ ରାଜ୍ୟ ଲଙ୍କା ଫେରିପାଇବୁ । ଆଉ ଲଙ୍କା ପୁଣି ରାକ୍ଷସ ମାନଙ୍କର ସାମ୍ରାଜ୍ୟ ହୋଇଯିବ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫

---



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୩୭ ॥

କ୍ରମେ କ୍ରମେ ପୃଥିବୀରେ ଜୀବମାନଙ୍କର କ୍ରମ ବିକାଶ ହେବାରେ ଲାଗିଲା। ଜଳର ସାମ୍ରାଜ୍ୟରେ ଜଣଙ୍କ ପଛରେ ଜଣେ ଚକ୍ରାକାରରେ ଘୁରି ବୁଲିଲେ ସଙ୍ଗମର ଆକର୍ଷଣରେ ଶଫରୀମାନେ। ମହାକାଶରେ ସୃଷ୍ଟ ମୀନ ରାଶି ଥିଲେ ତିନି ଶହ ଷାଠିଏ ଡିଗ୍ରୀରୁ ଅଶି ଡିଗ୍ରୀ ମଧ୍ୟରେ । ତାଙ୍କୁ ଅନୁସରଣ କରି ବିଷୁବ ବୃତ୍ତ ଅଞ୍ଚଳରେ ଜନ୍ମ ନେଲେ ଆଦି ମୀନ ମାନେ। ତାଙ୍କର ଅଧିପତି ଥିଲେ ଦେବ ଗୁରୁ ବୃହସ୍ପତି ଓ ବିଷ୍ଣୁ। ତେଣୁ ତ ପୃଥିବୀରେ ପ୍ରଥମ ମିଥୁନରତ ପ୍ରାଣୀରୁ ସେ ହେଲେ ବିଷ୍ଣୁଙ୍କର ଅବତାର। ଏହା ପୂର୍ବରୁ ଅନ୍ୟ ଛାୟା ପଥର ପୃଥିବୀରେ ଜୀବ ମିଥୁନ ଆରମ୍ଭ ହୋଇ ସାରିଥିଲା। ଠିକ୍ ସାର୍କ ମାଛ ମାନଙ୍କର ସୃଷ୍ଟି ସମୟ, ଅର୍ଥାତ୍ ମୀନ ସୃଷ୍ଟିର ଶେଷ ଭାଗରେ ଆକାଶରେ ସୃଷ୍ଟି ହେଲା ସପ୍ତର୍ଷି ମଣ୍ଡଳ। କି ଐଶ୍ୱରୀୟ ସଂଯୋଗ ସତେ!!

କ୍ରମେ ସରୀସୃପ ମାନଙ୍କ ସହିତ ବିଷଧର ଉତ୍‌ଫେଣ ସର୍ପମାନେ ପୃଥିବୀ ପୃଷ୍ଠରେ ବିଚରଣ କଲେ। ବ୍ରହ୍ମାଙ୍କର ସ୍ମରଣ ହେଲା, ମହା କାଶରେ କୁଣ୍ଡଳୀ କୃତ ଶ୍ୱେତ ଶେଷ ନାଗଙ୍କ ସ୍ୱରୂପ। ସୃଷ୍ଟିର ପ୍ରାକ୍ ସମୟରେ କଶ୍ୟପ ଓ ଅଦିତି ଜ୍ୟୋତି (କ୍ଷମା କରିବେ, ପୂର୍ବ ଭାଗରେ ଭୁଲ୍ ବଶତଃ ଅଦିତିଙ୍କ ହଳଦୀ ବର୍ଣ୍ଣ ର ଜ୍ୟୋତି ବଦଳ ରେ କେବଳ ଅଦିତିଙ୍କ ବ୍ରହ୍ମ ଜ୍ୟୋତି ହେବ)ମିଳନରେ ସୃଷ୍ଟି ହୋଇ ଥିଲା ଜୀବନ ପୂର୍ଣ୍ଣ ପରମ ଅଣୁଟିଏ। ସେହି ପରମାଣୁର ନାଭି କେନ୍ଦ୍ରକରୁ ପଦ୍ମଟିଏ ସୃଷ୍ଟି ହେଲା। ତାହା ଉପରେ ବ୍ରହ୍ମା ସୃଜନ ଆରମ୍ଭ କଲେ। ସଙ୍ଗେ, ସଙ୍ଗେ ସୃଜନ ସଙ୍କେତ ପଦ୍ମଟି ବିଷ୍ଣୁଙ୍କ ହସ୍ତରେ ଶୋଭା ପାଇଲା। ଏହାପରେ ସେହି ପରମାଣୁର ଧନାତ୍ମକ ଆବେଶିକ କ୍ଷେତ୍ରରୁ ବିଦ୍ୟୁତ୍ କଣା, ଧୂଳିକଣା ଆଦି ଉପ ପରମାଣିକ ମାନେ ବାନ୍ଧି ହୋଇ ଏକତ୍ରିତ ହେଲେ ଓ ବିଶାଳ ଗ୍ୟାସିୟ, ଆଲୋକ, ଉତ୍ତାପ ପିଣ୍ଡ ମାନ ସୃଷ୍ଟି କଲେ। ସଙ୍ଗେ, ସଙ୍ଗେ ଗଦା ଶକ୍ତିର ଅସ୍ତ୍ରଟି ନୀଳ ଜ୍ୟୋତି ବିଷ୍ଣୁଙ୍କ ହସ୍ତକୁ ଚାଲିଗଲା। ସେହି ଆବେଶିକ କ୍ଷେତ୍ରରୁ ବିଦ୍ୟୁତ୍, ଚୁମ୍ବକୀୟ ଓ ଗୁରୁତ୍ୱପୂର୍ଣ୍ଣ ବିକିରଣ ମହାକାଶରେ ପଦାର୍ଥମାନଙ୍କ ମଧ୍ୟରେ ଆଲୋକ ଗତିରେ ଚକ୍ର ତରଙ୍ଗମାନ ସୃଷ୍ଟି କରି ମହାକାଶରେ ପ୍ରସାରିତ ହେଲେ ଓ ଚକ୍ର ଶକ୍ତି ହୋଇ ବିଷ୍ଣୁଙ୍କ ହାତରେ ରହିଗଲେ। କ୍ରମେ ତାରକାମାନଙ୍କର ମୃତ୍ୟୁ ହେଲା। ଅର୍ଥାତ୍ ପାଞ୍ଚ ଭୂତର ଅଧିପତିଙ୍କଠାରୁ ଏହି ଶିବ ଶକ୍ତି ମାନେ ସୃଷ୍ଟି ହୋଇ ପୁଣି ପଞ୍ଚତ୍ୱ ପ୍ରାପ୍ତ ହୋଇ ମୁକ୍ତ ହେଲେ। ଏହି ଜନ୍ମ ମୁକ୍ତି ହେଉଛି ପାଞ୍ଚ ଜନ୍ୟ। ଏହି ତାରକାମାନଙ୍କ ମୃତ୍ୟୁରୁ କୃଷ୍ଣ ବର୍ତ୍ତ ମାନ ସୃଷ୍ଟି ହେଲା ଓ ବିଷ୍ଣୁଙ୍କ ହସ୍ତକୁ ପଞ୍ଚ ଜନ୍ୟ ( ଜାଣିବାରେ ମୃତ ଗତି) ଶଙ୍ଖ ଆସି ଗଲେ। ମହାକାଶର ଶୂନ୍ୟ ଅନ୍ଧକାର ମଧ୍ୟରେ ଭୂତ ମାନଙ୍କ ଅଭାବରେ ବିଷ ପ୍ରତିକ୍ରିୟା ପ୍ରାଣୀ ମାନଙ୍କ ମୃତ୍ୟୁର କାରଣ ହୋଇଥିବାରୁ ମହାକାଶ ରେ ଏହି ଶୂନ୍ୟତାର ଶେଷ ସୀମା ଶେଷ ନାଗ ରୂପେ କୁଣ୍ଡଳୀ କଲେ, ଯାହା ଉପରେ ବିଷ୍ଣୁ ବା ମଧ୍ୟରେ ଥିବା ପୃଥିବୀ ପରି ଜୀବନ ମାନେ ବିଷ୍ଣୁରୂପେ ଯୋଗ ନିଦ୍ରାରେ ଶୟନ କଲେ। ଏହାର ଚତୁଃ ପାର୍ଶ୍ୱରେ ହୁଏତ ଛାୟାପଥ, ବରଫ ସମୁଦ୍ର ବା ଛାୟାପଥର ସୀମା ଅତିକ୍ରମ କରି ଏକ ଅନ୍ୟ ଜଳ ଜଗତ କ୍ଷୀର ସମୁଦ୍ର ରୂପେ ରହିଅଛି।

ବ୍ରହ୍ମା ଦେଖିଲେ କ୍ରମେ ସେହି କୃଷ୍ଣ ବିଳର ହଳଦୀ ବର୍ଣ୍ଣର ଜ୍ୟୋତି ଶୁକ୍ର ଗ୍ରହଙ୍କୁ ହଳଦୀ ବର୍ଣ୍ଣ କରିବାରେ ଲାଗିଲା। ଆଶ୍ଚର୍ଯ୍ୟ ଏହା ଯେ, ଏହି ଦାନବ ଗୁରୁ ଶୁକ୍ର ପୂର୍ବରୁ ପଶ୍ଚିମ ଆଡକୁ ବିପରୀତ ଗତିରେ ଘୁରୁଥିଲେ ଏବଂ ତାଙ୍କର କୌଣସି ଉପ ଗ୍ରହ ନଥିଲା, ଯେତେବେଳେ କି ଦେବରାଜ ଇନ୍ଦ୍ର ନବେ ଡିଗ୍ରୀରେ ରହିଥିଲେ ଓ ତାଙ୍କର ଏବଂ ଦେବ ଗୁରୁ ବୃହସ୍ପତିଙ୍କର ସର୍ବାଧିକ ଉପଗ୍ରହ ଥିଲେ। ହୋଇପାରେ ବୃହସ୍ପତିଙ୍କ ନିକଟରେ ଥିବା ଏକ ତାରା ତାଙ୍କର ଉପଗ୍ରହ ସହ ମିଳିତ ହୋଇ ବୁଧ ସୃଷ୍ଟି ହୋଇ ଥିଲେ ଓ ପରେ ମଧ ବର୍ତ୍ତୀ ସ୍ଥାନରେ ଶୁକ୍ର, ପୃଥିବୀ ତଥା ମଙ୍ଗଳ ସୃଷ୍ଟି ହୋଇଥିଲେ। ବୁଧ ଗ୍ରହଙ୍କର ମଧ କୌଣସି ଉପ ଗ୍ରହ ନାହିଁ ତଥା ଏବେ ମଧ ଏହି ସୁନ୍ଦର ପୁତ୍ରକୁ ବୃହସ୍ପତି ନିଜ ଆଡକୁ ଧୀରେ, ଧୀରେ ଆକର୍ଷଣ କରୁଛନ୍ତି।

ବ୍ରହ୍ମା ଦେଖିଲେ ଯେ, କ୍ରମେ ଏହି ହଳଦୀ ବର୍ଣ୍ଣର ଜ୍ୟୋତି ରଙ୍ଗ ରୂପେ ପ୍ରାକ୍ ପ୍ରାଣୀ ମାନଙ୍କ ରଙ୍ଗ ତଥା ରକ୍ତ ସୃଷ୍ଟି କରୁଛି। (ଯଥା ବରଫ ଆଦି ମଧ୍ୟରେ ଥିବା ଆଂଶିକ କୀଟ ଜୀବନ) । କ୍ରମେ ଏହି ଆୟାନୀ କୃତା ସମସ୍ତ ସମସ୍ତ ମହାକାଶରେ ତାରକା ଜ୍ୟୋତି ରୂପେ,ପୃଥିବୀରେ ପ୍ରାଣୀ ମାନଙ୍କ ଦେହରେ ବ୍ୟାପି ଅଛି। ଏହା ସହ ପରମାଣୁ ଗୁଡ଼ିକରେ ମହାକାଶ, ପୃଥିବୀ ଏବଂ ପ୍ରାଣୀ ମାନଙ୍କ ଶରୀର ଗଠନ ହେଉଅଛି। ଏହି ନିମ୍ନସ୍ତରୀୟ ଜୀବ ମାନଙ୍କ ପରେ ଉପରସ୍ଥି ଥିବା ଶଙ୍ଖ, ସମୁଦ୍ର କର୍କଟ ଆଦି ପ୍ରାଣୀଙ୍କ ରକ୍ତ ନୀଳ ବର୍ଣ୍ଣ, ଏହାପରେ ମତ୍ସ୍ୟର ରକ୍ତ ଲାଲ ବର୍ଣ୍ଣ ହୋଇ ଅଛି। ମାଛ ଦେହରେ ଉଭୟ ଲୋହିତ ରକ୍ତ କଣିକା ଓ ଶ୍ୱେତ ରକ୍ତ କଣିକା ରହିଅଛି ଯେଉଁ ମାନେ ବିବର୍ତ୍ତିତ ହୋଇ ମାନବର ସୃଷ୍ଟି ହୋଇ ଅଛି। ଅନ୍ୟ ପ୍ରାଣୀମାନେ ବିଭିନ୍ନ ରଙ୍ଗର ରକ୍ତ ଗ୍ରହଣ କରିଛନ୍ତି। କେନ୍ଦ୍ରକ ଦେହରେ କୋଶିକାର ରକ୍ଷଣ, ସଂରକ୍ଷଣ, ବିଭାଜନ, ବିକାଶ ଓ ବଂଶାନୁଗତ ଗୁଣର ଅଧିପତି ହେଲାବେଳେ ଆୟନୀ କୃତା ରକ୍ତ ଚାପର ଉଚ୍ଚ, ନୀଚ ପରିଚାଳନା, ରକ୍ତ, ପରମାଣୁ, ପୁଷ୍ଟୀ, ବିଭିନ୍ନ ରସାୟନକୁ ଶରୀରର ବିଭିନ୍ନ ସ୍ଥାନକୁ ନେଇଯାଏ। ଉଭୟ ପ୍ରଥମ ଓ ଦ୍ୱିତୀୟ ଶକ୍ତି ପରି ଶରୀରକୁ ରକ୍ଷା କରୁଛନ୍ତି।

କ୍ରମେ ତେଥ୍ୟା ମଧ୍ୟରୁ ହିମାଳୟର ଉଦ୍ଭବ ହେଉଅଛି ଓ ଚାରିଆଡ ଜଳାର୍ଣ୍ଣବ ହୋଇଯାଇଛି। କେବଳ ମୂଷା ଜାତୀୟ କେତେକ କ୍ଷୁଦ୍ର ପ୍ରାଣୀ ଉଚ୍ଚ ପର୍ବତ ଏବଂ ବୃକ୍ଷମାନଙ୍କରେ ଆରୋହଣ କରି ନିଜର ଜୀବନ ରକ୍ଷା କରି ପାରିଛନ୍ତି ଯେଉଁ ମାନେ କ୍ରମେ ବରାହରେ ପରିଣତ ହୋଇଛନ୍ତି। ଯେଉଁ ବରାହ ମାନଙ୍କର ଶାରିରୀକ ସଂରଚନା, ଲାଲ୍ ରକ୍ତ କଣିକା ଗଠନ, ହୃଦୟ ଓ ରକ୍ତ ବହିକା, ଜଠରାନ୍ତ୍ର ପଥ, ଅଗ୍ନ୍ୟାଶୟ, ଜୀବକୋଷ ଗଠନ, ବିଭିନ୍ନ କୋଷର ଗୁଣ ସୂତ୍ରବସା, ମହା ଧମନୀ, ହୃଦୟ ଅଳିନ୍ଦ ଓ ନିଳୟ, ପାକସ୍ଥଳୀ, ଲୌହ ବା ତେଲ ପାନକ୍ରୀୟସ୍ ମୂତ୍ରାଶୟ, ଜିନର ଗଠନ ଡିଏନଏ। ଆଦିର ମଣିଷ ସହିତ ବିଶେଷ ସମ୍ପର୍କ ଥିବାରୁ ଆଜି ବୈଜ୍ଞାନିକ ମାନେ ମାନବ(ମୁଖ) ବରାହର ମିଶ୍ରଣ ଜୀବ ସୃଷ୍ଟି କରିପାରିଛନ୍ତି।

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

---

## ଧିକ ମୋ ଜୀବନ

**ରୋଜାଲିନ ମହାପାତ୍ର**



ଅଦିନିଆ ବର୍ଷା ଆଉ
ତୋ ପ୍ରେମର ଉଷ୍ମତା
ହୃଦୟେ ଖେଳାଏ ସିହରଣ
ଟୁପୁରୁ ଟୁପୁରୁ ଶବ୍ଦର ତାଳେ
କେତେ ଯେ ସ୍ମୃତି ଖେଳେ
ନୀରବରେ କଥା କୁହେ
ତୋ ଅଶ୍ରୁ ଭରା ଚକ୍ଷୁ
କି ମଧୁର ସେ ଦୃଶ୍ୟ
ଆଜିବି ରହୁ ତୁ ସ୍ଥିତପ୍ରଜ୍ଞ
କେତେ ଯେ ଗ୍ଲାନି
ଆଉ ମୁଁ ଦେଉଥିବା
ନିତି ଅପମାନ
ଫରକ ପଡ଼େନି ତୋତେ
ନିତି ଖୋଜୁ ମୋତେ
ଧିକ ମୋ ଜୀବନ
ପଡୁ ତୋ ଅଭିଶାପ
ଛିଡୁ ମୋ ଅଭିମାନ !
ଆଜିବି ଅଦୃଶ୍ୟରେ
ନିତିଛୁଏଁ ମୋତେ
ତୋ ଅଦୃଶ୍ୟ ପ୍ରେମ !

+ଜୁନିଅର ଟାଇପିଷ୍ଟ
ଝାରସୁଗୁଡ଼ା କୋର୍ଟ
(ମୋ) : ୯୭୭୬୭୩୦୦୨୦

---

## ପ୍ରେମର ପରିଭାଷା

**ଶୁଭ୍ରାଙ୍ଗୀ ପ୍ରିୟବାଦିନୀ**



ପ୍ରେମ ଅଢ଼େଇ ଅକ୍ଷର
ବାସ୍ନାରେ ମହକି ଯାଏଁ
ସାରା ସହର,
ପ୍ରେମ ଏକ ଦିଗହୀନ
ଯୁଗାନ୍ତକାରୀ ସମ୍ପର୍କ,
ରହିଯାଏ ମାନସ ପଟରେ
ହୋଇ ଜୀବନର ମାଧୁର୍ଯ୍ୟ,
ଏହା ଏମିତି ଏକ ମାଧୁର୍ଯ୍ୟ
ଯାହା ଥରେ ଲାଗିଲେ,
ଛାଡ଼େ ନାହିଁ ରହିଯାଏ
ମୃତ୍ୟୁ ପର୍ଯ୍ୟନ୍ତ,
ହୋଇପାରେ ପ୍ରେମ ଅନ୍ଧ
କିନ୍ତୁ ପ୍ରେମର ସୁଗନ୍ଧ
ଥରେ କଲେ ସ୍ପର୍ଶ
ଶିହରଣ ଖେଳେ
ମନ ହୁଏ ଉତଫୁଲ୍ଲିତ,
ଭଗବାନଙ୍କର ଏ ଅଭାବନୀୟ ସୃଷ୍ଟି
ଯେଉଁଠି ଘୃଣା ସେଠି ବି
ଥାଏ ପ୍ରେମର ବାସ୍ନା ଲୁଚି,
ପ୍ରେମକୁ ଲୁଚେଇ ହୁଏନି ରଖି
ଆଖପାଖ,ସାଇପଡ଼ିଶା
ସବୁଠି ପହଞ୍ଚିଯାଏ ସେ
ଭାସି ଭାସି
ଦୁନିଆରେ ଏ ବନ୍ଧନ
ସବୁଠୁ ନିଆରା,
ତା'ର ସେହି ଇନ୍ଦ୍ର ଜାଲରୁ
ମୁକୁଳିବା କଷ୍ଟରେ ଭରା
ସମସ୍ତଙ୍କୁ ପ୍ରେମ
ଥରେ ଥରେ ଛୁଇଁ ଯାଏ
ତା'ର ସୁଗନ୍ଧକୁ ଧରିବାକୁ
ମନ ବ୍ୟାକୁଳ ହୁଏ,
ସରିଯାଏ ଜୀବନ
କିନ୍ତୁ ରହିଯାଏ ପ୍ରେମ,
ପ୍ରେମ ମିଠା କି ଖଟା
ତା'ର ସ୍ୱାଦ କାହାକୁ ଅଛପା,
କିଏ ତାକୁ ଲୁଚେଇ ଲୁଚେଇ
ଉପଭୋଗ କରେ,
କିଏ ତାକୁ ସର୍ବସମ୍ମୁଖରେ
ସ୍ୱୀକାର କରେ,
ଏଇତ ମଜା
ପ୍ରେମରେ ? ହଜିଯାଇ
ଦୁନିଆଠୁ ଦୂରେ ଥାଇ
ଭାବି ନିଅନ୍ତି ନିଜକୁ
ରାଣୀ ଆଉ ରାଜା
ସେହି ଅଢ଼େଇ ଅକ୍ଷର
କରେ ପରକୁ ନିଜର,
ନିଆରା ତା'ର ବାସ୍ନା
ନିଆରା ତା'ର ଭାବନା
ଚଳ ଚଞ୍ଚଳ କରି
ମନକୁ କରେ ଆନମନା
ମନକୁ କରେ ଆନମନା।

+ଭୁବନେଶ୍ୱର
ମୋ: ୭୦୦୮୧୦୯୯୮୦

---

## ଗଢ଼ିଥାନ୍ତି ବାଲିରଥ

**ସାବିତ୍ରୀ ମଲ୍ଲିକ**



ଦିନବନ୍ଧୁ ବୋଲି ନାମ ବୋଲାଇଛୁ
କେମିତିକା ବନ୍ଧୁ ତୁହି,
ତୋ ସିଂହ ଦୁଆରେ କାନ୍ଦୁଛି ଦୁଃଖରେ
ତୋତେ କିବା ଶୁଭୁ ନାହିଁ।
ହୋଇଥାନ୍ତି ଯଦି ତୋ ବନ୍ଧୁ ସୁଦାମା
ରତ୍ନସିଂହାସନ ଛାଡ଼ି,
ମନ୍ଦିର ବାହାରୁ କୋଳାଗ୍ରତ କରି
ନେଇଥାନ୍ତୁ ମୋତେ ଭିଡ଼ି।
ବଳରାମ ଦାସ ହୋଇଥିଲେ ମୁହିଁ
ଗଢ଼ିଥାନ୍ତି ବାଲି ରଥ,
ସମୁଦ୍ର ବାଲିରେ ଦେଖା ଦେଇଥାନ୍ତୁ
ତୁ ପରା କଳା ସାଆନ୍ତ।
ହୋଇଥିଲେ ମୁହିଁ ଦାସିଆ ବାଉରୀ
ହାତରେ ନଡ଼ିଆ ଧରି,
ନେଇଯାଇଥାନ୍ତୁ ଆନନ୍ଦ ମନରେ
ହାତ ମୋର ଶୁନ୍ୟ କରି।
ମୁହିଁ ତ ଗରିବ ଦୀନ ଦୁଃଖୀଟିଏ
ଦୟାକରିଥିବୁ ମୋତେ,
କିଛି ମୋର ଲୋଡ଼ା ନାହିଁରେ କାଳିଆ
ରହିଥିବୁ ମୋର ସାଥେ।

+ଦଶରଥପୁର, ଯାଜପୁର, ଓଡ଼ିଶା

---

## ସନେଟ୍ ଦୁଃଖହାରୀ

**ମଧୁମିତା ମିଶ୍ର**



କେ କହେ ନିଜର କିଏ କହେ ପର କେ ଜାଣି ପାରେ ସେ କିଏ..
ଆପଣା ବନେଇ ପାଖକୁ ଡକାଇ ମନକୁ ଭୁଲାଇ ନିଏ..
ଲାଗୁଥାଏ କେବେ ସପନ ବଣିକ ଅବା ଦିଗନ୍ତର ତରା..
ବଢାଇଲେ ହାତ ଛୁଇଁ ହୁଏନାହିଁ କେବେ ହେଁ ନ ଦିଏ ଧରା..।
ତଥାପି ନୁହେଁ ସେ ସାତପର କେବେ ସତେ ଆପଣା ସେ ଲାଗେ..
ତା ପାଖେ ରହିଲେ ସରଗର ସମ ମରମ ଖୁସିରେ ଜାଗେ..
ତାର ଗୀତି କଥା ତାହାରି ବାରତା କେତେ ନିଜର ଲାଗଇ..
ଯେତେ ଦୂରେ ଥିଲେ ଲାଗେନା ସେ ଦୂର ହୃଦକୁ ନିଏ ଚୋରାଇ..।
ମିଛ ମାୟା ସବୁ ତା ଠାରେ ହାରଇ ସେ ପରା ଜଗତ ସାଇଁ..
ତା ଲୀଳା ତା ଖେଳା ବୁଝିବା କଠିନ ସବୁ ବୁଦ୍ଧି ହାରିଥାଇ...
କୋଟି ଜୀବନର ସେ ଯେ କୋଟିନିଧି ସେ ପରା ଓଡ଼ିଶା ଦିଅଁ..
କଳା କଳେବରେ କଳା କନ୍ଦରରେ ଲଗାଏ ଭକତ ସୁଅ...
ଦାରୁ ଦେବତା ସେ ଦର ହସ ହସି ସଭିଙ୍କୁ ଭୁଲାଇ ଦିଏ..
ଦୁଃଖହାରୀ ପ୍ରଭୁ ହାତ ଠାରି ଦେଇ ସଭିଙ୍କୁ କୋଳେଇ ନିଏ...।

+ ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

# ହାର୍ଡ଼ କ୍ୟାସ୍ ସହ ଅନ୍‌ଲାଇନ୍ ଆର୍ଥିକ କାରବାର ଉପରେ ତୀକ୍ଷ୍ଣ ନଜର

କେନ୍ଦ୍ରାପଡ଼ା, ୨୦/୩ (ନି.ପ୍ର): ନିର୍ବାଚନକୁ ସ୍ୱଚ୍ଛତାର ସହ ପରିଚାଳନା କରିବା ପାଇଁ କ୍ୟାସ୍ ମ୍ୟାନେଜମେଂଟ୍ ଉପରେ ଗୁରୁତ୍ୱାରୋପ କରିଛି ଜିଲ୍ଲା ପ୍ରଶାସନ। ଜିଲ୍ଲାର ସମସ୍ତ ବ୍ୟାଙ୍କର ମୁଖ୍ୟଙ୍କୁ ନେଇ 'ନିର୍ବାଚନ ଆଦର୍ଶ ଆଚରଣ ବିଧି' ଏବଂ 'ନିର୍ବାଚନ ଖର୍ଚ୍ଚ ତଦାରଖ' ସମ୍ପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଏହା ପ୍ରତିଫଳିତ ହୋଇଛି। ଏହି ବୈଠକରେ ସଭାପତିତ୍ୱ କରି ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି "କେବଳ ହାର୍ଡ଼ କ୍ୟାସ୍ ନୁହେଁ ଅନ୍‌ଲାଇନ୍ ଆର୍ଥିକ କାରବାର ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖ। କୌଣସି ବ୍ୟାଙ୍କ୍ ଆକାଉଂଟ୍‌କୁ ବା ଆକାଉଂଟ୍‌ରୁ ବାରମ୍ବାର କ୍ୟାସ୍ ଟ୍ରାନ୍ସଫର୍ ହେଉଥିଲେ ଏହାକୁ ସନ୍ଦେହଜନକ ମନେକରି ତତ୍‌କ୍ଷଣାତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଏହା ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଜିଲ୍ଲାର ୧୨୬ଟି ବ୍ୟାଙ୍କକୁ ନେଇ ଏକ ବ୍ୟାଙ୍କରସ୍ କମିଟି ଗଠନ କରାଯାଇଛି। କୌଣସି ସନ୍ଦେହଜନକ ନେଣଦେଣର ସୂଚନା ମିଳିଲେ ସେମାନେ ତତ୍‌କ୍ଷଣାତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଇଲେକ୍ସନ୍ ସିଜର୍ ମ୍ୟାନେଜ୍‌ମେଂଟ୍ ସିଷ୍ଟମ୍ ଅନୁଯାୟୀ ସୂଚନା ମିଳିବା ମାତ୍ରେ ଆୟକର ବିଭାଗ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ପୋଲିସ୍ ଆଦି ବିଭାଗ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଫଳରେ ନିର୍ବାଚନରେ କଳାଟଙ୍କାର ବ୍ୟବହାର କମିବା ସହ ନିର୍ବାଚନରେ ସ୍ୱଚ୍ଛତା ଅଣାଯାଇପାରିବ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର (ନିର୍ବାଚନ) ରମେଶ ଚନ୍ଦ୍ର ପଣ୍ଡା, ସମସ୍ତ ବ୍ୟାଙ୍କର ପ୍ରତିନିଧି ଉପସ୍ଥିତ ଥିଲେ।

# ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଶିକ୍ଷକ ମହାସଂଘର ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୦/୩ (ନି.ପ୍ର): ଆଜି କେନ୍ଦ୍ରାପଡା ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ପକ୍ଷରୁ କେନ୍ଦ୍ରାପଡାରେ ନୂତନ ଭାବେ ଯୋଗ ଦାନ କରିଥିବା ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ୍‌ଙ୍କୁ ଭେଟି ପୁଷ୍ପଗୁଚ୍ଛ ସହ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିବା ସହିତ ଜିଲ୍ଲା ଶିକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାସଂଘର ଜିଲ୍ଲା ସଭାପତି ଗୋଲକ ଚନ୍ଦ୍ର ମହାଭୋଇ, ସମ୍ପାଦକ ଶିକ୍ଷକ ନେତା ନବଘନ ମହାରଣା, ଯୁଗ୍ମ ସମ୍ପାଦକ ରାଜକିଶୋର ନାୟକ, ଶିକ୍ଷକ ମହାସଂଘର ପ୍ରାକ୍ତନ ସାଧାରଣ ସମ୍ପାଦକ, ଜିଲ୍ଲା ଶିକ୍ଷକ ମହାସଂଘର ଉପଦେଷ୍ଟା ତଥା କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟର ସମ୍ପାଦକ ପ୍ରଫେସର ଅଜୟ ସାମଲ, ଜିଲ୍ଲା କାର୍ଯ୍ୟକାରୀ କମିଟି ସଦସ୍ୟ ପଣ୍ଡିତ ପ୍ରତାପ ପତି, ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ଡଃ ଦିଲ୍ଲୀପ କୁମାର ମିଶ୍ର, ପ୍ରାଧାପକ ରଞ୍ଜିତ୍ କୁମାର ଦାସ, ଜ୍ୟୋର୍ତିମୟ ଦାସ ପ୍ରମୁଖ ଯୋଗ ଦେଇ ଜିଲ୍ଲା ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସଙ୍ଗେ ସଙ୍ଗେ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ସମ୍ବର୍ଦ୍ଧନା ପର୍ବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବାଗ୍ ଉପସ୍ଥିତ ଶିକ୍ଷକ ନେତାଙ୍କୁ ବାର୍ତ୍ତା ଛଳରେ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଏକ ନୂତନ ମାଇଲ ଖୁଣ୍ଟ ସ୍ଥାପନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାମଣ୍ଡଳାଧିଶ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, ୨୦/୩ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ୮୯ ତମ ଓଡିଶା ଦିବସ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଓଡିଶା ଦିବସ ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବ ର ଦିବସ। ଏହାକୁ ପ୍ରତିବର୍ଷ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ବ୍ୟବସ୍ଥା କରାଯାଇଥାଏ। ତେବେ ଚଳିତ ବର୍ଷ ଏହି ସମୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟକ୍ରମ ସ୍ଥିର ହେବ ବୋଲି କହିଥିଲେ। ବିସ୍ତୃତ ଆଲୋଚନା ପରେ ସ୍ଥିର ହେଲା ଯେ ଅପ୍ରେଲ ୧ ତାରିଖ ପ୍ରାତଃ ୫ ଟା ସମୟରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରାତଃ ବନ୍ଦନା ପରିବେଷଣ କରାଯିବ। ପୌରପାଳିକା ଓ ସଦର ବ୍ଲକ ପକ୍ଷରୁ ବରପୁତ୍ର ମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବ। ଓଡିଶା ଦିବସ ଅବସରରେ ବିଭିନ୍ନ ସରକାରୀ ବେସରକାରୀ, ରାଷ୍ଟ୍ରାୟତ ଉଦ୍ୟୋଗ କାର୍ଯ୍ୟାଳୟ,ବ୍ୟାଙ୍କ ଇତ୍ୟାଦି ସେମାନଙ୍କ କାର୍ଯ୍ୟାଳୟ ଗୁଡିକୁ ଆଲୋକ ମାଳାରେ ସଜ୍ଜିତ କରିବା, ସ୍ୱାଗତ ତୋରଣ ନିର୍ମାଣ କରିବାକୁ ଅନୁରୋଧ କରାଗଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ଦ୍ୱାରା ଆୟୋଜନ କରାଯାଇ ଓଡିଶା ଦିବସରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଆଇନଶୃଙ୍ଖଳା ରକ୍ଷା, ପାନୀୟ ଜଳ ଯୋଗାଣ,ଅଗ୍ନିଶମ ସେବା ଓ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା ଇତ୍ୟାଦି ପାଇଁ ସମ୍ପୃକ୍ତ ବିଭାଗକୁ ଅନୁରୋଧ କରାଯାଇଛି। ଅପରପକ୍ଷରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଠାରୁ ଓଡିଶା ଦିବସର ମାର୍ଗଦର୍ଶିକା ମିଳିବା ପରେ ତାହାରି ଆଧାରରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଚୁଡାନ୍ତ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ସୂଚନା ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏଡିଏମଓ ଡା. ବିରଜା ଶଙ୍କର ରଥ,ଗୋପବନ୍ଧୁ ଆୟୁର୍ବେଦିକ ହସପିଟାଲ ର ଅଧକ୍ଷ ଅରୁଣ କୁମାର ଦାସ, ଡେପୁଟି କଲେକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି,ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ,ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ବିଶ୍ୱ ରଂଜନ ପ୍ରଧାନ, ପୌର ସ୍ୱାସ୍ଥ୍ୟ ଅଧିକାରୀ ଡା ଅଶୋକ କୁମାର ମିଶ୍ର,ଓଡିଶା ଚାରୁ ଓ କାରୁକଳା ଅଧକ୍ଷ ଦୁର୍ଗା ମାଧବ କର,ସଂଗଠକ ଚକ୍ରଧର ମହାପାତ୍ର, ଅନାମ ଚନ୍ଦ୍ର ସାହୁ,ସାହିତ୍ୟିକ ବଦ୍ରୀ ମିଶ୍ର,ଶିବ ସୁନ୍ଦର ମିଶ୍ର, ଗଣମାଧମ ପ୍ରତିନିଧି ବୃନ୍ଦ ଓ ବିଭିନ୍ନ ବିଭାଗର କର୍ମଚାରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଚେକ୍ ମାଧ୍ୟମରେ ସୁନା ଗହଣା କିଣି ଲକ୍ଷାଧିକ ଟଙ୍କାର ଠକାମୀ କରିଥିବା ଅଭିଯୋଗରେ କ୍ରେତାଙ୍କୁ ୨ ବର୍ଷର ଜେଲ୍ ଦଣ୍ଡାଦେଶ

ବଲାଙ୍ଗିର , ୨୦/୩ (ନି.ପ୍ର): ବଲାଙ୍ଗୀରର ପାରାଡାଇଜ୍ ଜୁଏଲେରୀରୁ ୧ଲକ୍ଷ ୬୪ ହଜାର ୪ଶହ ଟଙ୍କାର ସୁନା କିଣି ଚେକ୍ ପ୍ରଦାନରେ ଜାଣିଶୁଣି ଠକାମୀ କରିଥିବା ଦୋଷରେ ଜନୈକ କ୍ରେତା ବାବୁଲାଲ ମେହେରଙ୍କୁ ଦଫା ଦଫା ୧୩୮ ନେଗୋସିଏବଲ ଇନଷ୍ଟ୍ରୁମେଣ୍ଟ ଆକ୍ଟରେ ବଲାଙ୍ଗୀର ଜେଏମ୍‌ଏଫ୍‌ସି କୋର୍ଟ ୨ ବର୍ଷର ଜେଲଦଣ୍ଡାଦେଶ ଶୁଣାଇଛନ୍ତି। ବଲାଙ୍ଗୀର ମାନ୍ୟବର ଜେଏମ୍‌ଏଫ୍‌ସି କୋର୍ଟ ରେ ଏହି ଗୁରୁତ୍ୱପୁର୍ଣ୍ଣ କେସ୍ ର ରାୟ ପ୍ରକାଶ ପାଇଛି।

ସୂଚନାରୁ ପ୍ରକାଶ ଯେ, ଗତ ୨୦୨୧ ଜାନୁୟାରୀ ୨୨ ତାରିଖରେ ବଲାଙ୍ଗୀର ଆୟୁର୍ବେଦିକ କଲେଜ ସମ୍ମୁଖସ୍ଥ ପିଏଚଡି ଅଫିସରରେ କାର୍ଯ୍ୟରତ କର୍ମଚାରୀ ବାବୁଲାଲ ମେହେର ବଲାଙ୍ଗୀର ରମାଇ ଟକିଜ୍ ରୋଡ ସ୍ଥିତ ପାରାଡାଇଜ୍ ଜୁଏଲେରୀରୁ ୧ଲକ୍ଷ ୬୪ହଜାର ୪ଶହ ଟଙ୍କାର ସୁନା ଗହଣା କିଣିଥିଲେ। ସୁନାର ମୋଟ ଟଙ୍କା ରୁ ଶ୍ରୀ ମେହେର ୫୦ ହଜାର ୪ଶହ ଟଙ୍କା ପ୍ରଦାନ କରି ୬ ମାସ ଭିତରେ ବକେୟା ଟଙ୍କା ୧ ଲକ୍ଷ ୧୪ହଜାର ଟଙ୍କା ଚେକ୍ ଆକାରରେ ପ୍ରଦାନ କରିବାକୁ କହିଥିଲେ। ଶ୍ରୀ ମେହେରଙ୍କ ସାଙ୍ଗରେ ଆସିଥିବା ତାଙ୍କ ବନ୍ଧୁ ବଲାଙ୍ଗୀର ଆହ୍ଲାବାଦ ବ୍ୟାଙ୍କ କର୍ମଚାରୀ ଦିଗାମ୍ବର ମେହେର ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଚେକ୍ ଆକାରରେ ସମସ୍ତ ଟଙ୍କା ଫେରସ୍ତ କରିବାକୁ ଦୋକାନ ମାଲିକଙ୍କୁ କଥା ଦେଇଥିଲେ। ଯେହେତୁ ପରାଡାଇଜ୍ ଜୁଏଲେରୀର ସମସ୍ତ ଟଙ୍କା ଲେଣଦେଣ କାରବାର ଆଲହାବାଦ ବେଙ୍କରେ ପରିଚାଳିତ ହେଉଥିଲା, ଦିଗାମ୍ବର ମେହେରଙ୍କୁ ଜୁଏଲେରୀ ଦୋକାନର ମାଲିକ ଭଲ ଭାବରେ ଜାଣିଥିଲେ ତେଣୁ ବନ୍ଧୁତ୍ୱ ଓ ବିଶ୍ୱାସ ଆଧାରରେ ଜୁଏଲେରୀ ଦୋକାନର ମାଲିକ ସଂଜୀବ କୁମାର ବରେଇ ତାଙ୍କୁ ଉଧାରୀ ସୂତ୍ରରେ ସୁନା ଗହଣା ଦେବାକୁ ରାଜି ହୋଇଥିଲେ। ଗତ ୨୦୨୧ ଜୁଲାଇ ୨ ତାରିଖରେ ସୁନା କିଣିଥିବା ଶ୍ରୀ ମେହେର ଗହଣା ଦୋକାନକୁ ଯାଇ ୫୭ ହଜାର ଟଙ୍କାର ଏକ ଚେକ୍ (ନଂ ୪୨୧୪୭୧) ପ୍ରଦାନ କରିଥିଲେ। ଠିକ୍ ସେହି ଦିନ କ୍ରେତା ଜଣକ ୫୭ହଜାର ଟଙ୍କାର ଆଉ ଏକ ପୋଷ୍ଟ ଡେଟେଡ ଚେକ୍ ପ୍ରଦାନ କରିଥିଲେ। ତେବେ ବ୍ୟାଙ୍କରେ ଚେକ୍ ଡିପୋଜିଟ କଲା ବେଳେ ଇନ୍‌ସଫିସିଏଣ୍ଟ ଫଣ୍ଡସ ଯୋଗୁଁ ଦୁଇ ଟି ଯାକ ଚେକ୍ ବାଉନ୍ସ ହୋଇଥିବା ଜଣାପଡିଥିଲା। ଏ ସଂପର୍କରେ ଜୁଏଲେରୀ ଦୋକାନର ମାଲିକ କ୍ରେତାଙ୍କୁ ଜଣାଇଥିଲେ। କ୍ରେତା ଜଣକ ଦୋକାନୀ ଙ୍କ କଥା ଶୁଣି ନଥିଲେ। ଠକାମୀର ଶୀକାର ହୋଇଥିବା ଜାଣିବାକୁ ପାଇବା ପରେ ଗହଣା ଦୋକାନର ମାଲିକ ଶ୍ରୀ ମେହେରଙ୍କୁ ଡିମାଣ୍ଡ ନୋଟିସ ଜରିଆରେ ବାରମ୍ବାର ବକେୟା ଟଙ୍କା ଦେବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ସେ ଦିନ ଗଡ଼ାଇ ଚାଲିଥିଲେ। ଶେଷରେ କୌଣସି ଉପାୟ ନ ପାଇ ଅଭିଯୋଗକାରୀ ସୁନା ଗହଣା ଦୋକାନ ମାଲିକ କୋର୍ଟର ଆଶ୍ରୟ ନେଇଥିଲେ। ମାନ୍ୟବର ଜେ ଏମ୍ ଏଫ୍ ସି କୋର୍ଟ ଆଇ.ସି.ସି କେସ୍ ନଂ ୫୦ / ୨୦୨୧ ଅନୁସାରେ ସମସ୍ତ ସାକ୍ଷୀ ଓ କାଗଜପତ୍ରକୁ ଭିତ୍ତି କରି ଦଫା ୧୩୮-ନେଗୋସିଏବଲ ଇନଷ୍ଟ୍ରୁମେଣ୍ଟ ଆକ୍ଟ(ଏନ୍ ଆଇ ଆକ୍ଟ) ରେ କ୍ରେତା ବାବୁଲାଲ ମେହେରଙ୍କୁ ଗୋଟିଏ ମାସ ଭିତରେ ବକେୟା ଟଙ୍କା ୧ଲକ୍ଷ ୪୯ ହଜାର ୯ଶହ ୧୦ ଟଙ୍କା ପ୍ରଦାନ କରିବା ସହ ଅନାଦେୟ ଦୁଇ ବର୍ଷର ଜେଲ ଦଣ୍ଡଦେଶ ଶୁଣଇଇଛନ୍ତି।

## ୭୭୫ କେଜି ଗଞ୍ଜେଇ ଜବତ ୨ ଅଭିଯୁକ୍ତଙ୍କୁ ଗିରଫ

ମାଲକାନଗିରି, ୨୦/୩ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ପୁଲିସକୁ ମିଳିଛି ବଡ଼ ସଫଳତା। ଜଙ୍ଗଲ ମଧ୍ୟରେ ରଖା ଯାଇଥିବା ପ୍ରାୟ ୭୭୫ କି.ଗ୍ରା ଗଞ୍ଜେଇ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି ପୁଲିସ ଟିମ। ଅଭିଯୁକ୍ତ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ମୁଦୁଲିଗୁଡ଼ା ଗ୍ରାମର ଜଗତରାୟ ମୁଦୁଲି(୪୫)ଏବଂ ସୋନା ମୁଦୁଲି(୪୫)। ସେମାନଙ୍କ ନିକଟରୁ ୨ଟି ମୋବାଇଲ ଫୋନ, ଆଧାର ଓ ପାନ କାର୍ଡ଼ ଜବତ କରାଯାଇଛି। ଏସପି ନୀତେଶ ୱାଧୱାନୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଗତକାଲି କାଲିମେଳା ଥାନା ଏସଆଇ ସୁଜିତ କୁମାର ବିଶ୍ୱାସଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲୁଥିବା ବେଳେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବିପୁଳ ପରିମାଣର ଗଞ୍ଜେଇ ଥିବା ନେଇ ଖବର ଆସିଥିଲା। ପୁଲିସ ଟିମ ପପୁଲୁର ପଂଚାୟତ ପେଟାଲ ଗ୍ରାମ ନିକଟସ୍ଥ ଜଙ୍ଗଲର ନିର୍ଦ୍ଦିଷ୍ଟ ସ୍ଥାନରେ ଚଢ଼ାଉ କରିଥିଲେ।

# ବିଦ୍ୟୁତ ଟ୍ରାନ୍ସଫରମରରୁ କଏଲ ଓ ତେଲ ଚୋରି ଅଭିଯୋଗରେ ଦୁଇ ଅଦାଲତ ଚାଲାଣ

କୋରେଇ, ୨୦/୩ (ନି.ପ୍ର): ପାଣିକୋଇଲି ଠାରେ ନିର୍ମାଣଧିନ ଅବସ୍ଥାରେ ଥିବା ଟ୍ରମା କେୟାରର ପରିଚାଳନା ନିମନ୍ତେ ଅବସ୍ଥାପିତ ହୋଇଥିବା ଦୁଇଟି ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ଟ୍ରାନ୍ସଫର୍ମରରୁ କଏଲ ଓ ତେଲ ଚୋରୀ ଅଭିଯୋଗରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରିଛି। ଉକ୍ତ ଦୁଇ ଅଭିଯୁକ୍ତ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ କାଜିପାଟଣା ଗ୍ରାମର ଅଶୋକ କୁମାର ଦାସଙ୍କ ପୁଅ ଅନ୍ତର୍ଯ୍ୟାମୀ ଓରଫ ଲିକୁ (୩୩)ଓ କେଉଁଝର ଜିଲ୍ଲା କାଳୀହାଟ ଥାନା ଅନ୍ତର୍ଗତ ବାଲଝୋଡ଼ି ଗ୍ରାମର ପରିକ୍ଷିତ ମୁଣ୍ଡାଙ୍କ ପୁଅ ରାଜୁ(୪୦)ଯେକି ପାଣିକୋଇଲି ପାଟସାହି ଗ୍ରାମରେ ରହୁଅଛି। ସୁଚନାନୁସାରେ ପାଣିକୋଇଲି ଥାନା ଠାରୁ ଅନତି ଦୁରରେ ଏକ ଟ୍ରମା କେୟାର ସେଂଟରର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଉକ୍ତ ଟ୍ରମା କେୟାର ସେଂଟରକୁ ବିଦ୍ୟୁତ ଯୋଗାଣ ନିମନ୍ତେ ଦୁଇଟି ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର (୩୩ କେଭି/୪୪୦ ଭୋଲ୍ଟ,୭୫୦ କେଭିଏ ) ଅବସ୍ଥାପିତ ହୋଇଅଛି। ତେବେ ଉକ୍ତ ଟ୍ରାନ୍ସଫର୍ମରକୁ ବିଦ୍ୟୁତ ଯୋଗାଣ ହୋଇନଥିବାର ସୁଯୋଗ ନେଇ ଉପରୋକ୍ତ ଦୁଇ ଅଭିଯୁକ୍ତ ଟ୍ରମା କେୟାରର ପଛପଟେ ପାଚେରୀ ନଥିବାର ସୁଯୋଗ ନେଇ ଗତ ୮ ଓ ୯ ତାରିଖ ଦିନ ରାତିରେ ଦୁଇ ଟ୍ରାନ୍ସଫରମର କଏଲ ଓ ତେଲକୁ ଚୋରି କରିନେଇଯାଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ତେବେ ଘଟଣା ଦିନ ନିର୍ମାଣାଧିନ ଟ୍ରମା କେୟାରରେ କାର୍ଯ୍ୟରତ ଶିବ ପ୍ରସାଦ ଜେନା ନାମକ ଜଣେ ବ୍ୟକ୍ତି ରାତିରେ ଶୌଚ ହେବା ଲାଗି ଉଠିବା ବେଳକୁ ଉକ୍ତ ଦୁଇ ଅଭିଯୁକ୍ତ କିଛି ଜିନିଷକୁ ଧରି ପାଚେରୀ ନିକଟରେ ଲୁଚିଥିବାର ଦେଖିବାକୁ ପାଇଥିଲେ। ତେବେ ପରଦିନ ଟ୍ରାନ୍ସଫରମରରୁ ଚୋରି ହେବା ନେଇ ଜଣାପଡ଼ିବା ପରେ ସେ ବିଦ୍ୟୁତ କାର୍ଯ୍ୟ ନିମନ୍ତେ ଠିକା ନେଇଥିବା ଠିକାଦାର ଭୁବନେଶ୍ୱର ଝାରପଡ଼ା ଅଂଚଳର ଆଦ୍ୟାଉର୍ଗୀ କନଷ୍ଟ୍ରକ୍ସନ କମ୍ପାନୀର ପରିଚାଳକ ଦିପ୍ତି ରଂଜନ ନନ୍ଦଙ୍କୁ ଜଣାଇଥିଲେ। ପରେ ଦିପ୍ତି ରଞ୍ଜନ ପାଣିକୋଇଲି ଆସି ସତ୍ୟାସତ୍ୟ ଉପଲବ୍ଧି କରିବା ପରେ ଥାନାରେ ଲିଖିତ ଭାବେ ଅଭିଯୋଗ କରିବା ପରେ ପୁଲିସ ମାମଲା ୧୩୫/୨୩ ରୁଜୁ କରି ତଦନ୍ତ ଚାଲୁ ରଖିଥିଲା।

# ବ୍ରହ୍ମବରଦା-ବନ୍ଧଡିହ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ

ଧର୍ମଶାଳା, ୨୦/୩ (ନି.ପ୍ର): ଗ୍ରାମାଚଂଳର ଉନ୍ନତି କରଣ ନିମନ୍ତେ ବହୁ ଯୋଜନା କରି କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି। ଅନ୍ୟ ପକ୍ଷେ ରୂପାନ୍ତରିକରଣରେ ମଠ ମନ୍ଦିରର ବିକାଶ କାର୍ଯ୍ୟ କରାଯାଉଥିବା ବେଳେ ଗ୍ରାମାଚଂଚଳ ମୁଖ୍ୟ ରାସ୍ତା ପ୍ରତି କାହାରି ଆନ୍ତରିକତା ନ ଥିବା ପରି ମନେ ହେଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ଗ୍ରାମ୍ର ଉନ୍ନୟନ ବିଭାଗ ବ୍ରହ୍ମବରଦା-ବନ୍ଧଡିହ ମୁଖ୍ୟ ରାସ୍ତା କ୍ଷେତ୍ରରେ। ଦୀର୍ଘ ଦିନ ହେବ ସ୍ଥାୟୀ ମରାମତି ଅଭାବରୁ ସ୍ଥାନୀୟ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ପୂର୍ବରେ ବ୍ରହ୍ମବରଦାଠାରୁ ବନ୍ଧଡିହ ୪ କିମି ରାସ୍ତା ମରାମତି ପାଇଁ ପିଚୁ ରାସ୍ତା ନିର୍ମାଣ କରାଯାଇଥିଲା। ହେଲେ ଏହାର ସ୍ଥାୟୀ ରକ୍ଷଣାବେକ୍ଷଣ ଅଭାବରୁ ଏହା ଶୋଚନୀୟ ହୋଇପଡିଛି। ବହୁ ସ୍ଥାନରେ ଖାଲଖମା ସହ ପିଚୁ ଉଠି ଟାଇଛି। ଫଳରେ ସ୍ଥାନୀୟ ୧୦ ଗୋଟି ପଂଚାୟତର ଏହା ମୁଖ୍ୟ ରାସ୍ତା ହୋଇଥିବା ବେଳେ ଯାତାୟତ କରୁଥିବା ଶହଶହ ପଥଚାରୀ,ସାଇକେଲ ଓ ମଟରସାଇକେଲ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି। ଏନେଇ ବହୁ ଦାବି ପରେ ୨୦୨୩ ଆର୍ଥୀକ ବର୍ଷରେ ପ୍ରଥମାଖଣ୍ଡି-ବନ୍ଧଡିହ ରାସ୍ତାର ଉନ୍ନତିକରଣ ନିମନ୍ତେ ଟେଣ୍ଡର ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ପ୍ରଥମାଖଣ୍ଡିଠାରୁ ଅର୍ଥଙ୍ଗା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ସରିଯାଇଥିବା ବେଳେ ବ୍ରହ୍ମବରଦାଠାରୁ ବନ୍ଧଡିହ ରାସ୍ତା ସମ୍ପ୍ରସାରଣ ଓ ମରାମତି ପାଇଁ କାମ ଆରମ୍ଭ ହୋଇ ନ ଥିବା ଜଣାପଡିଛି। ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଚଳିତ ସାଧାରଣ ନିର୍ବାଚନରେ ଉଚିତ ଜବାବ ଦିଆଯିବା ସହ ନିକଟ ଭବିଷ୍ୟରେ ଏକ ଜନ ଆନ୍ଦୋଳନ କରାଯିବ ବୋଲି ଅଂଚଳବାସୀ ଚେତାବନୀ ଦେଇଛନ୍ତି।

# ମାଲକାନଗିରି ଜିଲ୍ଲାରେ ୨୧୫ଟି ବିଦ୍ୟାଳୟରେ ଖେଳ ପଡିଆ ନାହିଁ

ମାଲକାନଗିରି, ୨୦/୩ (ନି.ପ୍ର): ପାଠପଢ଼ା ସହ ଖେଳକୁଦ ପିଲାମାନଙ୍କ ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ହୁଏ। ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଦ୍ୟାଳୟସ୍ତରରୁ କ୍ରୀଡାକୁ ଗୁରୁତ୍ୱ ଦେଇ ଆସୁଛନ୍ତି। କ୍ରୀଡା କ୍ଷେତ୍ରରେ ଅଗ୍ରଗତି ପାଇଁ ସରକାର ବିଭିନ୍ନ ଯୋଜନା ମଧ୍ୟ କରି ବିଦ୍ୟାଳୟଗୁଡିକୁ ଅର୍ଥ ପ୍ରଦାନ କରୁଛନ୍ତି। ପିଲାଙ୍କ ପାଇଁ କ୍ରିଡା ସାମଗ୍ରୀ କିଣାଯାଉଛି ସତ କିନ୍ତୁ ଖେଳିବା ପାଇଁ ପଡିଆର ଅଭାବ ରହିଛି। ଯାହାଫଳରେ ପିଲାମାନେ ପଡିଆରେ ଖେଳିବା ପାଇଁ ସୁବିଧା ପାଇପାରୁନାହାନ୍ତି। ମାଲକାନଗିରି ଜିଲ୍ଲାରେ ବହୁ ବିଦ୍ୟାଳୟରେ ନିଜସ୍ୱ ଖେଳପଡିଆ ନଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଭିତ୍ତିଭୂମି ଅଭାବରୁ ଜିଲ୍ଲାରେ ବିଦ୍ୟାଳୟ ସ୍ତରରେ କ୍ରୀଡା କ୍ଷେତ୍ରରେ କିଭଳି ଉନ୍ନତି ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମାଲକାନଗିରି ଜିଲ୍ଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ୧୨୮୧ଟି ସରକାରୀ ବିଦ୍ୟାଳୟ ରହିଛି। ସେଥିମଧ୍ୟରେ ୮୧୭ଟି ପ୍ରାଥମିକ ବିଦ୍ୟାଳୟ, ୩୪୯ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୧୦୪ଟି ଉଚ୍ଚ ବିଦ୍ୟାଳୟ, ୪ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ୭ଟି ଓଡିଶା ଆଦର୍ଶ ବିଦ୍ୟାଳୟ ରହିଛି। ଶିକ୍ଷାବିଭାଗର ରିପୋର୍ଟ ଅନୁଯାୟୀ, ଜିଲ୍ଲାରେ ୨୧୫ଟି ବିଦ୍ୟାଳୟରେ ଖେଳ ପଡିଆ ନାହିଁ ବୋଲି ସୂଚନା ମିଳିଛି। କିନ୍ତୁ ବାସ୍ତବରେ ଏହାର ଚିତ୍ର କିଛି ଅଲଗା ରହିଛି। ଜିଲ୍ଲାରେ ୨୧୫ ନୁହେଁ ତା ଠାରୁ ଅଧିକ ବିଦ୍ୟାଳୟରେ ନିଜସ୍ୱ ଖେଳପଡିଆ ନାହିଁ। କେଉଁ ବିଦ୍ୟାଳୟରେ ସ୍ୱଳ୍ପ ଜାଗା ରହିଥିଲେ ମଧ ବିଦ୍ୟାଳୟ କର୍ତ୍ତୃପକ୍ଷ ତାହାକୁ ଖେଳପଡିଆ ବୋଲି ଦର୍ଶାଇ ଦେଉଛନ୍ତି। ଏଥିସହ ବିଦ୍ୟାଳୟ ନିକଟରେ ଖାଲି ପଡିଥିବା ଜମିକୁ ମଧ ଖେଳପଡିଆ ବୋଲି ଦର୍ଶାଇ ପରିସଂଖ୍ୟାନକୁ ବଢ଼ାଇବାକୁ ଚେଷ୍ଟା କରୁଛନ୍ତି। ଛାତ୍ରଛାତ୍ରୀମାନେ କ୍ରିକେଟ, ଫୁଟବଲ, ହକି ଆଦି ଶାରିରୀକ ଖେଳ ଖେଳିବା ପାଇଁ ଜିଲ୍ଲାରେ ୫ ଶହରୁ ଅଧିକ ବିଦ୍ୟାଳୟରେ ଖେଳପଡିଆ ନାହିଁ। ଏଥିସହ ବହୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଖେଳ ପଡିଆ ପାଇଁ ଆବେଦନ କରିଥିଲେ ମଧ ସେମାନଙ୍କୁ ମିଳିପାରି ନାହିଁ। ସେହିପରି କ୍ରୀଡା ଛାତ୍ରାବାସ ରହିଥିଲେ ମଧ କ୍ରୀଡା ପ୍ରତି କାହାର ଆଗ୍ରହ ନଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ଜିଲ୍ଲାର ୧୨୮୧ଟି ବିଦ୍ୟାଳୟକୁ ଖେଳ ସାମଗ୍ରୀ କିଣିବା ପାଇଁ ଟଙ୍କା ପ୍ରଦାନ କରାଯାଉଛି। ସେଥିରେ ପ୍ରାଥମିକ ବିଦ୍ୟାଳୟକୁ ୫ ହଜାର,ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୧୦ ହଜାର ଟଙ୍କା, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଉଛି। ଚଳିତବର୍ଷ ଜିଲ୍ଲାରେ ଥିବା ସମସ୍ତ ସରକାରୀ ବିଦ୍ୟାଳୟକୁ ମୋଟ ୧ କୋଟି ୩ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେଥିରେ ବିଦ୍ୟାଳୟ କତୃପକ୍ଷ ଲୁଡୁ, କ୍ୟାରେମ ବୋର୍ଡ, ରିଲେ ବଟନ୍, ଦଉଡି, ବ୍ୟାଟମିଂଟନ, ଥ୍ରୋବଲ୍, ଜାଭଲିନ୍ ଥ୍ରୋ, ହାଇହର୍ଡଲସ, ଭାରୋଉତ୍ତୋଳନସେଟ , ବାସ୍କେଟବଲ୍, ଫୁଟବଲ୍, ସଟଫୁଟ୍, ଡିସକସ୍ ଥ୍ରୋ, କ୍ରିକେଟ ସଂରଞ୍ଜାମ, ହ୍ୟାଣ୍ଡବଲ୍, ଭଲିବଲ୍, ନେଟ୍, ଚେସ୍, ଫୁଟ ପମ୍ପ,ଯୋଗ ପାଇଁ ମେଟ୍, ଫାଷ୍ଟଏଡ୍,ଷ୍ଟପ ୱାଚ୍, ଗୋଲ ପୋଷ୍ଟ ନେଟ ଆଦି ବିଭିନ୍ନ ସାମଗ୍ରୀ କିଣିବା ପାଇଁ ଅର୍ଥ ପ୍ରଦାନ କରାଯାଉଛି। ଇନଡୋର ଖେଳ ପାଇଁ ପଡିଆର ଆବଶ୍ୟକତା ହେଉନଥିବା ବେଳେ ଶାରିରୀକ ଖେଳ ପାଇଁ ପଡିଆର ନିହାତି ଆବଶ୍ୟକତା ରହିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଖେଳ ସାମଗ୍ରୀ କ୍ରୟ କରୁଛନ୍ତି ସତ କିନ୍ତୁ ଖେଳ ପଡିଆ ଅଭାବରୁ ପିଲାଙ୍କୁ ଖେଳିବାକୁ ସୁଯୋଗ ମିଳିପାରୁ ନାହିଁ। ଜିଲ୍ଲା ପ୍ରଶାସନର କ୍ରୀଡା ପ୍ରତି ଗୁରୁତ୍ୱ ଦେଇ ଏକ ଟିମ ୱାର୍କ କରି ଜିଲ୍ଲାରେ କେତୋଟି ସ୍କୁଲରେ ଖେଳପଡ଼ିଆ ନାହିଁ ତାହାର ତଦନ୍ତ କରି ସ୍କୁଲ୍ ଗୁଡିକୁ ଖେଳପଡିଆ ଦେବାପାଇଁ ଦାବି ହେଉଛି!

# ମହିଳା ଓ ଶିଶୁ ସୁରକ୍ଷା ଉପରେ ପ୍ରଶିକ୍ଷଣ ଶିବିର

କୋରେଇ, ୨୦/୩ (ନି.ପ୍ର): ଶିଶୁ ସରକ୍ଷା ନିୟମ ୨୦୧୨ ଓ ବାଲ୍ୟ ବିବାହ ନିଷେଧ ଅଧିନିୟମ ୨୦୦୬ସର୍ମ୍ପକୀତ ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟର ସମ୍ମି୍ଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଟାଟା ଷ୍ଟିଲ ଫାଉଣ୍ଡେସନର ସହଯୋଗରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲଙ୍କ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିରୁଦ୍ଧ ରାଉତ ରାୟ ଯୋଗଦେଇ ମହିଳା ଓ ଶିଶୁ ମାନଙ୍କ ସୁରକ୍ଷା ଦିଗରେ ଯାଜପୁର ପୁଲିସ ଯତ୍ନବାନ ଅଛି, ମହିଳା ହିଂସା, ଯୌନ ନିର୍ଯ୍ୟାତନା, ଶିଶୁ ଓ ମାନବ ଚାଲାଣ, ବାଲ୍ୟ ବିବାହ, ଶିଶୁ ଶ୍ରମିକ ଭଳି କୁପ୍ରଥାକୁ ବିଲୋପ କରିବା ଲାଗି ସରକାରଙ୍କ ଉପଲବ୍ଧ ଆଇନକୁ କାର୍ଯ୍ୟକାରୀ କରିବା ଆମ ସମସ୍ତଙ୍କର କର୍ତବ୍ୟ ବୋଲି ନିଜର ବ୍ୟକ୍ତବ୍ୟରେ କହିଥିଲେ। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତଥା ଅଧ୍ୟକ୍ଷ (ମହିଳା ଅପରାଧ ଅନୁସଂଦ୍ଧାନ ସଂସ୍ଥା) ଶିତିକଣ୍ଠ କାନୁନଗୋ ଯୋଗଦେଇ ମହିଳା ଓ ଶିଶୁ ମାନଙ୍କ ପ୍ରତି ହିଂସା ସାମାଜିକ ବିକାଶରେ ବାଧା ଉତ୍ପନ କରିବା ସହିତ ଦେଶର ସାମ୍ବଧାନିକ ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ମହିଳା ନ୍ୟାୟ ପାଇବା ତାଙ୍କର ଅଧିକାର ବୋଲି ମତବ୍ୟକ୍ତ କରିବା ସହିତ ଏଥି ନିମନ୍ତେ ସମସ୍ତଙ୍କର ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ଶିବିରରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଂଜନ କର ଯୋଗଦେଇ ତୃଣମୂଳ ସ୍ତରରୁ ଶିଶୁ ଓ ମହିଳା ମାନଙ୍କର ଅଧିକା.ସ୍ୱାବଲମ୍ବୀ ହେବା ଲାଗି ସରକାରଙ୍କ ବିଭିନ୍ନ ଯୋଜନା, ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି, ଜନନୀ ସୁରକ୍ଷା ଯୋଜନା, ବେଟି ବଚାଓ ବେଟି ପଢାଓ, ଆଶୀର୍ବାଦ ଯୋଜନା, ମିଶନ ବାତ୍ସଲ୍ୟ ଯୋଜନା ବିଷୟରେ ବିଷଦ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ଶିବରରେ ଯାଜପୁର ଜିଲ୍ଲା ପ୍ରଶାସନର ସମାଜ କଲ୍ୟାଣ ବିଭାଗର ସୁରକ୍ଷା ଅଧିକାରୀ ସରୋଜିନୀ ଦାସ ଓ କ୍ରିଷ୍ଣା ମହାପାତ୍ର, ଶିଶୁ ସୁରକ୍ଷା ୟୁନିଟର କାଳୀ ପ୍ରସାଦ ସାହୁ, ବିଶ୍ୱନାଥ ଦାଶ ଓ ପୁଲିସ ପ୍ରଶାସନର ବରିଷ୍ଠ କର୍ମକର୍ତା ଓ ସମସ୍ତ ଥାନାଧିକାରୀଙ୍କ ସମେତ ଟାଟା ଷ୍ଟିଲ ଫାଉଣ୍ଡେସନର ବ୍ଲକ ସଂଯୋଜକ ବିଶ୍ୱଭୁଷଣ ଦ୍ୱିବେଦୀ ଓ ବରିଷ୍ଟ କର୍ମକତା ମାନେ ଅଂଶ ଗ୍ରହଣ କରିବା ସହିତ ନିଜର ସୁଚିନ୍ତିତ ମତବ୍ୟକ୍ତ ରଖିଥିଲେ। ଉକ୍ତ ଶିବିରରେ ଶିଶୁ ସୁରକ୍ଷା ୟୁନିଟର ଆଇନ ଅଧିକାରୀ ତପନ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ବାବଦରେ ଆଲୋକପାତ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ମୋ ଦାୟିତ୍ୱ ଆପଣ ନିଅନ୍ତୁ, ଅଂଚଳ ଦାୟିତ୍ୱ ମୋତେ ଦିଅନ୍ତୁ କଂଗ୍ରେସ କର୍ମୀ ସମ୍ମିଳନୀ

କେନ୍ଦ୍ରାପଡ଼ା, ୨୦/୩ (ନି.ପ୍ର): କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧୋୟାଞ୍ଚଳର ସାତ ପଞ୍ଚାୟତରେ ଏକ କଂଗ୍ରେସ କର୍ମୀ ସମ୍ମିଳନୀ ଦାଣ୍ଡିସାହିଠାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମ୍ମିଳନୀରେ ସର୍ବସମ୍ମତି କ୍ରମେ ନିମ୍ନ ଲିଖିତ ପ୍ରସ୍ତାବ ଗୃହୀତ କରାଯାଇଛି। ଭାରତ ଯୋଡ ନ୍ୟାୟଯାତ୍ରାର ସଫଳତା ଓ ବିଶେଷ କରି ବୟେଠାରେ ଅନୁଷ୍ଠିତ ଉଦ୍‌ଯାପନୀ ସଫଳତା ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ଧୋୟାଞ୍ଚଳ ଅନ୍ତର୍ଗତ ସାତ ପଞ୍ଚାୟତର ପୃଥକ ପୃଥକ ଭାବେ କର୍ମୀ ସମ୍ମିଳନୀ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ୨୦୨୪ ବିଧାନସଭା ନିର୍ବାଚନରେ ଗଣେଶ୍ୱର ବେହେରାଙ୍କୁ ଧୋୟାଞ୍ଚଳରୁ ବିପୁଳ ଭୋଟରେ ବିଜୟୀ କରିବାକୁ ସଂକଳ୍ପ କରାଯାଇଛି। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ 'ମୋ ଦାୟିତ୍ୱ ଆପଣ ନିଅନ୍ତୁ, ଧୋୟାଞ୍ଚଳ ଦାୟିତ୍ୱ ମୋତେ ଦିଅନ୍ତୁ'। କେନ୍ଦ୍ରାପଡାର ବିକାଶ ସମେତ ଧୋୟାଞ୍ଚଳର ବିକାଶ ପାଇଁ ମୁଁ ପ୍ରତିଜ୍ଞାବଦ୍ଧ। ମୋତେ ବିଶ୍ୱାସକୁ ନିଅନ୍ତୁ ମୋତେ ବିଧାନସଭା ପଠାନ୍ତୁ। ଏହି ସମ୍ମିଳନୀରେ ବ୍ଲକ କଂଗ୍ରେସ ସଭାପତି ଅଜୟ କୁମାର ବିଶ୍ୱାଳ, ପୂର୍ବତନ ସରପଞ୍ଚ ଧନେଶ୍ୱର ପ୍ରଧାନ, ପଞ୍ଚାୟତ କଂଗ୍ରେସ ସଭାପତି ଚନ୍ଦନ ସାହୁ, ସିଂହଗାଁ ପଞ୍ଚାୟତ କଂଗ୍ରେସ ସଭାପତି ଦୀପକ ନାୟକ, ବଲୁରିଆ କଂଗ୍ରେସ ସଭାପତି ଚକ୍ରଧର ମଲ୍ଲିକ, ଅମୃତମଣୋହି ଯୁବ କଂଗ୍ରେସ ସଭାପତି ଦୀପକ ଭଦ୍ର, ଯୁବନେତା ବିଶ୍ୱଜିତ୍ ମହାନ୍ତି, ଅଣ୍ଡରା ଦଳିତ ନେତା ଗଣେଶ୍ୱର ମଲ୍ଲିକ, ୧୫ନଂ ଜୋନ୍ କଂଗ୍ରେସ ସଭାପତି ଜ୍ୟୋତିରଞ୍ଜନ ପ୍ରଧାନ, ପୂର୍ବତନ ସରପଞ୍ଚ କାଙ୍ଗାଳି ସେଠୀ ଓ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଅଭିଷେକ ବିଶ୍ୱାଳ ଭାଷଣ ଦେଇ ଧୋୟାଞ୍ଚଳ ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ ଗଣେଶ୍ୱର ବେହେରାଙ୍କ ହାତମୁଠା ଟାଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କର୍ମୀ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉମାକାନ୍ତ ବିହାରୀ, କୈଳାସ ଦାସ, ପ୍ରତାପ କୁମାର ବିଶ୍ୱାଳ, ମୁକେଶ ଦାସ, ସୁକାନ୍ତ ରାଉତ, ବିପିନ ବିହାରୀ ଜେନା, ଯୁବ ସଂଗଠକ ଡଃ ରବର୍ଟସନ୍ ରାଜୁ, ରାକେଶ ବେହେରା, ରାଜୀବ ସେଠୀ, ପ୍ରଶାନ୍ତ କୁମାର ରାଉତ, ପ୍ରଶାନ୍ତ ଦାସ, କୁଳମଣି ନାୟକ, ସନାତନ ସାହୁ, ନୟନ କୁମାର ରାଉତ, କିଶୋର କୁମାର ଦାସ, ତୋଫାନ ଦାସ, ବିକାଶ ଦାସ, ରଘୁନାଥ ଜେନା, ତନୋଜ ଆରୁକ, ସ୍ୱପ୍ନୋଜ ବିଶ୍ୱାଳ, ଆଶୀର୍ବାଦ ବିଶ୍ୱାଳ, ଚିତ୍ତରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ପୁଟିନଙ୍କ ତୃତୀୟ ବିଶ୍ୱଯୁଦ୍ଧ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

୨୦୨୦ରେ ପୁଟିନ ନାଭାଲନୀଙ୍କୁ ଗିରଫ କରି ଜେଲକୁ ପଠାଇଥିଲେ । ଚଳିତବର୍ଷ ଫେବୃଆରୀ ମାସରେ ତାଙ୍କର ଜେଲ ଭିତରେ ମୃତ୍ୟୁ ହୋଇଥିଲା । ୨୦୧୧ରେ ପୁଟିନଙ୍କ ବିରୁଦ୍ଧରେ ସୋଭିଏତ୍ ରୁଷିଆ ପରବର୍ତ୍ତୀ କାଳରେ ସବୁଠୁ ବଡ ଆନ୍ଦୋଳନ ବୋରିସ ନେମ୍ତ୍ସୋଭଙ୍କ ନେତୃତ୍ୱରେ ହୋଇଥିଲା । ୧୯୯୦ ଦଶକରେ ସେ ଥିଲେ ଋଷିଆର ଉପ ପ୍ରଧାନମନ୍ତ୍ରୀ । ସେ ପୁଟିନଙ୍କ ବିରୋଧୀଭାବେ ଶକ୍ତିଶାଳୀ ହୋଇଉଠିଥିଲେ । ହେଲେ କ୍ରେମଲିନ୍ ସମ୍ମୁଖସ୍ଥ ଏକ ସେତୁ ଉପରେ ୨୦୧୫ରେ ସେ ଗୁଳିଖାଇ ହତ୍ୟାର ଶିକାର ହୋଇଥିଲେ । ନିକଟରେ ଋଷିଆର ଚର୍ଚ୍ଚ ସମୂହର ସମର୍ଥନ ଲାଭକରି ପୁଟିନ ଅଧିକ ଶକ୍ତିଶାଳୀ ହୋଇଛନ୍ତି ।

ପୁଟିନ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବାପରେ ତାଙ୍କ ସାକ୍ଷାତକାରରେ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ପ୍ରକାଶ କରିଛନ୍ତି । ଜର୍ମାନୀ ସରକାର ବର୍ଲିନଠାରେ ୨୦୧୯ରେ ଜଣେ ବିଦ୍ରୋହୀ ଚେଚେନ୍ ନେତାଙ୍କ ହତ୍ୟା ଅଭିଯୁକ୍ତ ଥିବା ଭାଦିମ କ୍ରାସିକୋଭଙ୍କୁ ଋଷିଆ ହାତରେ ହସ୍ତାନ୍ତରଣ କରିବାକୁ ସେ ଦାବି କରିଛନ୍ତି । ନାଟୋପକ୍ଷରୁ ଅସ୍ତ୍ରଶସ୍ତ୍ର ପ୍ରଦାନ ବନ୍ଦ ହେଲେ ୟୁକ୍ରେନ ସହ ଯୁଦ୍ଧ ବନ୍ଦ ହେବ ବୋଲି ପୁଟିନ କହିଛନ୍ତି । ୧୯୯୧ରେ ନାଟୋ ସଂପ୍ରସାରିତ ହେବନାହିଁ ବୋଲି ପ୍ରତିଶ୍ରୁତି ଦେଇ ୨୦୦୮ରେ ୟୁକ୍ରେନର ସାର୍ବଭୌମତ୍ୱ ଘୋଷଣା ସହ ନିରପେକ୍ଷ ରାଷ୍ଟ୍ର ରହିବ ବୋଲି କୁହାଯିବାପରେ ୨୦୧୪ରେ ସେଠାରେ ନାଟୋର ଘାଟୀ ପ୍ରତିଷ୍ଠା କରାଗଲା । ଏସବୁ ଋଷିଆର ସୁରକ୍ଷାକୁ କ୍ଷତି କରିବାକୁ ଉଦ୍ଦିଷ୍ଟ ଥିଲା। ୟୁକ୍ରେନ ସହ ଯୁଦ୍ଧ ବନ୍ଦ କରିବାକୁ ଇସ୍ତାନବୁଲ ଆଲୋଚନାପରେ ୟୁକ୍ରେନ ଆଲୋଚନାରୁ ଓହରିଯାଇଥିଲା । ପ୍ରଧାନମନ୍ତ୍ରୀ ଜନସନ୍ ବୁଝାମଣା ପତ୍ରରେ ସ୍ୱାକ୍ଷର କରିବାକୁ ମନା କରିଦେଲେ । ତେଣୁ ସୁଯୋଗ ହାତରୁ ଖସିଗଲା । ଯାହାଫଳରେ ଆଜିଯାଏ ଯୁଦ୍ଧ ଜାରି ରହିଛି । ଋଷିଆ ଯୁଦ୍ଧକୁ ୟୁରୋପରେ ସଂପ୍ରସାରିତ କରିବାକୁ ଋହୁଁନଥିଲେ ମଧ୍ୟ ନିଜର ସୁରକ୍ଷାକୁ ଦୁର୍ବଳ କରିପାରିବ ନାହିଁ କି ଋଷିଆର ସୀମାକୁ ଅସୁରକ୍ଷିତ ରହିବାକୁ ମଧ୍ୟ ସୁଯୋଗ ଦେବନାହିଁ । ନିଜ ବନ୍ଧୁ ରାଷ୍ଟ୍ରଗୁଡିକ ସହ ସଂପର୍କକୁ ସୁଦୃଢ କରିବା ସହ ବାଣିଜ୍ୟିକ ଢାଞ୍ଚା ନିର୍ମାଣ ଉପରେ ଜୋର ଦେବ ବୋଲି ସେ ପ୍ରକାଶ କରିଛନ୍ତି ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ସେଲ ରାଉରକେଲା ଇସ୍ପାତ କାରଖାନାରେ ଉତ୍କର୍ଷ ପୁରସ୍କାର ଯୋଜନା ଅଧୀନରେ କର୍ମଚାରୀ ପୁରସ୍କୃତ



ସେଲ, ୨୦/୩ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ଅଧିକାରୀ ଏବଂ କର୍ମଚାରୀଙ୍କୁ କାରଖାନାରେ ଆୟୋଜିତ ଭିନ୍ନଭିନ୍ନ କାର୍ଯ୍ୟକ୍ରମରେ ଉତ୍କର୍ଷ ପୁରସ୍କାର ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ପ୍ଲେଟ ମିଲ ବିଭାଗରେ ମାର୍ଚ୍ଚ ୧୬ ତାରିଖରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ଲେଟ ମିଲ ବିଭାଗର ସିଜିଏମ ଶ୍ରୀ ଏତୱା ଓରାମ୍, ୨୩ ଜଣ କର୍ମଚାରୀଙ୍କୁ ୩ ଟି ବିଭିନ୍ନ ପ୍ରକଳ୍ପରେ ସେମାନଙ୍କ ଦଳଗତ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକ ହେଲା ସିଡି ବେ ଏସିବି ପ୍ରତିରୋପଣ, ଟ୍ୱିନ୍ ଡ୍ରାଇଭ୍ ଇଣ୍ଟର ପୋଲ ଏବଂ ମେନ ପୋଲ ବଦଳ, ନିଜସ୍ୱ ସମ୍ବଳରେ ଦୁଇଟି ୫ କେଭିଏ ୟୁପିଏସର ମରାମତି। ଏହି ଅବସରରେ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କାର୍ମିକ ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ଇତିଶ୍ରୀ ସାହୁ ସଂଯୋଜନା କରିଥିଲେ। ସହର ସେବା ବିଭାଗରେ ମାର୍ଚ୍ଚ ୧୯ ରେ ମଧ୍ୟ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ଯେଉଁଥିରେ ସହର ପ୍ରଶାସନ ଓ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ସିଜିଏମ ଶ୍ରୀ ପି କେ ସ୍ୱାଇଁ ଅଧ୍ୟକ୍ଷତା କରି ଅଧିକାରୀଙ୍କ ସମେତ ୮ ଜଣ କର୍ମଚାରୀଙ୍କୁ ଉତ୍କର୍ଷ ପୁରସ୍କାର ପ୍ରଦାନ କରିଥିଲେ । ଆବଶ୍ୟକ ପରିବର୍ତ୍ତନ ଏବଂ ସଂଶୋଧନ ସହିତ ହାଉସ ଆଲୋଟମେଣ୍ଟ ନିୟମର ଉନ୍ନତିକରଣ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସହର ସେବା ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଟି ଜି କାନେକର ଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସହର ସେବା ବିଭାଗର ମ୍ୟାନେଜର ଶ୍ରୀ ସଞ୍ଜୀବ ବେହେରା ସଂଯୋଜନା କରିଥିଲେ।

# ତାମୁଲିଆ ଭୂମିଜର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ



ନୀଳଗିରି, ୨୦/୩ (ନି.ପ୍ର): ଦେଶର ୧୭ ତମ ଲୋକସଭାରେ ଓଡ଼ିଶା ପ୍ରଦେଶରେ ତାମୁଲିଆ ଭୂମିଜ ଜାତିକୁ ଆଦିବାସୀ ମାନ୍ୟତା ମିଳିଥିବାରୁ ଭାରତ ମୁଣ୍ଡା ସମାଜ, ବାଲେଶ୍ୱର ଶାଖା ଆନୁକୂଲ୍ୟରେ ଏକ ସମ୍ବର୍ଦ୍ଧନା ସଭା ନୀଳଗିରି ବ୍ଲକ୍ ଅନ୍ତର୍ଗତ ମାଟିଆଳି ଠାରେ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବାହ୍ନ ୧୧ଘଟିକାରେ ସମାଜର ସଂଗ୍ରାମୀ ମାନଙ୍କ ଉଦ୍ଦେଶ୍ୟ ପାହାନ୍ ଗୁରୁ (ପୁରୋହିତ) ରଘୁନାଥ ସିଂଙ୍କ ଦ୍ୱାରା ଆଦିବାସୀ ରୀତିନୀତି ଅନୁଯାଇ ପୂଜା ଅର୍ଚ୍ଚନା କରାଯାଇଥିଲା । ଅପରାହ୍ନ ୩ ଘଟିକାରେ ଏକ ସାଧାରଣ ସଭାରେ ଭାରତ ମୁଣ୍ଡା ସମାଜର ରାଜ୍ୟ ସଭାପତି ରବିନ୍ଦ୍ରନାଥ ସିଂ, ରାଜ୍ୟ ଯୁବ ସଭାପତି ସବ୍ରନ୍ ସିଂଙ୍କ ସମେତ ଭାରତ ମୁଣ୍ଡା ସମାଜ୍ ବାଲେଶ୍ୱର ଶାଖାର ଉପଦେଷ୍ଟା ବାଇଧର ସିଂ, କୃଷ୍ଣ ସିଂ, ଶ୍ୟାମ ସିଂ, ରୁହିଦାସ ସିଂ, ଗୁରା ସିଂ, ଚାମୁଚନ୍ଦ୍ର ସିଂ ଏବଂ ସଭ୍ୟ ଗମହା ସିଂ, ବାଇଧର ସିଂ, କାଳିଆ ସିଂ, ବୁଧିଆ ସିଂ, କରମା ସିଂ, ଘନଶ୍ୟାମ ସିଂ, ହରିହର ସିଂ, ବୁଧିରାମ ସିଂ ପ୍ରମୁଖ ଉପସ୍ଥିତ ରହି ନାଚଗୀତର ତାଳେ ତାଳେ ପାଛୋଟି ନେଇଥିବାବେଳ ସମସ୍ତଙ୍କୁ ମୁଣ୍ଡା ସଂସ୍କୃତି ପରମ୍ପରା ଅନୁଯାଇ ହଳଦୀ ପାଣିରେ ପାଦଧୋଇ ସଭା ମଧ୍ୟକୁ ପ୍ରବେଶ କରାଯାଇଥିଲା। ସଭାମଞ୍ଚକୁ ଯିବା ପୂର୍ବରୁ ସମସ୍ତ ଅତିଥିଗଣ ସଂଗ୍ରାମରେ ଇହଧାମ ତ୍ୟାଗ କରିଥିବା କର୍ମକର୍ତ୍ତାଙ୍କ ଫୋଟ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ସଭାମଞ୍ଚକୁ ଆସିଥିଲେ। ମଞ୍ଚରେ ଅତିଥିମାନଙ୍କ ମୁଣ୍ଡର ପଗଡି ବାନ୍ଧିବା ସହିତ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବଣସୀମା ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ପ୍ରିୟଦର୍ଶନୀ ସେବା ସଂସ୍ଥାର ସଂମ୍ପାଦକ ତପନ କୁମାର ରାଉତ ଅଂଶ ଗ୍ରହଣ କରି ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏବଂ ଅନ୍ୟ ଜଣେ ବୟଜ୍ୟଷ୍ଠ ସମାଜସେବୀ ତଥା କବି ନିରଞ୍ଜନ ଖୁଣ୍ଟିଆ ପ୍ରମୁଖଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବକୁ ଭାରତ ମୁଣ୍ଡା ସମାଜର ଜିଲ୍ଲା ସମ୍ପାଦକ ତଥା କେସିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରଘୁନାଥ ସିଂ ପରିଚାଳନା କରିଥିବା ବେଳେ ବାବୁରାମ ସିଂ, ମଧୁ ସିଂ, ଦେବେନ୍ଦ୍ର ସିଂ, ମଙ୍ଗଳ ସିଂ, ସୁନିଲ ସିଂ, ମାମୁନି ସିଂ, ମାଳତୀ ସିଂ, ଲକ୍ଷ୍ମୀପ୍ରିୟା ସିଂ ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବ୍ରହ୍ମବରଦା ଥାନା ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ

ଧର୍ମଶାଳା, ୨୦/୩ (ନି.ପ୍ର): ଆଗକୁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ଏନେଇ ହେବାକୁ ଯାଉଥିବା ନିର୍ବାଚନରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଏହାକୁ ଦୃଷ୍ଟିରେ ରଖି ଯାଜପୁର ଜିଲା ଆରକ୍ଷୀ ଅଧିକ୍ଷକ ବିନିତ୍ ଅଗ୍ରୱାଲ ଫ୍ଲାଗମର୍ଚ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ବ୍ରହ୍ମବରଦା ଥାନା ପକ୍ଷରୁ ଆଜି ଅପରାହ୍ନରେ ଥାନା ଅଧିକାରୀ ଦେବାଶିଷ ଶତ୍ପଥୀଙ୍କ ନେତୃତ୍ୱରେ ଫ୍ଲାର୍ଗମାର୍ଚ୍ଚ ଅନୁଷ୍ଠିତ ଥିଲା । ବ୍ରହ୍ମବରଦା ଥାନା ଅଧିନରେ ଥିବା ବ୍ରହ୍ମବରଦା ସମେତ ମହେଶ୍ୱରପୁର, ମଙ୍ଗରାଜପୁର, ଅର୍ଥଙ୍ଗା, ରାଉତରାପୁର, ବନ୍ଧଡିହ ଓ ମଙ୍ଗଳପୁର ଆଦି ପଂଚାୟତରେ ଥାନାର ସମସ୍ତ କର୍ମଚାରୀଙ୍କ ସମେତ ୩୦ରୁ ଉର୍ଦ୍ଧ ସିଆରପିଏଫ୍ କର୍ମଚାରୀ ସାମିଲ ହୋଇଥିଲେ । ଏହି ଫ୍ଲାଗମାର୍ଚ୍ଚ ବ୍ରହ୍ମବରଦା ଥାନା ପରିସରରୁ ବାହାରି ବିଭିନ୍ନ ଅଂଚଳ ପରିକ୍ରମା କରି ଜନସାଧାରଣଙ୍କୁ ଚଳିତ ନିର୍ବାଚନରେ ଶାନ୍ତିଶୃଙ୍ଖଳା ବଜାୟ ନିମନ୍ତେ ବାର୍ତ୍ତା ଦେଇଥିଲେ ।

# ୨୧ତମ ଜାତୀୟ ନାଟକ ମହୋତ୍ସବ
# କ୍ୟାନଫେଷ୍ଟରେ ମଞ୍ଚସ୍ଥ ହେଲା ନାଟକ ଏକା



ପାରାଦୀପ, ୨୦/୩ (ନି.ପ୍ର): ପାରାଦୀପର ଅଗ୍ରଣୀ ନାଟ୍ୟାନୁଷ୍ଠାନ 'କ୍ୟାନ୍ ମାସ' ପକ୍ଷରୁ ଆୟୋଜିତ ୨୧ତମ ଜାତୀୟ ନାଟକ ମହୋତ୍ସବର ଦ୍ୱିତୀୟ ସଂନ୍ଧ୍ୟାରେ ସ୍ଥାନୀୟ ଜୟଦେବ ସଦନ ଠାରେ ଅଜିତ ଗ୍ରୁପ୍ ଦ୍ୱାରା ନାଟକ 'ଏକା' ପରିବେଷିତ ହୋଇଛି । ସତରେ ଏ ବାର୍ଦ୍ଧକ୍ୟ କେତେ ଅଲୋଡ଼ା । ବୃଦ୍ଧ ସମାଜ ଆଜି ଯେପରି ଏ ଆଧୁନିକ ସନ୍ତାନ ମାନଙ୍କ ଉପରେ ବୋଝ । ବାର୍ଦ୍ଧକ୍ୟର ସ୍ଥାନ ଘରେ ନୁହେଁ ବରଂ ଜରାଶ୍ରମରେ ଏହା ଆଧୁନିକ ସନ୍ତାନ ସ୍ଥିର କରିଦେଇଛନ୍ତି । ଏହି ବାର୍ଦ୍ଧକ୍ୟ ଜନିତ ଏକୁଟିଆ କଷ୍ଟକୁ ଖୁବ୍ ନିକଟରୁ ପରିବେଷଣ କରିଥିଲେ ଦୀପକ ରଞ୍ଜନ ପତିଙ୍କ ନିର୍ଦ୍ଦେଶିତ ଓ ମାୟାଦାସଙ୍କ ରଚିତ ନାଟକ 'ଏକା'ର କଳାକାର ମାନେ । ବର୍ତମାନ ସମୟରେ ବାର୍ଦ୍ଧକ୍ୟ ପରିସ୍ଥିତିରେ ବୟସ୍କ ବ୍ୟକ୍ତି ମାନଙ୍କ କରୁଣ କାହାଣୀ ଅଟେ । ବାର୍ଦ୍ଧକ୍ୟ ସମୟରେ ଜଣେ ବ୍ୟକ୍ତି କିପରି ନିଜର ଆତ୍ମସମାନ ଓ ସ୍ୱାଧୀନତା ପାଇଁ ଏକୁଟିଆ ଲଢୁଛନ୍ତି ତାହା ଏହି ନାଟକ ' ଏକା' ମାଧ୍ୟମରେ ଦେଖାଇ ଦର୍ଶକଙ୍କୁ କିଛି ସମୟ ପାଇଁ ସ୍ତବ୍ଧ କରିଦେଇଛନ୍ତି କଳାକାର ମାନେ । ଆଜିର ପରିସ୍ଥିତିରେ ପିତାମାତାଙ୍କୁ ବୃଧାଶ୍ରମକୁ ପଠାଇବା କିପରି ଏକ ନିତିଦିନ ବୈଶିଷ୍ଟ୍ୟ ପାଲଟିଛି ତାହା ଅତି ନିଖୁଣ ଭାବରେ ନାଟକ 'ଏକା'ର କଳାକାର ମାନେ ଅଭିନୟ ମାଧ୍ୟମରେ ଜୀବନ୍ତ କରିଥିଲେ। ବୃଦ୍ଧ ଓ ବାର୍ଦ୍ଧକ୍ୟ ଅଲୋଡ଼ା ନୁହେଁ ବରଂ ସମାଜରେ ନୂତନ ଦିଗଦର୍ଶନ ଦେଖାଇବାରେ କିପରି ଏମାନଙ୍କର ଗୁରୁତ୍ୟପୁର୍ଣ୍ଣ ଭୂମିକା ରହିଛି ଏହା ନିର୍ଦ୍ଦେଶକ ଦୀପକ ରଂଜନ ପତି ଏହି ନାଟକ ମାଧ୍ୟମରେ ଆଧୁନିକ ଶିକ୍ଷିତ ସମାଜକୁ ବାର୍ତ୍ତା ପ୍ରଦାନ କରିଥିଲେ । ଆଜିର ସମାଜରେ ବରିଷ୍ଠ ନାଗରିକଙ୍କ ସମସ୍ୟା କିପରି ବଡ଼ ଚିନ୍ତାର ବିଷୟ ପାଲଟିଛି ଏବଂ ଏହାପ୍ରତି ଦୃଷ୍ଟି ଦେବାର ଯଥେଷ୍ଟ ଆବଶ୍ୟକ ରହିଛି ବୋଲି ନାଟକ ଏକା ମାଧ୍ୟମରେ ଆଧୁନିକ ଶିକ୍ଷିତ ଗୋଷ୍ଠୀଙ୍କୁ ବାର୍ତ୍ତା ଦିଆଯାଇଛି । ମଞ୍ଚସ୍ଥ କଳାକାର ଜଗା,ଦେବୁ, ବିଜୟ, ଅରୋଜିତ, ସିଦ୍ଧାର୍ଥ, ସଂଗ୍ରାମ, ଆୟୁଷ୍ମାନ, ପ୍ରିୟମ୍ବଦା, ସୁଭଲକ୍ଷ୍ମି, ଆଦି କଳାକାର ମାନେ ଜୀବନ୍ତ ଅଭିନୟ କରି ବାର୍ଦ୍ଧକ୍ୟ ସତରେ କେତେ କଷ୍ଟଦାୟକ ତାହା ଦର୍ଷେଇଛନ୍ତି । ଶେଷରେ ଦର୍ଶକ ମାନେ ମଧ୍ୟ ନାଟକରେ ଭାବପ୍ରବଣ ହୋଇ ମଞ୍ଚ କଳାକାର ମାନଙ୍କୁ କରତାଳି ଦେଇ ନିଜର ଭଲପାଇବା ଜଣାଇଥିଲେ । ପାରାଦୀପ ବନ୍ଦରର ମୁଖ୍ୟ ଯନ୍ତ୍ରୀ ହିମାଂଶୁ ଶେଖର ରାଉତ ଏବଂ ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ବି.ବି ଦାସ , ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ସସ୍ମିତା ଶତପଥୀ , ଅତିଥି ଭାବରେ ଉପସ୍ଥିତ ରହି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତାକାଲି ତଥା ତୃତୀୟ ସଂଧାରେ ଓଡିଆ ଭାଷାରେ ନିର୍ଦ୍ଦେଶକ ଶ୍ରୀମନ ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶନାରେ ପାରାଦୀପର ନାଟ୍ୟ ସଂସ୍ଥା 'କ୍ୟାନ୍ ମାସ'ର ସୁନାମଧନ୍ୟ କଳାକାରମାନେ 'କ୍ୱି ଚନ୍ଦ୍ର କାଳିଚରଣ ପଟ୍ଟନାୟକ'ଙ୍କର ଆତ୍ମଜୀବନୀ କୁ ନେଇ ରଚିତ ନାଟକ'ନିଃସଙ୍ଗ ନାୟକ ' ମଞ୍ଚସ୍ଥ କରିବାକୁ ଯାଉଛନ୍ତି।

# ରାହୁଲଙ୍କ ଶକ୍ତି ବୟାନ ଉପରେ କେନ୍ଦ୍ରମନ୍ତ୍ରୀ ରୂପାଲାଙ୍କ ପାଲଟା ପ୍ରହାର

ରାଜକୋଟ , ୨୦/୩ (ନି.ପ୍ର): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଶକ୍ତି ବୟାନକୁ ନେଇ ଝଡ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବୟାନକୁ କଡା ନିନ୍ଦା କରିଛନ୍ତି । ଏହାପରେ କେନ୍ଦ୍ର ପଶୁପାଳନ ରାଷ୍ଟ୍ରମନ୍ତ୍ରୀ ଓ ରାଜକୋଟରୁ ବିଜେପି ପ୍ରାର୍ଥୀ ପରଶୋତ୍ତମ ରୂପାଲା ବି ଏହାକୁ କଡା ବିରୋଧ କରିଛନ୍ତି । ରାଜକୋଟର କୁୱାଡୱା ନିକଟରେ ଆୟୋଜିତ ଜନସଭାରେ ରୂପାଲା କହିଛନ୍ତି ଯେ, ଶିଶୁ ଭଗବାନ ଓ ମହିଳା ଭଗବାନ କେଉଁଠି ନାହାନ୍ତି । ସେ ଆମର ଦେଶରେ ହିଁ ଅଛନ୍ତି । ଭାରତୀୟ ସଂସ୍କୃତିରେ ଅଛନ୍ତି । ସନାତନ ଧର୍ମରେ ଏହାର ଉଲ୍ଲେଖ ରହିଛି । ଏହା ବ୍ୟତୀତ ଅନ୍ୟ କେଉଁଠି ନାହାନ୍ତି । ଆମର ଏଠି ଜଗଦମ୍ବା ଅଛନ୍ତି । ନଅ ଦିନ ଯାଏ ତାଙ୍କ ଉପାସନା ଆମର ଏଠାରେ ପର୍ବ ଅଟେ । ତାଙ୍କୁ ତ ଶକ୍ତିକୁ ନେଇ ଆପତ୍ତି ରହିଛି । ରାହୁଲଙ୍କ ନାମ ନନେଇ ସେ କହିଛନ୍ତି ଯେ, ସେ ଏଭଳି ବିନା ଜାଣି ଆପତ୍ତି ଉଠାନ୍ତି କିମ୍ବା ଜାଣି କରି ଏଭଳି କୁହନ୍ତି, ଏହା ବୁଝାପଡେ ନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଏକାଠି କି ଏକା ଲଢ଼ିବୁ ....

ଧାରା-୩୭୦ ଉଚ୍ଛେଦ , ଜିଏସଟି ଓ ନିର୍ବାଚନୀ ବଣ୍ଡ ଆଦି ପ୍ରସଙ୍ଗରେ ବି ସମର୍ଥନ ମିଳିଛି । ତେଣୁ ଏହା ହେଉଛି ଗଣତନ୍ତ୍ରର ସୌନ୍ଦର୍ଯ୍ୟ। ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ରାଷ୍ଟ୍ରୀୟ ହିତରେ ରାଜନୀତିକ ଦଳଗୁଡ଼ିକ ସରକାରଙ୍କୁ ସମର୍ଥନ ଦେଇଥାନ୍ତି। ବିଜେପି ଚାଣକ୍ୟ ଶ୍ରୀ ଶାହଙ୍କ ଏହି ବୟାନ ଆଜି ପୁଣିଥରେ ମେଂଟ ସସପେନ୍ସକୁ ଅଧିକ ରହସ୍ୟଘେରକୁ ଟାଣି ଦେଇଛି। ରାଜ୍ୟରେ ମେଂଟ ଚର୍ଚ୍ଚା ଥମୁନଥିବାବେଳେ ଶ୍ରୀ ଶାହା ୫ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଓଡ଼ିଶାରେ ମେଂଟ ନେଇ ନିଷ୍ପତ୍ତି କିଛି ହୋଇନି ଓ ରାଷ୍ଟ୍ରୀୟ ଅଧ୍ୟକ୍ଷ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଦୋହରାଇଛନ୍ତି। ମାତ୍ର ଓଡ଼ିଶାରେ ଯଦି ବିଜେପି ଏକାକୀ ଲଢ଼ିବ ତା'ହେଲେ ସରକାର ଗଠନ ପାଇଁ ହିଁ ଲଢ଼ିବ ବୋଲି ବଡ଼ ବୟାନ ଦେଇଛନ୍ତି। ଯାହାକୁ ରାଜନୀତିକ ମହଲରେ ବେଶ୍ ଗୁରୁତ୍ୱ ଦିଆଯାଉଛି। ଉଲ୍ଲେଖଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ଗତକାଲି ବିଜେଡିର ଦ୍ୱିତୀୟ କ୍ଷମତାଶାଳୀ ନେତା ଶ୍ରୀ ପାଣ୍ଡିଆନ ମେଂଟ ସମ୍ପର୍କରେ ବୟାନ ଦେଇ କହିଥିଲେ ଯେ, କେନ୍ଦ୍ରରେ ସରକାର ଗଢ଼ିବା ପାଇଁ ବିଜେପିକୁ ବିଜେଡିର କିମ୍ବା ରାଜ୍ୟରେ ସରକାର ଗଢ଼ିବା ପାଇଁ ବିଜେଡିକୁ ବିଜେପିର ସହାୟତାର ଆବଶ୍ୟକତା ନାହିଁ। ଦୁଇ ଦଳର ଶୀର୍ଷ ନେତା ବୃହତ୍ତର ଉଦ୍ଦେଶ୍ୟ ପାଇଁ ଏକାଠି ହେବାକୁ ଚାହୁଁଛନ୍ତି। ଯାହାକି ରାଜନୀତିରୁ ଉର୍ଦ୍ଧ୍ୱରେ। ମେଂଟକୁ ନେଇ ଯାହା ହେବ ତାହା ସମସ୍ତେ ଜାଣିବା ବୋଲି କହି ଶ୍ରୀ ପାଣ୍ଡିଆନ ମଧ୍ୟ ନିଜ ଦଳର କାର୍ଡକୁ ଖୋଲିନଥିଲେ। ସୂଚନାଯୋଗ୍ୟ, ବିଜେପି ଓ ବିଜେଡି ମଧ୍ୟରେ ସମ୍ଭାବ୍ୟ ମେଂଟ ଚର୍ଚ୍ଚା ଯୋଗୁ ଗତ ପ୍ରାୟ ୧୫ଦିନ ଧରି ରାଜ୍ୟରେ ରାଜନୀତିକ ଅଚଳାବସ୍ଥା ଲାଗି ରହିଛି। ନିର୍ବାଚନୀ ସରଗରମ ଫିକା ପଡ଼ିଛି। ଏହି ସମ୍ଭାବ୍ୟ ମେଂଟକୁ ନେଇ ଦୁଇ ଦଳର ନେତା ଓ କର୍ମୀମାନେ ମଧ୍ୟ ଦ୍ୱନ୍ଦ୍ୱରେ ରହିଥିବା ଜଣାପଡ଼ିଛି।

### ଆଜିଠୁ ଖରା...

ପାରାଦୀପରେ ୨୦.୭, ଭୁବନେଶ୍ୱରରେ ୧୯.୨, ଗୋପାଳପୁରରେ୧୯.୨, ପୁରୀରେ ୨୦.୪, ବାରିପଦାରେ ୨୦.୪, ନୟାଗଡ଼ରେ ୧୯.୫, ଭଦ୍ରକରେ ୨୦.୫ ଓ ଯାଜପୁରରେ ୨୦ ଡିଗ୍ରୀ ରହିଥିଲା। ଅନ୍ୟପକ୍ଷରେ ଅନୁଗୋଳରେ ସର୍ବାଧିକ ଦିନ ତାପମାତ୍ରା ୨୨.୧ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ାରେ ୨୮.୬, କେନ୍ଦୁଝରଗଡ଼ରେ ୨୨.୪, ସମ୍ବଲପୁରରେ ୨୮.୨, ସୁନ୍ଦରଗଡ଼ରେ ୨୬.୫, ହୀରାକୁଦରେ ୨୭.୨, ତାଳଚେରରେ ୨୪,ଭବାନୀପାଟଣାରେ ୨୭.୫,ବଲାଙ୍ଗିରରେ ୨୮.୪, ଫୁଲବାଣୀରେ ୨୨.୭, ଟିଟିଲାଗଡ଼ରେ ୨୭.୫, ମାଲକାନଗିରିରେ ୨୯.୭, ସୋନପୁରରେ ୨୯.୮, ଦାରିଙ୍ଗବାଡ଼ିରେ ୨୨.୫, ବୌଦ୍ଧରେ ୨୯, ପାରଳାଖେମୁଣ୍ଡିରେ ୨୩.୪, ରାୟଗଡ଼ାରେ ୨୩., ବରଗଡ଼ରେ ୨, ଦେବଗଡ଼ରେ ୨୫, ନୂଆପଡ଼ାରେ ୨୯.୪, ନବରଙ୍ଗପୁରରେ ୨୬.୫, ଜଗତସିଂହପୁରରେ ୨୨.୮ ଓ ରାଉରକେଲାରେ ୨୬.୪ ଡିଗ୍ରୀ ରେକର୍ଡ କରାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବୁଲେଟିନ୍ ଅନୁଯାୟୀ, ଆସନ୍ତାକାଲି (ମାର୍ଚ୍ଚ ୨୧ ତାରିଖ) ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଜଗତସିଂହପୁର, କଟକ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼ ଓ ପୁରୀ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ,ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, କୋରାପୁଟ, ମାଲକାନଗିରି, ରାୟଗଡ଼ା,କନ୍ଧମାଳ, ଢେଙ୍କାନାଳ,ବୌଦ୍ଧ,ଅନୁଗୋଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ତେଣୁ ଏହି ସବୁ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୧ ତାରିଖ ସକାଳ ସାଢ଼େ ୮ଟାରୁ ୨୨ ତାରିଖ ସକାଳ ସାଢ଼େ୮ଟା ପର୍ଯ୍ୟନ୍ତ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ,ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ତେବେ ?ଏହି ସମୟ ମଧ୍ୟରେ କୌଣସି ୱାର୍ଣ୍ଣିଂ ଜାରି ହୋଇନାହିଁ। ସେହିଭଳି ଅନ୍ୟାନ୍ୟ ସବୁ ଜିଲ୍ଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ୨୨ ତାରିଖ ସକାଳ ସାଢ଼େ୮ଟାରୁ ୨୫ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ପାଣିପାଗ ବିଭାଗର ଆକଳନ ଅନୁଯାୟୀ,ଆସନ୍ତାକାଲି ଝାରସୁଗୁଡ଼ାରେ ଦିନ ତାପମାତ୍ରା ୩୪ ଡିଗ୍ରୀ ରହିପାରେ। ସେହିପରି ମାଲକାନଗିରି, ଟିଟିଲାଗଡ଼, ଭବାନୀପାଟଣା, ସମ୍ବଲପୁର ଓ ବୌଦ୍ଧରେ ଦିନ ତାପମାତ୍ରା ୩୩ ଡିଗ୍ରୀ, ନୂଆପଡ଼ା ଓ ସୋନପୁରରେ ୩୨,ପାରଳାଖେମୁଣ୍ଡି, ଛତ୍ରପୁର ଓ ସୁନ୍ଦରଗଡ଼ରେ ୩୧ ଡିଗ୍ରୀ ରହିବାର ସମ୍ଭାବନା ରହିଛି। ୨୨ ତାରିଖରେ ବୌଦ୍ଧରେ ଦିନ ତାପମାତ୍ରା ସର୍ବାଧିକ ୩୭ ଡିଗ୍ରୀ ରହିପାରେ। ସେହିପରି ମାଲକାନଗିରି, ଭବାନୀପାଟଣା, ଟିଟିଲାଗଡ଼, ବଲାଙ୍ଗିର, ସୋନପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ଦିନ ତାପମାତ୍ରା ୩୬ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବାର ସମ୍ଭାବନା ରହିଛି। ନୂଆପଡ଼ା, ରାୟଗଡ଼ା,ପାରଳାଖେମୁଣ୍ଡି ଓ ସୁନ୍ଦରଗଡ଼ରେ ତାପମାତ୍ରା ୩୪ ଡିଗ୍ରୀ ଏବଂ ସମ୍ବଲପୁରରେ ୩୫ ଡିଗ୍ରୀ ରହିପାରେ। ଭୁବନେଶ୍ୱରରେ ୩୨ ଡିଗ୍ରୀ, କଟକ,ରାଉରକେଲା, ଫୁଲବାଣୀ ଓ କୋରାପୁଟ ଆଦି ସ୍ଥାନରେ ସର୍ବାଧିକ ଦିନ ତାପମାତ୍ରା ୩୩ ଡିଗ୍ରୀ ରହିପାରେ। ମାର୍ଚ୍ଚ ୨୩ ତାରିଖରେ ବୌଦ୍ଧ ଓ ଟିଟିଲାଗଡ଼ରେ ସର୍ବାଧିକ ଦିନ ତାପମାତ୍ରା ୩୯ ଡିଗ୍ରୀ ରହିବାର ସମ୍ଭାବନା ଥିବା ବେଳେ ମାଲକାନଗିରି, ବଲାଙ୍ଗିର ଓ ସୋନପୁରରେ ୩୮, ଭବାନୀପାଟଣା, ସମ୍ବଲପୁର, ଝାରସୁଗୁଡ଼ା ଓ ପାରଳାଖେମୁଣ୍ଡିରେ ୩୭, ରାୟଗଡ଼ା, ନୂଆପଡ଼ା, ସୁନ୍ଦରଗଡ଼ ଓ ରାଉରକେଲାରେ ୩୬ ଡିଗ୍ରୀ ସେଲ୍‌ସିୟସ ରହିପାରେ। ସେହିପରି କଟକରେ ୩୫ ଓ ଭୁବନେଶ୍ୱରରେ ୩୪ ଡିଗ୍ରୀ ସେଲ୍ ?ସିୟସ ରହିପାରେ ଦିନର ସର୍ବାଧିକ ତାପମାତ୍ରା। ମାର୍ଚ୍ଚ ୨୪ ତାରିଖରେ ବୌଦ୍ଧ ଓ ଟିଟିଲାଗଡ଼ର ସର୍ବାଧିକ ଦିନ ତାପମାତ୍ରା ୩୯ ଡିଗ୍ରୀ ସେଲସିୟସ ରହିବାର ସମ୍ଭାବନା ଥିବା ବେଳେ ବଲାଙ୍ଗିର, ମାଲକାନଗିରି, ରାୟଗଡ଼ା, ସୋନପୁର ଓ ଝାରସୁଗୁଡ଼ାରେ ୩୮, ପାରଳାଖେମୁଣ୍ଡି, ଭବାନୀପାଟଣା ଓ ସମ୍ବଲପୁରରେ ୩୭, ସୁନ୍ଦରଗଡ଼,ରାଉରକେଲା, ଫୁଲବାଣୀ, ଅନୁଗୋଳ, ଢେଙ୍କାନାଳ, କଟକ, ଚାନ୍ଦବାଲି, ଭୁବନେଶ୍ୱର, ନୂଆପଡ଼ା ଓ ଭଦ୍ରକରେ ୩୬, ଛତ୍ରପୁର, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର, ଯାଜପୁର, ବାରିପଦା,ବାଲେଶ୍ୱର ଓ କୋରାପୁଟ ଆଦି ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ରହିପାରେ। ସୂଚନାଯୋଗ୍ୟ, ରାଜ୍ୟରେ ଗତ ୨୪ ଘଣ୍ଟାରେ ୨୫.୨ ମିମି ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷା ୦.୬ ମିମି ତୁଳନାରେ ୩୮୯୬୬% ଅଧିକ ରହିଛି। ଢେଙ୍କାନାଳରେ ୪୯.୬ ମିମି ବର୍ଷା ହୋଇଥିବା ବେଳେ ବୌଦ୍ଧରେ ୪୭.୮, ନୂଆପଡ଼ାରେ ୪୩.୬ ଓ କନ୍ଧମାଳରେ ୪୨.୯ ମିମି ବର୍ଷା ରେକର୍ଡ କରାଯାଇଛି।

### କେଜ୍ରିୱାଲଙ୍କୁ ସମନ...

ଇଡି ଦ୍ୱାରା ଜାରି ୯ଟି ସମନକୁ ମଧ୍ୟ ଚ୍ୟାଲେଞ୍ଜ କରାଯାଇଛି। ତେବେ ଇଡିର ଜୋରଦାର ବିରୋଧ ସତ୍ତ୍ୱେ କୋର୍ଟ ତାଙ୍କୁ ଜବାବ ମାଗିଛନ୍ତି। କହିରଖୁ ଯେ, ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅରବିନ୍ଦ କେଜ୍ରିୱାଲଙ୍କୁ ୯ ଥର ସମନ କରି ସାରିଲାଣି। କିନ୍ତୁ ଇଡିର ବାରମ୍ବାର ସମନ ସତ୍ତ୍ୱେ ମଧ୍ୟ କେଜ୍ରିୱାଲ ଥରଟିଏ ବି ହାଜର ହୋଇ ନାହାନ୍ତି। ସେ ଇଡିର ସମନକୁ ବେଆଇନ କହିବା ସହ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ତାଙ୍କୁ ଲୋକସଭା ନିର୍ବାଚନରେ ପ୍ରଚାର କରିବାକୁ ଅଟକାଇବା ପାଇଁ ଇଡିର ବ୍ୟବହାର କରାଯାଉଥିବା ସେ ଅଭିଯୋଗ ଆଣିଛନ୍ତି। ସେପଟେ ଇଡି ମନିଲଣ୍ଡରିଂ ମାମଲାରେ ସମନ ଜାରି କରି କେଜ୍ରିୱାଲଙ୍କୁ ଆସନ୍ତା ମାର୍ଚ୍ଚ ୨୧ରେ ହାଜର ହେବାକୁ କହିଛି।

### ବିଜେଡିରେ ମିଶିଲେ ....

ସମର୍ଥକମାନେ ବିଜେଡିରେ ମିଶିଥିବା କହିଛନ୍ତି ଅଧିରାଜ ପାଣିଗ୍ରାହୀ। ୨୦୧୯ ନିର୍ବାଚନରେ ଅଧିରାଜ ମୋହନ ପାଣିଗ୍ରାହୀ କଂଗ୍ରେସ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ୫୯, ୩୦୮ ଖଣ୍ଡ ଭୋଟ୍ ପାଇଥିଲେ। ବିଜେଡି ନେତା ଲମ୍ବୋଦର ନିଆଲ ୫୬,୪୫୧ ଖଣ୍ଡ ଭୋଟ ପାଇ ହାରି ଯାଇଥିଲେ। ୨୦୧୪ରେ ଶ୍ରୀ ପାଣିଗ୍ରାହୀ ଏହି ଆସନରୁ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ବିଜେଡିକୁ ଯିବେ ବୋଲି ବହୁ ଦିନରୁ ଆଲୋଚନା ହେଉଥିଲା। ଖଡ଼ିଆଳ ବିଧାନସଭା ମଣ୍ଡଳୀରେ ବିଜେଡିର ଟାଣୁଆ ନେତା ନଥିବାରୁ ସେଠାରେ ଦଳ ଏକପ୍ରକାର ବ୍ୟାକଫୁଟରେ ରହିଥିଲା । ଏବେ ଅଧିରାଜଙ୍କୁ ଆଣି ବିଜେଡି ସେଠାରେ ନିଜର ସ୍ଥିତି ସୁଦୃଢ଼ କରିବାକୁ ପଦକ୍ଷେପ ନେଇଛି । ସମ୍ଭବତଃ ଅଧିରାଜ ଖଡ଼ିଆଳ ଆସନରୁ ଟିକେଟର ପ୍ରତିଶ୍ରୁତି ପାଇବା ପରେ ବିଜେଡିରେ ସାମିଲ ହୋଇଥିବା ଚର୍ଚ୍ଚା ହେଉଛି ।

### ଭାରତ ତୃତୀୟ ସର୍ବାଧିକ....

ବାଂଲାଦେଶରେ ୭୯.୯ କ୍ୟୁବିକ୍ ମିଟର, ପାକିସ୍ତାନରେ ୭୩.୭ କ୍ୟୁବିକ୍ ମିଟର ଥିବା ବେଳେ ଭାରତରେ ୫୪.୪ ରହିଛି । ୨୦୨୨ ବର୍ଷ ପି.ଏମ ୨.୫ର ସାନ୍ଧ୍ରତା ୫୩.୩ ସହ ଭାରତ ଅଷ୍ଟମ ସ୍ଥାନରେ ରହିଥିଲା । ଏହା ପରେ କ୍ରମାନ୍ୱୟରେ ତାଜିକିସ୍ତାନ୍ ଓ ବୁରକିନା ଫାସୋ ରହିଛନ୍ତି । ଖାଲି ଏତିକି ନୁହେଁ ଏୟାର କ୍ୱାଲିଟି ଇଣ୍ଡେକ୍ସ ରିପୋର୍ଟ ଅନୁଯାୟୀ ସର୍ବାଧିକ ପ୍ରଦୂଷିତ ୫୦ ସହର ମାନଙ୍କ ମଧ୍ୟରେ ସର୍ବାଧିକ ସହର ଭାରତର ବୋଲି ଜଣା ପଡିଛି । ପ୍ରାୟ ୪୨ଟି ଭାରତୀୟ ସହର ଏହି ଲିଷ୍ଟରେ ରହିଛନ୍ତି । ସେମାନଙ୍କ ମଧ୍ୟରୁ ସବୁଠାରୁ ଅଧିକ ପ୍ରଦୂଷିତ ମେଟ୍ରୋପଲିଟାନ୍ ସହର ଭାବେ ବିହାରର ବେଗୁସରାଇରେ ପି.ଏମ ୨ଏ.୫ର ସାନ୍ଧ୍ରତା ୧୧୮.୯ ମାଇକ୍ରୋଗ୍ରାମ୍ ପର୍ କ୍ୟୁବିକ୍ ମିଟର୍ ଥିବା ବେଳେ ଏହା ପଛକୁ ରହିଛନ୍ତି ଗୌହାଟୀ ଓ ଦିଲ୍ଲୀ ଭଳି ସହର । ତେବେ ଆଶ୍ଚର୍ଯ୍ୟର ବିଷୟ ହେଉଛି ଗତ ବର୍ଷ ଗଣନା ଘେରରେ ମଧ୍ୟ ଆସି ନଥିବା ସହର ବେଗୁସରାଇରେ ଏଥର ପ୍ରଦୂଷଣ ସବୁ ସୀମା ପାର କରିଛି, ଯାହାର ପି.ଏମ ୨.୫ର ସାନ୍ଧ୍ରତା ଗତ ବର୍ଷ କେବଳ ୧୯.୭ ରହିଥିଲା । ଅଷ୍ଟ୍ରେଲିଆ, ଇଷ୍ଟୋନିଆ, ଫିନଲ୍ୟାଣ୍ଡ, ଗ୍ରେନାଡା, ଆଇସଲ୍ୟାଣ୍ଡ, ମରିସସ୍ ଓ ନ୍ୟୁଜିଲ୍ୟାଣ୍ଡ ଭଳି କେବଳ ୭ଟି ଦେଶ ରହିଛନ୍ତି ଯେଉଁ ମାନେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ମାର୍ଗଦର୍ଶିକା ଅନୁଯାୟୀ ପି.ଏମ ୨.୫ର ବାର୍ଷିକ ହାରାହାରି ସାନ୍ଧ୍ରତା ୫ କିମ୍ବା ତାଠାରୁ କମ୍ କ୍ୟୁବିକ୍ ପର ମିଟରର ମାନ ଦଣ୍ଡ ବଜାୟ ରଖି ପାରିଛନ୍ତି ।

ଗୁରୁବାର, ମାର୍ଚ୍ଚ ୨୧, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## କୁଣ୍ଡୁଳି ଦୋଳ ମହୋତ୍ସବ ଉଦ୍‌ଯାପିତ

ବାଲିଆପାଳ , ୨୦/୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡୁଳି ଦୋଳ ପଡିଆରେ ଚାଲି ଥିବା ଦୋଳ ମହୋତ୍ସବ ମଙ୍ଗଳବାର ସଂଧ୍ୟାରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ଅଲ୍ ଓଡିଶା କଳାକାର ଫାଉଣ୍ଡେସନ ଓ ମଞ୍ଜରୀ ଟିଭି ଚ୍ୟାନେଲ ପକ୍ଷରୁ ଆୟୋଜିତ ସଭାରେ ସାମ୍ବାଦିକ ଭୀଷ୍ମ ଚରଣ ମଲ୍ଲିକ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଅଲ୍ ଓଡିଶା କଳାକାର ଫାଉଣ୍ଡେସନର ରାଜ୍ୟ ସଭାପତି ସଦାଶିବ ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ମଞ୍ଜରୀ ଟିଭି ଚ୍ୟାନେଲର ମୁଖ୍ୟ କୁସୁମ ମଞ୍ଜରୀ ଦାସ, ଅଧ୍ୟାପକ ରମେଶ ଚନ୍ଦ୍ର ସେନାପତି, ଧନେଶ୍ୱର ଦାସ, ଅଜିତ୍ ସାହୁ ପ୍ରମୁଖ ଯୋଗ ଦେଇ ଗ୍ରାମାଞ୍ଚଳରେ ଏପରି ମହୋତ୍ସବ ଆୟୋଜିତ ହୋଲେ ସାମୂହିକ ଭାବରେ ବିକାଶ ହେବାସହ ସମ୍ପର୍କ ଓ ଅର୍ଥନୈତିକ କାରବାର ବୃଦ୍ଧି ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉତ୍ସବ କମିଟି ର ସମ୍ପାଦକ କୁମ୍ଭକର୍ଣ୍ଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜନନୀ ପରିବାର ଓ ଦୋଳ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।ପରେ ନାଟକ ମଞ୍ଚସ୍ଥ ହୋଇଥିଲା।




## ସାଧାରଣ ନିର୍ବାଚନର ସଚେତନତା ଲାଗି ଜଳେଶ୍ୱର ପୋଲିସ୍‌ର ଫ୍ଲାଗ ମାର୍ଚ୍ଚ



ଜଳେଶ୍ୱର , ୨୦/୩ (ନି.ପ୍ର): ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପଶ୍ଚିମବଂଗ ସୀମାକୁ ଲାଗି ରହିଥିବା ଜଳେଶ୍ୱରର ଆଇନ୍‌ଶୃଙ୍ଖଳା ରକ୍ଷାଲାଗି ଜନସାଧାରଣଙ୍କୁ ସଚେତନ କରାଯାଥିଲା । ମଂଗଳବାର ଅପରାହ୍ନରେ ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶରେ କେନ୍ଦ୍ରୀୟ ସଶସ୍ତ୍ରୟ ବାହିନୀ ବିଏସ୍‌ଏଫ ଜବାନ୍, ଜଳେଶ୍ୱର ପୁଲିସ୍, ଗୃହରକ୍ଷୀ ବାହିନୀ ପକ୍ଷରୁ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିଲା । ଜନସାଧାରଣଙ୍କୁ ସଚେତନ, ସମସ୍ତଙ୍କୁ ପୁଲିସ୍ ସହାୟତା ଯୋଗାଇଦେବା ସଂପର୍କରେ ଅବଗତ କରାଯାଇଥିଲା । ଥାନା ନିକଟରୁ ଫ୍ଲାଗମାର୍ଚ୍ଚ ବାହାରି ରାଜପୁର ବସ୍ତର, ଝାଲେଶ୍ୱରପୁର ବସ୍ତି, ସେଖବାର୍ଡ, ପଥରପୁରା, ମାଣିକଚକ, ଶାସନବାର୍ଡ, ବିଦ୍ୟାଧରପୁର, ପଂଚୁଘଣ୍ଟା ଦେଇ ଜେଲରୋଡ ନିକଟରେ ପହଞ୍ଚିଥିଲା । ଏହି କାର୍ଯ୍ୟକ୍ରମରେ ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲିପ କୁମାର ସାହୁ, ଆଇଆଇସି ରଂଜନ ସେଠୀ, ଏସ୍‌ଆଇ ଚିରଞ୍ଜିବୀ ରାଉତ, ଫକୀର ପ୍ରଧାନ, ବିଏସ୍‌ଏଫ ଆସିଷ୍ଟାଣ୍ଟ କମାଣ୍ଡାର, ମନୋରଂଜନ ନାୟକ, ବିଏସ୍‌ଏଫ ଇନିସ୍‌ପେକ୍ଟର ପ୍ରଦୀପ କୁମାରଙ୍କ ସହିତ ୩ ପ୍ଲାଟୁନ ଫୋର୍ସ ଏହି ସଚେତନତା ଯାତ୍ରାରେ ଯୋଗ ଦେଇଥିଲେ । ପ୍ରକାଶଯୋଗ୍ୟ ଉପାନ୍ତ ଅଂଚଳ ଏବଂ କେତେକ ସମ୍ବେଦନଶୀଳ ବୋଥ ଗୁଡିକଲାଗି ଅଧିକ ଫୋର୍ସ ଆବଶ୍ୟକତା ଥିଲେ ମଧ୍ୟ ଫ୍ଲାଗମାର୍ଚ୍ଚ ଜରିଆରେ ନିତିନିୟମ ଅନୁଯାୟୀ ଭୋଟ ଗ୍ରହଣ କାର୍ଯ୍ୟରେ ସହାୟତା କରିବାକୁ ପୁଲିସ୍ ଫୋର୍ସ ପକ୍ଷରୁ କୁହାଯାଇଥିଲା ।

## ପାରାଦ୍ୱୀପରେ ଦୁଇ ଦିନିଆ ମିଳିତ ସମରାଭ୍ୟାସ ସାଗର କବଚ-୧




ପାରାଦ୍ୱୀପ , ୨୦/୩ (ନି.ପ୍ର): ଆଜି ଠାରୁ ପାରାଦ୍ୱୀପରେ ଆରମ୍ଭ ହୋଇଛି ଦୁଇ ଦିନିଆ ମିଳିତ ସମରାଭ୍ୟାସ ସାଗର କବଚ-୧ । ଏହି ମିଳିତ ସମରାଭ୍ୟାସରେ ଜଳପଥରେ ହେଉଥିବା ଆତଙ୍କବାଦୀ ଆକ୍ରମଣ ଓ ଅନୁପ୍ରବେଶକାରୀଙ୍କୁ କିପରି ପ୍ରତିରୋଧ କରାଯାଇପାରିବ ଏହାର ସମସ୍ତ କଳାକୌଶଳ ପ୍ରଦର୍ଶନ କରିବେ ୧୮ ରୁ ଉର୍ଦ୍ଧ୍ୱ ବିଭାଗ। ଗଭୀର ସମୁଦ୍ରରେ ଇଣ୍ଡିଆନ ନ୍ୟାଭି, କୂଳରେ କୋଷ୍ଟଗାର୍ଡ , ମେରାଇନ ପୋଲିସ ଓ ମତ୍ସ୍ୟ ବିଭାଗ ପଇଁତରା ମାରିବା ସହିତ ଅନ୍ୟ ବିଭାଗ ଗୁଡିକ ସ୍ଥଳଭାଗରେ ଉପକୂଳକୁ ସୁରକ୍ଷା ଦେବେ । ୧୮ରୁ ଉର୍ଦ୍ଧ୍ୱ ବିଭାଗକୁ ଦୁଇଟି ବିଭାଗରେ ବିଭକ୍ତ କରାଯାଇ ଗୋଟିଏ ବିଭାଗ ରେଡ ଟିମ ଆତଙ୍କବାଦୀ ରୂପରେ ଜଳପଥରୁ ଆସି ସ୍ଥଳପଥରେ ଆକ୍ରମଣ କରିବାକୁ ଯୋଜନା କରିବେ ଏବଂ ଏହି ଆକ୍ରମଣକୁ ପଣ୍ଡ କରିବା ପାଇଁ ଆଉ ଗୋଟିଏ ବ୍ଲୁ ଟିମ ସ୍ଥଳଭାଗରେ ପ୍ରତିରୋଧ କରିବା ସହିତ ଆକ୍ରମଣ ଉଦ୍ୟମକୁ ପଣ୍ଡକରିବ । ଚଳିତବର୍ଷ କମ୍ପାଇଣ୍ଡ କୋଷ୍ଟାଲ ଏକ୍ସରସାଇଜ ସାଗର କବଚ -୧ କାଯ୍ୟକ୍ରମ ରେ ଭାଗ ନେଉଛନ୍ତି ଇଣ୍ଡିଆନ ନ୍ୟାଭି, କୋଷ୍ଟଗାର୍ଡ, ସିଆଇଏସଏଫ, ମତ୍ସ୍ୟବିଭାଗ, ମେରାଇନ ପୋଲିସ, କଷ୍ଟମ ବିଭାଗ, ଅଗ୍ନିଶମ ବିଭାଗ, ଓଡିଶା ପୋଲିସ ଓ ବନ ବିଭାଗ, ପାରାଦ୍ୱୀପ ବନ୍ଦର ପ୍ରଭୃତି ୧୮ ରୁ ଉର୍ଦ୍ଧ୍ୱ ବିଭାଗ ।୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଉପକୂଳର ସୁରକ୍ଷା ପାଇଁ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରତ୍ୟକ ବର୍ଷ ଦୁଇଥର ମିଳିତ ସମରାଭ୍ୟାସ ସାଗର କବଚ ଆୟୋଜିତ ହେଉଛି । ୨୬/୧୧ ମୁମ୍ବାଇ ଆକ୍ରମଣ ପରେ ସମଗ୍ର ଭାରତ ବର୍ଷରେ ଥିବା ଉପକୂଳ ବନ୍ଦର ମାନଙ୍କରେ ଆୟୋଜିତ ହେଉଛି ଏହି ମିଳିତ ସମରାଭ୍ୟାସ ।

## ଶଶୁର ଘରେ ଜ୍ୱାଇଁର ଆକ୍ରମଣ

ବୈଶିଙ୍ଗା, ୨୦/୩ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଧନାପାଳ ଗ୍ରାମରେ ଶ୍ୱଶୁର ଘରକୁ ଜ୍ୱାଇଁ ବୁଲିବାକୁ ଆସିଥିବା ବେଳେ ଆକ୍ରମଣର ଶିକାର ହୋଇଥିବା ସୂଚନା ମିଳିଛି। ବଡ଼ସାହି ଅଞ୍ଚଳର ଶ୍ରୀମାନ ସିଂ ନାମକ ବ୍ୟକ୍ତି ନିଜ ଶ୍ୱଶୁର ଘର ଧନାପାଳ ଗ୍ରାମକୁ ବୁଲି ଆସିଥିବା ବେଳେ ତାଙ୍କ ସମ୍ପର୍କୀୟ ଶଳା ଶିବ ସିଂ ତାଙ୍କ ସହଯୋଗୀ ସପନ ସିଂ ସହିତ ମିଶି ଶ୍ରୀମାନ ସିଂଙ୍କୁ ଏକ ନିଛାଟିଆ ସ୍ଥାନକୁ ଡ଼ାକି ନେଇଯାଇଥିଲେ। ଶ୍ରୀମାନ ସେମାନଙ୍କ କଥାକୁ ବିଶ୍ୱାସ କରି ସେମାନଙ୍କ ସହିତ ଯାଇଥିଲେ। ତେବେ ଏକ ନିଛାଟିଆ ସ୍ଥାନରେ ଉଭୟେ ମିଶି ଶ୍ରୀମାନଙ୍କୁ ମାଡ଼ ମାରି ହାତଗୋଡ ବାନ୍ଧି ପକାଇ ତାଙ୍କ ମୋବାଇଲ୍ ଓ ପାଖରେ ଥିବା ୫ ହଜାର ଟଙ୍କା ଛଡ଼ାଇ ନେଇ ପଳାଇଯାଇଥିଲେ। ଅଭିଯୋଗ ପାଇବା ପରେ ଏ ସଂକ୍ରାନ୍ତରେ ବୈଶିଙ୍ଗା ପୋଲିସ ପକ୍ଷରୁ କେସ୍ ନଂ ୭୩ ରୁଜୁ କରାଯାଇ ମୁଖ୍ୟ ଅଭିଯୁକ୍ତ ସପନକୁ ଗିରଫ କରିଥିବା ବେଳେ ଅନ୍ୟତମ ଅଭିଯୁକ୍ତ ଶିବ ଏବେବି ଫେରାର ରହିଛି।

## ବଡ଼ସାହିରେ ବିଶ୍ୱ ପଖାଳ ଦିବସ ପାଳିତ

ବଡ଼ସାହି, ୨୦/୩ (ନି.ପ୍ର): ସ୍ଥାନୀୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଓ ସମ୍ବାଦ ସାହିତ୍ୟ ଘର,ବଡ଼ସାହି ଦୁଇ ଅନୁଷ୍ଠାନର ମିଳିତ ସହଯୋଗରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଅଛି। ପାଗର ପ୍ରତିକୂଳତା ସତ୍ତ୍ୱେ ଦୁଇ ଅନୁଷ୍ଠାନର ପ୍ରାୟ ପଚାଶ ଜଣ ସଦସ୍ୟ ଓ ସଦସ୍ୟା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ନିଆରା ଓଡ଼ିଆ ସଂସ୍କୃତିର ପରିଚାୟକ ଦହି ପଖାଳ ଖାଦ୍ୟ ସାଙ୍ଗକୁ ପାରମ୍ପରିକ ବ୍ୟଞ୍ଜନ ଖାଇ ଦିବସଟିକୁ ପାଳନ କରିଥିଲେ। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବଡ଼ସାହିର ସଭାପତି ଶ୍ରୀଯୁକ୍ତ ରଣଜିତ୍ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଭୟ ସଂଗଠନର ସଦସ୍ୟ ସଦସ୍ୟାମାନେ ନିଜେ ମିଳିତ ଭାବେ ପଖାଳ ଓ ତରକାରୀ ପ୍ରସ୍ତୁତ କରିଥିଲେ ଓ ସମୂହ ପଂକ୍ତି ଭୋଜନରେ ବସି ଖାଦ୍ୟ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ସମ୍ପାଦନରେ ସସ୍ତୀକ ସନ୍ତୋଷ କୁମାର ବିଶ୍ୱାଳ, ଅନନ୍ତ କୁମାର ଶତପଥି,ବିରଞ୍ଚି ନାରାୟଣ ପତି, ପ୍ରଶାନ୍ତ କୁମାର ବେହେରା, ତ୍ରିଲୋଚନ ବେହେରା, ବ୍ରଜଗୋପାଳ ଦଣ୍ଡପାଟ, ଶଚୀନ୍ଦ୍ର କୁମାର ବିଶ୍ୱାଳ, ସଂଯୁକ୍ତା ରାଉତ ଆଦି ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ସଂସ୍କୃତିର ସୁରକ୍ଷା ପାଇଁ ଆୟୋଜିତ ଓ ଅନୁଷ୍ଠିତ ଏଭଳି ଏକ ମହତ କାର୍ଯ୍ୟକ୍ରମକୁ ସ୍ଥାନୀୟ ଜନସାଧାରଣ ଭୂରି ଭୂରି ପ୍ରଶଂସା କରିଅଛନ୍ତି।



## ଶିକାରୀ ଗୁଳିମାଡ଼ ପରେ ପୋଲିସ ଓ ବନବିଭାଗର ମିଳିତ ଚଢାଉ: ଦେଶୀ ବନ୍ଧୁକ ତିଆରି କାରଖାନା ସିଜ୍ ସହ ଜଣେ ଗିରଫ



ନୀଳଗିରି , ୨୦/୩ (ନି.ପ୍ର): ଗତ ସୋମବାର ମଧରାତ୍ରୀରେ କୁଲଡ଼ିହା ଅଭୟାରଣ୍ୟ ମଧରେ ଦୁଇ ଶିକାରୀ ଗୁଳିମାଡ଼ରେ ଦୁଇ ବନକର୍ମଚାରୀ ଗୁରୁତର ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଉଭୟ ବିପଦମୁକ୍ତ ଥିବା ପିସିସିଏଫ ସୂଚନା ଦେଇଛନ୍ତି। ତେବେ ଉକ୍ତ ଘଟଣାପରେ ବନବିଭାଗ ତତ୍ପର ହୋଇଛି। ବୁଧବାର ସକାଳେ କୁଳଡିହା ରେଞ୍ଜର ପ୍ରବୀର ମୁର୍ମୁଙ୍କ ନେତୃତ୍ୱରେ ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀ,ଫରେଷ୍ଟ ଗାର୍ଡ, ସବୁଜବାହିନୀ ଓ ନୀଳଗିରି ପୋଲିସ ଏଏସଆଇ ଖଗେନ୍ ମଲ୍ଲିକ ଏବଂଅନ୍ୟ ପୋଲିସ କର୍ମଚାରୀଙ୍କ ମିଳିତ ଚଢାଉରେ ଔପଦା ବ୍ଲକ୍ କାଣ୍ଡଗରଡି ପଞ୍ଚାୟତ ମଲ୍ଲିବଣିଆ ଗ୍ରାମର ଜଗବନ୍ଧୁ ସିଂ (୫୩)ନାମକ ବ୍ୟକ୍ତିଙ୍କ ଘରୁ ଗୋଟିଏ ଲୌହ ବ୍ୟାରେଲ ବନ୍ଧୁକ,୪ଟି ବ୍ୟାରେଲ୍ ନଥିବା ଦେଶୀ ବନ୍ଧୁକ, ୩ଟି ଲୁହାର୍‌ବ୍ୟାରେଲ, ୨ଟି କାଠ ତିଆରି ପିସ୍ତଲ, ଗୋଟିଏ ଡ୍ରିଲ ମେସିନ ସହ ବନ୍ଧୁକ ତିଆରି ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିବା ସୂଚନା ମିଳିଛି। ତେବେ ଯାହା ଖବର ହସ୍ତଗତ ହୋଇଛି ଜଗବନ୍ଧୁଙ୍କ ଘରେ ଦେଶୀ ବନ୍ଧୁକ ତିଆରି କାରଖାନା ଚାଲୁଥିଲା।ଏନେଇ ନୀଳଗିରି ଥାନାରେ ୮୮/୨୪ରେ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି ।

## ଡିଆରଆଇ ୧୦୦ କୋଟି ଟଙ୍କା ମୂଲ୍ୟର କୋକେନ ଜବତ

ମୁମ୍ବାଇ, ୨୦/୩ (ନି.ପ୍ର): ରାଜସ୍ୱ ଇଂଟେଲିଜେନ୍‌ସ ନିର୍ଦ୍ଦେଶାଳୟର ମୁମ୍ବାଇର ଜୋନାଲ ୟୁନିଟ୍ ବୁଧବାର ମୁମ୍ବାଇ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ୯.୮୨୯ କିଲୋଗ୍ରାମ କୋକେନ ନେଇ ଦୁଇଜଣ ବିଦେଶୀ ମହିଳା ଯାତ୍ରୀଙ୍କୁ ଗିରଫ କରିଛି । ଏହି ଦୁଇ ମହିଳାଙ୍କୁ ପଚରା ଉଚୁରା କରିବା ପରେ ଡିଆରଆଇ ମଧ୍ୟ ଜଣେ ନାଇଜେରିଆ ନାଗରିକ ତଥା ତାଙ୍କ ସହଯୋଗୀଙ୍କୁ ଉତରପ୍ରଦେଶର ଗ୍ରେଟର ନୋଏଡ଼ାରୁ ଗିରଫ କରିଥିଲା। ଜବତ ହୋଇଥିବା କୋକେନର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ୧୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି ।ଡିଆରଆଇ ବିବୃତି ଅନୁଯାୟୀ ମୁମ୍ବାଇ ବିମାନବନ୍ଦରରେ ଗିରଫ ହୋଇଥିବା ଦୁଇଜଣ ମହିଳାଙ୍କ ମଧ୍ୟରୁ ଜଣେ ଥାଇଲାଣ୍ଡର ନାଗରିକ ଏବଂ ଅନ୍ୟ ଜଣେ ଇଣ୍ଡୋନେସିଆର ନାଗରିକ । ଉଭୟ ଇଥିଓପିଆର ରାଜଧାନୀ ଅଦିସ ଅବାବାଠାରୁ ମୁମ୍ବାଇରେ ପହଂଚିଥିଲେ ।

## ପାଣିରେ ଭାସୁଛି ମୁଗ ଫସଲ



ବାଲିଆପାଳ , ୨୦/୩ (ନି.ପ୍ର): କାଳ ବୈଶାଖୀ ଯୋଗୁଁ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଚାଷୀଙ୍କର ଖରିଫ୍ ମୁଗ ବିରି ଚାଷର ବ୍ୟାପକ କ୍ଷତି ହୋଇଛି। ଗଲା ଦୁଇ ଦିନ ଧରି କାଳ ବୈଶାଖୀ ପ୍ରଭାବରେ ଲଗାଣ ବର୍ଷା ଲାଗି ରହିଛି। ଚାଷୀଙ୍କ ମୁଗ ବିରି ଚାଷ ଜମିରେ ଏବେ ବର୍ଷା ପାଣି ଜମି ରହିଛି। ପାଣି ଜମି ରହିବା ଯୋଗୁଁ ଚାଷ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି। ବାଲିଆପାଳ ଅଞ୍ଚଳରେ ଉଭୟେ ସୁବର୍ଣ୍ଣ ରେଖା ନଦୀ ଅବବାହିକା ଓ ଦକ୍ଷିଣରେ ବଙ୍ଗୋପ ସାଗର ଉପକୂଳ ରେ ଖରିଫ୍ ମୁଗ ବିରି ଚାଷ ପ୍ରଚୁର ପରିମାଣରେ ହୋଇଥା ଏ। ସ୍ୱଳ୍ପ ଖର୍ଚ୍ଚ ରେ ଏଥିରୁ ଚାଷୀ ଅଧିକ ଲାଭ ପାଇ ଥାଆନ୍ତି। ଚଳିତ ବର୍ଷ ପାଣି ପାଗ ଅନୁକୂଳ ଥିବାରୁ ଏ ଅଞ୍ଚଳରେ ଚାଷୀ ମାନେ ଅଧିକ ଚାଷ କରିଥିଲେ। ଚାଷୀଙ୍କୁ କ୍ଷତି ପୂରଣ ଦେବାକୁ ଦାବି ହୋଇଛି।

## ନବୀନ ନିବାସରେ କୋରାପୁଟ ଲୋକସଭା କ୍ଷେତ୍ର ନେଇ ବିଜେଡିର ବୈଠକ

ଭୁବନେଶ୍ୱର, ୨୦/୩ (ନି.ପ୍ର): କୋରାପୁଟ ଲୋକସଭା କ୍ଷେତ୍ର ନେଇ ବିଜେଡିର ବୈଠକ ଆଜି ନବୀନ ନିବାସରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଅତନୁ ସବ୍ୟସାଚୀ ନାୟକ, ଜଗନ୍ନାଥ ସାରକା, ପିତମ ପାଢ଼ୀ ଉପସ୍ଥିତ ରହିଛନ୍ତି । ସେହିପରି ଭାସ୍କର ରାଓ, ଦିବ୍ୟଶଙ୍କର ମିଶ୍ର ଓ ରବି ନନ୍ଦ ମଧ ଉପସ୍ଥିତ ଥିଲେ । ବୈଠକ ପରେ କୋରାପୁଟ ଜିଲ୍ଲା ପର୍ଯ୍ୟବେକ୍ଷକ ଦିବ୍ୟ ଶଙ୍କର ମିଶ୍ର ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫ଟି ଅଧକ୍ଷ କାର୍ତ୍ତିକେୟନ ପାଣ୍ଡିଆନ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ କୋରାପୁଟ ଲୋକସଭା ନେଇ ଆଲୋଚନା ହୋଇଛି । କିପରି ନିର୍ବାଚନ ପାଇଁ ସଂଗଠନ ମଜବୁତ କରାଯିବ, ସେଥିପାଇଁ ପ୍ରତି ନିର୍ବାଚନ ମଣ୍ଡଳୀ ନେଇ ଚର୍ଚ୍ଚା ହୋଇଛି । ସଂଗଠନ ଦୃଷ୍ଟିରୁ କିପରି କୋରାପୁଟରେ ଅଧିକସଂଗଠିତ ହେବୁ ଓ ନିର୍ବାଚନ ଜିତିବୁ, ସେ ନେଇ ଆଲୋଚନା ହୋଇଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, କୋରାପୁଟ ସଂସଦୀୟ କ୍ଷେତ୍ରର ସଂଗଠନ ନେଇ ଆଲୋଚନା ହୋଇଛି. କେମିତି ସମସ୍ତେ ମିଳମିଶି ସଂଗଠନ ପାଇଁ କାମ କରିବା, ତାହା ବି ଆଲୋଚନା ହୋଇଛି।

## ରାମ ନବମୀ ପାଇଁ ବାରିପଦାରେ ପ୍ରସ୍ତୁତି ଆରମ୍ଭ



ବାରିପଦା, ୨୦/୩ (ନି.ପ୍ର): ଏପ୍ରିଲ ୧୭ ତାରିଖରେ ପାଳିତ ହେବାକୁ ଯାଉଥିବା 'ରାମ ନବମୀ ଉତ୍ସବ' ପାଇଁ ଏଠାରେ ଇତିମଧରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଶ୍ୱ ହିନ୍ଦୁ ପରିଷଦର 'ଶ୍ରୀରାମ ନବମୀ ମହୋତ୍ସବ ସମିତି' ପକ୍ଷରୁ ଏଥର ମୟୂରଭଞ୍ଜର ପୁରପଲ୍ଲୀରେ ଏଇ ଉତ୍ସବକୁ ପାଳନ କରାଯିବା ସହ ଜିଲ୍ଲାର ସଦର ମହକୁମା ବାରିପଦାରେ ପୂର୍ବାପେକ୍ଷା ଅଧିକ ଧୁମଧାମରେ ଏହାର ଆୟୋଜନ କରାଯିବ ବୋଲି ସମିତି ସଂଯୋଜକ କବିବିଷ୍ଣୁ ଶତପଥୀ ଏଠାରେ ସୂଚନା ଦେଇଛନ୍ତି। ଜିଲ୍ଲାସ୍ତରୀୟ 'ଶ୍ରୀରାମ ନବମୀ ମହୋତ୍ସବ' ପାଇଁ ୟା' ଭିତରେ ଅନ୍ୟୂନ ତିନିଟି ବଡ଼ ଧରଣର ବୈଠକ ବସି 'ପୂର୍ବ ଯୋଜନା, ପୂର୍ଣ୍ଣ ଯୋଜନା' ପ୍ରସ୍ତୁତ କରାଯାଇଥିବା ଜଣାଯାଇଛି। ଶ୍ରୀରାମ ନବମୀ ଅବସରରେ ବାରିପଦାରେ କ୍ରମାଗତ ଭାବେ ତୃତୀୟ (ବର୍ଷ) ଥର ପାଇଁ ହେବାକୁ ଯାଉଥିବା ଏ ପ୍ରକାରର ଏହି ବର୍ଣ୍ଣାଢ୍ୟ ସଭା, ଶୋଭାଯାତ୍ରା, ସଂକୀର୍ତ୍ତନ, ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଅଧିକ ସୁନ୍ଦର, ଶୋଭନୀୟ, ଶାନ୍ତିପୂର୍ଣ୍ଣ ଓ ସର୍ବସ୍ପର୍ଶୀ ହୋଇ କେମିତି ସ୍ୱାଭିମାନ, ସଂସ୍କୃତିପ୍ରେମ ଓ ସାମାଜିକ ସମରସତାର ସନ୍ଦେଶ ଦେବ, ସେ ଦୃଷ୍ଟିରୁ ଉଦ୍ୟମ ଚାଲିଛି ବୋଲି ଶ୍ରୀ ଶତପଥୀ ପ୍ରକାଶ କରିଛନ୍ତି ।କାର୍ଯ୍ୟକ୍ରମ ପାଇଁ ଅଦ୍ୟାବଧି ହୋଇଯାଇଥିବା ଏକାଧିକ ପ୍ରସ୍ତୁତି ବୈଠକ/ସମାବେଶରେ ସର୍ବଶ୍ରୀ ହରିହର ତ୍ରିପାଠୀ, ହରିହର ପଣ୍ଡା, ବିଶ୍ୱଜିତ ରଣା, ଦିବ୍ୟରଞ୍ଜନ ବିଶ୍ୱାଳ, କୃଷ୍ଣ ରାମ, ତାପସ ପାଢ଼ୀ, ଅଜିତ ଦଳେଇ, ସରୋଜ ପ୍ରହରାଜ, ଗୌରହରି ପାତ୍ର, ଫକୀର ସିଂ, ମାନସ ସାହୁ, ଜ୍ଞାନ ରଞ୍ଜନ ଜେନା, କଳ୍ପତରୁ ରାୟବାବୁ, ପ୍ରବୀର ଦାସବାବୁ, ଅମିତ ନାୟକ, ସତ୍ୟନାଥ ପରିଡ଼ା, ଅଭିନବ ଭଞ୍ଜଦେଓ, ଅବିନାଶ ମୁଖୀ, ମନୋରଞ୍ଜନ ଗିରି, ପ୍ରକାଶ ପୃଷ୍ଟି, ସସ୍ମିତା ପୃଷ୍ଟି, ହେମଲତା ଦାସ, ଅଭୀପ୍ସା ପଣ୍ଡା ଓ ତପସ୍ୱିନୀ କବି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ସୂଚନା ମିଳିଛି।

## ନିର୍ବାଚନ ପାଇଁ କପ୍ତିପଦା ଉପଖଣ୍ଡ ଚଳ ଚଂଚଳ

ଉଦଳା , ୨୦/୩ (ନି.ପ୍ର): ସାଧାରଣ ନିର୍ବାଚନ - ୨୦୨୪ ପାଇଁ ସମଗ୍ର କପ୍ତିପଦା ଉପଖଣ୍ଡ ଚଳଚଂଚଳ ହୋଇ ଉଠିଛି । ଇତି ମଧରେ ଚଳିତ ମାର୍ଚ୍ଚ ୧୪ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଉଦଳା ମହାବିଦ୍ୟାଳୟ, ଉଦଳା ଉଚ୍ଚ ବିଦ୍ୟାଳୟ, ଉଦଳା ବାଳିକା ଉଚ୍ଚ ବିଦ୍ୟାଳୟ, କପ୍ତିପଦା ଉଚ୍ଚ ବିଦ୍ୟାଳୟ ଓ ଖୁଂଟା ଉଚ୍ଚ ବିଦ୍ୟାଳୟ, ମୋଟ ୫ଟି ତାଲିମ କେନ୍ଦ୍ରରେ ସମୁଦାୟ ୨୫୦୦ ଜଣ ପ୍ରିଜାଇଡ଼ିଂ ଓ ପୋଲିଂ ଅଫିସରଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସେହିପରି ନୋଡ଼ାଲ ଅଫିସର ଓ ବିଭାଗୀୟ କର୍ମଚାରୀ ମାନଙ୍କର ଏକ ତାଲିମ ଚଳିତ ମାର୍ଚ୍ଚ ୧୯ ତାରିଖ ଦିନ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସମ୍ମିଳନି କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ , ଆଇଟିଡ଼ିଏର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି ଓ ଡ଼େପୁଟି କଲେକ୍ଟର ପ୍ରତୀକ ପଣ୍ଡାଙ୍କ ନେତୃତ୍ୱରେ ତାଲିମ କାର୍ଯ୍ୟକ୍ରମ ପରିଚାଳିତ ହୋଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo